RNI No.ODIODI/2010/33031
୧୭ ବର୍ଷ Volume-17
ISSUE -183 ସଂଖ୍ୟା-୧୮୩
ଭୁବନେଶ୍ୱର, ସୋମବାର ୦୫ ଅକ୍ଟୋବର ୨୦୨୬
Bhubaneswar, Monday 05 October, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ‘ଜୀବନ ଜିନ୍ଦାବାଦ- ୨.୦’ ଆରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୧୦(ନି.ପ୍ର) : ସ୍ଥାନୀୟ ରେଳ ଅଡ଼ିଟୋରିଅମଠାରେ କମିଶନରେଟ୍ ପୋଲିସ, ଆଜି ଆୟୋଜନ କରିଥିବା ଜନସଚେତନତା କାର୍ଯ୍ୟକ୍ରମ ‘ଜୀବନ ଜିନ୍ଦାବାଦ- ୨.୦’ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟରୁ ନିଶାକୁ ମୂଳପୋଛ କରିବା ପାଇଁ ଦୃଢ଼ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କମିଶନରେଟ୍ ପୋଲିସର ‘ନିଶାମୁକ୍ତ ଭାରତ’ ସମ୍ବନ୍ଧୀୟ ଏକ ସ୍ୱତନ୍ତ୍ର ୱେବସାଇଟ୍ର ଶୁଭାରମ୍ଭ କରିଥିଲେ । ନିଶା କେବଳ ବ୍ୟକ୍ତିଗତ ଜୀବନକୁ ନୁହେଁ, ବରଂ ସମଗ୍ର ପରିବାର ଓ ସମାଜକୁ ବରବାଦ କରିଦେଉଛି ବୋଲି ମତପ୍ରକାଶ କରି ମୁଖ୍ୟମନ୍ତ୍ରୀ ରାଜ୍ୟସରକାରଙ୍କ ପକ୍ଷରୁ ନିଶା ବିରୁଦ୍ଧରେ ‘ଜିରୋ ଟଲରେନ୍ସ’ ନୀତି ଜାରି ରହିଥିବା ସ୍ପଷ୍ଟ କରିଛନ୍ତି । ମାନବ ଜୀବନକୁ ଈଶ୍ୱରଙ୍କ ଏକ ଅମୂଲ୍ୟ ବରଦାନ ବୋଲି ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜୀବନରେ ଯେତେ ବାଧାବିଘ୍ନ ଓ ବିଫଳତା ଆସିଲେ ମଧ୍ୟ ସେଗୁଡ଼ିକୁ ସାମ୍ନା କରି ଆଗକୁ ବଢ଼ିବା ହେଉଛି ପ୍ରକୃତ ଜୀବନ । ଗତ ବର୍ଷ ଆରମ୍ଭ ହୋଇଥିବା ‘ଜୀବନ ଜିନ୍ଦାବାଦ’ ଅଭିଯାନ ଆତ୍ମହତ୍ୟା ପ୍ରବୃତ୍ତିକୁ ରୋକିବାରେ ବଡ଼ ସଫଳତା ଦେଇଥିବାବେଳେ, ବର୍ତ୍ତମାନର ‘ଜୀବନ ଜିନ୍ଦାବାଦ ୨.୦’ ଯୁବବର୍ଗଙ୍କୁ ନିଶାରୁ ଦୂରେଇ ରଖି ଶିକ୍ଷା, କ୍ରୀଡ଼ା ଓ ସୃଜନଶୀଳତା ଆଡ଼କୁ ଆକର୍ଷିତ କରିବାର ଏକ ବ୍ୟାପକ ପ୍ରୟାସ ବୋଲି ସେ ମତବ୍ୟକ୍ତ କରିଛନ୍ତି ।



ଏହି ଅବସରରେ ରାଜ୍ୟର ପ୍ରତିଷ୍ଠିତ କଳାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ‘ଜୀବନ ଜିନ୍ଦାବାଦ’, ‘ନିଶାମୁକ୍ତ ଯୁବସମାଜ ବିକଶିତ ଭାରତ’ ଏବଂ ସଚେତନମୂଳକ ନାଟକ ‘ଭୂତ ମଣିଷର ନିଶାକୁ ନା’ ମଞ୍ଚସ୍ଥ ହୋଇଥିଲା। ଏହି ସମସ୍ତ ନାଟକ ଓ ନୃତ୍ୟ ପ୍ରଦର୍ଶନଗୁଡ଼ିକର ଭୂୟସୀ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ନାଟକଗୁଡ଼ିକରୁ ପ୍ରତ୍ୟେକେ ଜୀବନ ଜିଇଁବାର ପ୍ରକୃତ ଶିକ୍ଷା ନେବା ଉଚିତ। ସାମ୍ପ୍ରତିକ ପରିସ୍ଥିତିରେ ଅଧିକାଂଶ ଜଘନ୍ୟ ଅପରାଧ ଓ ମହିଳା ହିଂସା ପଛରେ ନିଶା ସେବନ ମୁଖ୍ୟ କାରଣ ପାଲଟିଥିବା ନେଇ ଗଭୀର ଚିନ୍ତା ପ୍ରକଟ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦେଶରେ ପ୍ରତିବର୍ଷ କେବଳ ମଦ୍ୟପାନ କାରଣରୁ ପ୍ରାୟ ୨ ଲକ୍ଷ ୬୦ ହଜାରରୁ ୨ ଲକ୍ଷ ୮୦ ହଜାର ବ୍ୟକ୍ତିଙ୍କ ମୃତ୍ୟୁ ହେଉଛି। ମଦ୍ୟପାନ କରି ଗାଡ଼ି ଚଳାଇ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ତାଲିକାରେ ଓଡିଶା ଦ୍ୱିତୀୟ ସ୍ଥାନରେ ରହିବା ଅତ୍ୟନ୍ତ ଚିନ୍ତାଜନକ ବୋଲି ସେ ସ୍ୱୀକାର କରିଛନ୍ତି। କେବଳ ମଦ ନୁହେଁ, ଗଞ୍ଜେଇ, ଅଫିମ, କୋକେନ, ହେରୋଇନ, ବ୍ରାଉନ ସୁଗାର ଓ ସିନ୍ଥେଟିକ୍ ଡ୍ରଗ୍ସ ଭଳି ହାଇ-ରିସ୍କ ଡ୍ରଗ୍ସ ବିରୁଦ୍ଧରେ ରାଜ୍ୟର ପୋଲିସ ଓ ଅବକାରୀ ପ୍ରଶାସନ ଆହୁରି ଅଧିକ କଠୋର ପ୍ରୋ-ଆକ୍ଟିଭ ପଦକ୍ଷେପ ନେବ ବୋଲି ସେ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟ ସରକାରଙ୍କ ଗ୍ରହଣ କରାଯାଇଥିବା ବିଭିନ୍ନ ଦୃଢ଼ ପଦକ୍ଷେପଗୁଡ଼ିକୁ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଜଣାଇଲେ ଯେ ଗତ ଏପ୍ରିଲ ପହିଲାରୁ ନୂତନ ଅବକାରୀ ନୀତି ଅନୁସାରେ ଆଗାମୀ ତିନି ବର୍ଷ ପର୍ଯ୍ୟନ୍ତ କୌଣସି ନୂଆ ମଦ ଦୋକାନ ଖୋଲାଯିବ ନାହିଁ। ଏହାସହ ଚୋରା ଓ ବିଷକ୍ତ ମଦ କାରବାର ପାଇଁ ସ୍ଥାନୀୟ ପ୍ରଶାସନକୁ ଉତ୍ତରଦାୟୀ କରାଯାଇଛି। ତମାଖୁ ଓ ନିକୋଟିନ୍ ଯୁକ୍ତ ପାନ ମସଲା ଏବଂ ଗୁଟ୍କା ଉତ୍ପାଦନ ଓ ବିକ୍ରୟକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବା ସାଙ୍ଗକୁ ସ୍କୁଲ ଓ କଲେଜ କ୍ୟାମ୍ପସକୁ ‘ନିଶା ନିଷିଦ୍ଧ’ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ଦେଶର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଦ୍ୱାରା ୨୦୨୯ ଶେଷ ସୁଦ୍ଧା ଭାରତକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ଘୋଷିତ ‘ଡେଡ୍ଲାଇନ୍’କୁ ସାକାର କରିବା ଦିଗରେ ଓଡିଶା ସରକାର ପ୍ରତିବଦ୍ଧ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଶେଷରେ, ପିତାମାତାମାନେ ନିଜ ପିଲାମାନଙ୍କ ଆଚରଣ ଓ ବ୍ୟବହାରରେ ପରିବର୍ତ୍ତନକୁ ଲକ୍ଷ୍ୟ କରି ଏହାକୁ ‘ରେଡ୍-ଫ୍ଲାଗ୍’ ଭାବେ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଯୁବପିଢ଼ି ନିଶାଠାରୁ ଦୂରେଇ ରହି ସେହି ଟଙ୍କାକୁ ପ୍ରୋଟିନ ଓ ଏନର୍ଜି ଡ୍ରିଙ୍କ୍ସ ପରି ସ୍ୱାସ୍ଥ୍ୟକର ଜିନିଷରେ ଖର୍ଚ୍ଚ କରିବାକୁ ଆଗ୍ରହୀ ହେବା ଏକ ଆଶାର କିରଣ ବୋଲି ସେ କହିଥିଲେ। “ନିଶାକୁ ନାଁ, ଜୀବନକୁ ହଁ” ଏବଂ “ଖସଲର ସସ୍ପ ଭରବଙ୍କସ୍ପସଲଙ୍କକ୍ଷ, ଉକ୍ଟଭ’ସ୍ପ ୟରସ୍ପସ୍ପକ୍ଟକ୍କଛ ସସ୍ପ”ର ବାର୍ତ୍ତାକୁ ପ୍ରତ୍ୟେକ ଗାଁ ଓ ସହରରେ ପହଞ୍ଚାଇ ଏକ ସୁସ୍ଥ, ସଚେତନ ଓ ସମୃଦ୍ଧ ଓଡିଶା ଗଠନ ପାଇଁ ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି।

ଏହି କାର୍ଯ୍ୟକ୍ରମରେ ପୋଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର, ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂହଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ, ବିଶିଷ୍ଟ ଅତିଥି ଏବଂ ବହୁସଂଖ୍ୟାରେ ଛାତ୍ରଛାତ୍ରୀ ଓ ଯୁବବର୍ଗ ଉପସ୍ଥିତ ଥିଲେ।

## ଭୁବନେଶ୍ୱରରେ ବନ୍ଧୁକ ଦେଖାଇ ଯୁବତୀଙ୍କୁ ଦୁଷ୍କର୍ମ ଘଟଣା; ଅଭିଯୁକ୍ତର ୨ ସହଯୋଗୀ ଗିରଫ

ଭୁବନେଶ୍ୱର,୪।୧୦(ନି.ପ୍ର ): ନୟାପଲ୍ଲୀ ଥାନା ଅଞ୍ଚଳରେ ଘରେ ପଶି ଦୁଷ୍କର୍ମ ମାମଲାର ଅଭିଯୁକ୍ତ ଶ୍ରୀଧର ପଣ୍ଡାକୁ ଗତକାଲି ପୁଲିସ ଏନକାଉଣ୍ଟର କରିଥିବାବେଳେ ଆଜି ତାର ୨ ସହଯୋଗୀଙ୍କୁ ଗିରଫ କରିଛି । ସେମାନେ ହେଉଛନ୍ତି ହରି ନାରାୟଣ ପ୍ରାସାଦ ଓ ନିଶିକାନ୍ତ ସାହୁ । ଏହି ଦୁଇ ଜଣ ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଚକେଇସିଆଣି ଅଞ୍ଚଳରେ ରହନ୍ତି ।

ଶ୍ରୀଧର ଦୁଷ୍କର୍ମ କରିବା ପରେ କ୍ୟାପିଟାଲ ଥାନା ଅଞ୍ଚଳରୁ ଏକ ବାଇକ ଚୋରି କରିଥିଲା ଓ ସେଥିରେ ବାରମ୍ବାର ବାରମ୍ବାର ସ୍ଥାନ ପରିବର୍ତ୍ତନ କରିଥିଲା । ପରେ ସେହି ବାଇକକୁ ସେ ହରି ନାରାୟଣ ପ୍ରାସାଦ ଓ ନିଶିକାନ୍ତ ସାହୁଙ୍କୁ ବିକ୍ରି କରିଦେଇଥିଲା । ଶ୍ରୀଧର ଯେଉଁ ବାଇକ ଚୋରି କରୁଥିଲା ସେମାନଙ୍କୁ ବିକ୍ରି କରୁଥିଲା । ସେମାନେ ବାଇକ ଗୁଡିକୁ କାଟି ସବୁ ପାର୍ଟ ଅଲଗା କରି ବିକ୍ରି କରୁଥିଲେ । କ୍ୟାପିଟାଲ ଥାନା ଅଞ୍ଚଳରୁ ଯେଉଁ ବାଇକଟି ଚୋରି ହୋଇଥିଲା, ତାହାର ମାଲିକ ଏତଲା ଦେଇଥିଲେ । ପୁଲିସ ତାହାର ତଦନ୍ତ କରି ହରି ନାରାୟଣ ପ୍ରାସାଦ ଓ ନିଶିକାନ୍ତ ସାହୁଙ୍କ ପାଖରେ ପହଞ୍ଚିଥିଲା । ଚୋରି ସାମଗ୍ରୀ କିଣିବା ଓ ବିକ୍ରି କରିବା ଅଭିଯୋଗରେ ପୁଲିସ ସେମାନଙ୍କୁ ଗିରଫ କରିଛି । ଗତକାଲି ଅପରାହ୍ନ ଚନ୍ଦକା ଅଞ୍ଚଳରେ ଶ୍ରୀଧର ପଣ୍ଡାକୁ କାବୁ କରିଥିଲା ପୁଲିସ । ସେ ଜଣେ ଏସଆଇଙ୍କୁ ପେଟକସରେ ଆକ୍ରମଣ କରି ଖସିଯିବାକୁ ଉଦ୍ୟମ କରିଥିବାବେଳେ ପୁଲିସ ତା ଗୋଡକୁ ଦୁଇଟି ଗୁଳି କରିଥିଲେ । ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା କରାଯାଇଥିଲା । ଡାକ୍ତରୀ ମାଇନା ପରେ ତାଙ୍କୁ କୋର୍ଟ ଚାଲାଣ କରାଯିବ ।

## ତଣ୍ଟି କାଟି ଯୁବକଙ୍କୁ ନିର୍ମମ ହତ୍ୟା , ପୁଲିସ୍ ହେପାଜତରେ ଅଭିଯୁକ୍ତ

କୁକୁଡାଖଣ୍ଡି, ୪।୧୦(ନି.ପ୍ର ) ପାର୍ବଣ ଆରମ୍ଭ ହେଉ ହେଉ ରକ୍ତରଞ୍ଜିତ ହେଲା ରେଶମ ସହର । ଯୁବକଙ୍କୁ ତଣ୍ଟିକାଟି ହତ୍ୟା । ଏଭଳି ଏକ ହତ୍ୟାକାଣ୍ଡ ସାମ୍ନାକୁ ଆସାଛି ବ୍ରହ୍ମପୁର ନିମଖଣ୍ଡି ଥାନା ଅନ୍ତର୍ଗତ ନିମଖଣ୍ଡି ଗାଁରେ । ନିମଖଣ୍ଡି ଗାଁର ଟୁନା ନାୟକକୁ ଛୁରୀରେ ତଣ୍ଟି କାଟି ହତ୍ୟା କରିଛି ତାର ସେହି ଗାଁର ରାଘବ ଓରଫ ବିଟୁ ସାହୁ । ଶନିବାର ବିଳମ୍ବିତ ରାତିରେ ଘଟିଛି ଏଭଳି ହତ୍ୟାକାଣ୍ଡ । ସୂଚନା ଅନୁଯାୟୀ ଉଭୟ ଟୁନା ଏବଂ ବିଟୁ ମିଶିକି



ମଦ୍ୟପାନ କରିଥିଲେ ।ପରେ କୌଣସିକଥାକୁନେଇ ଉଭୟଙ୍କ ମଧ୍ୟରେ ଝଗଡା ଜୋରରେ ହୋଇଥିଲା ।ଏଥିରେ ଉତକ୍ଷିପ୍ତ ହୋଇ ବିଟୁ ଏକ ଛୁରୀରେ ଟୁନାର ତଣ୍ଟିକୁ କାଟିଦେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା । ହତ୍ୟା କରାଯାଇଥିବା ଖବର ପାଇବା ପରେ ନିମଖଣ୍ଡିଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତ ଦେହକୁ ଜବତ କରି ଏମ କେସିଜି ବଡ଼ ମେଡିକାଲ କୁ ବ୍ୟବଛେଦ ନିମନ୍ତେ ପଠାଇ ଦିଆଯାଇଥିଲା ।ବିଭିନ୍ନ ସ୍ଥାନରେ ଚଢାଉ କରି ବିଟୁକୁ ପୋଲିସ ଗିରଫ କରିଥିବା ବେଳେ କାହିଁକି ଏଭଳି ନିର୍ମମ ହତ୍ୟା କଲା ସେନେଇ ଅଧିକ ଖୋଳତାଡ଼ ଜାରି ରଖିଛି ନିମଖଣ୍ଡି ଥାନା ପୋଲିସ । ସକାଳେ ଘଟଣା ସ୍ଥଳରେ ବ୍ରହ୍ମପୁର ଏସପି ଅଭିନବ ସୋନକର, ସଦର ଏସଡିପିଓ ଏସ୍? ଏସ୍ ପରିଡା, ଥାନା ଅଧିକାରୀ କୃଷ୍ଣ ଶାହା ଏବଂ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିଛନ୍ତି।ସାଇଣ୍ଟିଫିକ ଟିମ ହତ୍ୟାକାଣ୍ଡରେ ବ୍ୟବହୃତ ଦୁଇଟି ଛୁରୀ କୁ ଜବତ କରିଛି ।ଏହି ହତ୍ୟାକାଣ୍ଡରେ ପ୍ରାୟ ଚାରିଜଣଙ୍କ ସମ୍ପୃକ୍ତି ଥିବା ବ୍ରହ୍ମପୁର ଏସପି କହିଛନ୍ତି। ତେବେ ଟୁନା ଜଣେ ପେସାଦାର ଅପରାଧି ହୋଇଥିବା ବେଳେ ତା ନାଁରେ ସଦର ଥାନା ଏବଂ ନିମଖଣ୍ଡି ଥାନାରେ ଆଠ ଟି ଅପରାଧିକ ମାମଲା ରହିଛି ।ଏହାର ତଦନ୍ତ କରି ଖୁବଶୀଘ୍ର ଅନ୍ୟ ଅଭିଯୁକ୍ତକୁ ଗିରଫ କରାଯିବ ବୋଲି ଏସପି ଶ୍ରୀ ସୋନକର କହିଛନ୍ତି।

## ଏସୀୟ କ୍ରୀଡ଼ା ଉଦଯାପିତ :ଭାରତର ଧ୍ୱଜବାହକ ହେଲେ ନୀରୁ

ନୂଆଦିଲ୍ଲୀ,୪।୧୦(ନି.ପ୍ର ): ଜାପାନର ନାଗୋୟା ସିଟି ମିଜୁହୋ ପାର୍କ ଆଥଲେଟିକ୍ ଷ୍ଟାଡିୟମରେ ଆୟୋଜିତ ଏସୀୟ କ୍ରୀଡ଼ା ୨୦୨୬, ରଙ୍ଗାରଙ୍ଗ ଉଦଯାପନୀ ସମାରୋହ ସହ ସମାପ୍ତ ହୋଇଛି । ଏହି ଐତିହାସିକ ଅବସରରେ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଥିବା ତାରକା ଶୁଟର ନୀରୁ ଢାଣ୍ଡା, ଭାରତର ଧ୍ୱଜବାହାକ ହୋଇ ଥିଲେ । ନୀରୁ ଖୁବ୍ ଗର୍ବର ସହ ଭାରତର ଜାତୀୟ ପତାକା ତ୍ରିରଙ୍ଗାକୁ ଆକାଶରେ ଉଡ଼ାଇ ମାର୍ଚ୍ଚ ପାଷ୍ଟର ନେତୃତ୍ୱ ନେଇ ଥିଲେ ।ଉଦଯାପନୀ ସମାରୋହ ସମୟରେ ଯେତେବେଳେ ଭାରତୀୟ ଦଳ ଷ୍ଟାଡିୟମ ମଧ୍ୟକୁ ପ୍ରବେଶ କଲା, ସମଗ୍ର ପରିବେଶ ଭାରତ ମାତା କି ଜୟ ନାରାରେ ପ୍ରକମ୍ପିତ ହୋଇ ଉଠି ଥିଲା । ଶ୍ରୀଲଙ୍କା ଓ ଚୀନ୍ ପରେ ଯେତେବେଳେ ଭାରତୀୟ ଆଥଲେଟ ମାନେ ପଡ଼ିଆରେ ପାଦ ଥାପିଲେ, ସେମାନଙ୍କ ଚେହେରାରେ ଦେଶ ପାଇଁ ପଦକ ଜିତିବାର ଗର୍ବ ସ୍ପଷ୍ଟ ବାରି ହୋଇ ପଡୁ ଥିଲା । ହାତରେ ଛୋଟ ଛୋଟ ତ୍ରିରଙ୍ଗା ପତାକା ଧରି ଏବଂ ବିଜୟର ଚିହ୍ନ ଦେଖାଇ ଭାରତୀୟ



ଖେଳାଳିମାନେ ନେଇଥିବା ଫଟୋ ସବୁ ପ୍ରଶଂସକଙ୍କ ହୃଦୟ ଜିତି ନେଇଛି । ଥାଇଲ୍ୟାଣ୍ଡ ଓ କାମ୍ବୋଡିଆର ଖେଳାଳିଙ୍କ ପୂର୍ବରୁ ଭାରତୀୟ ଦଳ ସମ୍ପୂର୍ଣ୍ଣ ଷ୍ଟାଡିୟମ୍ ପରିକ୍ରମା କରିଥିଲା ।ଉଦଯାପନୀ ସମାରୋହ ସମୟରେ ଭାରତୀୟ କ୍ରୀଡ଼ାପ୍ରେମୀଙ୍କ ମନରେ ସେହିସବୁ ଗୌରବମୟ ମୁହୂର୍ତ୍ତର ସ୍ମୃତି ପୁଣି ଥରେ ତାଜା ହୋଇ ଉଠି ଥିଲା, ଯାହା ଭାରତକୁ ୮୫ଟି ପଦକ ସ୍ତରରେ ପହଞ୍ଚାଇ ଥିଲା । ଆଥଲେଟିକ୍ସ ଦଳ ସବୁଠାରୁ ଅଧିକ ୨୪ଟି ପଦକ ଭାରତ ପାଇଁ ଆଣି ଥିବା ବେଳେ ଶୁଟିଂରୁ ୧୫ଟି ଏବଂ ତୀରନ୍ଦାଜୀରୁ ୯ଟି ପଦକ ମିଳି ଥିଲା। ବନ୍ଧୁକ ଚାଳନାରେ ନୀରୁ ଢାଣ୍ଡାଙ୍କ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଭାରତର ସ୍ୱର୍ଣ୍ଣିମ ଅଭିଯାନକୁ ଏକ ନୂଆ ଉଚ୍ଚତାକୁ ନେଇ ଯାଇ ଥିଲା । ଏହି ସବୁ ପ୍ରତିଯୋଗିତାରେ ଭାରତୀୟ ଆଥଲେଟ୍ ମାନଙ୍କ ଦମଦାର ପ୍ରଦର୍ଶନ ପ୍ରମାଣିତ କରିଛି ଯେ ଭାରତ ଏବେ ପ୍ରତ୍ୟେକ ଖେଳରେ ବିଶ୍ୱକୁ କଡ଼ା ଟକ୍କର ଦେଉଛି ।

## କୁମ୍ଭୀର ସହ ଦେଢ଼ ଘଣ୍ଟାର ସଂଘର୍ଷ

ବୌଦ୍ଧ,୪।୧୦(ନି.ପ୍ର ) : ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ମାରଡ଼ା ଘାଟଠାରେ ମହାନଦୀରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ନଦୀକୁ ଗାଧୋଇବାକୁ ଯାଇଥିବା ଜଣେ ଯୁବକ କୁମ୍ଭୀର ଆକ୍ରମଣର ଶିକାର ହୋଇଥିବାବେଳେ ଦେଢ଼ ଘଣ୍ଟାର କଠିନ ସଂଘର୍ଷ ଏବଂ ଦୁଇ ଭାଇଙ୍କ ସାହସିକତା ଯୋଗୁଁ ଜୀବନ ବଞ୍ଚିଯାଇଛି । ଗୁରୁତର ଯୁବକ ଜଣଙ୍କ ହେଲେ ମାରଡ଼ା ଗ୍ରାମର ସୁଧୀର ବେହେରା। ତାଙ୍କୁ ସଙ୍କଟଜନକ ଅବସ୍ଥାରେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଅପରାହ୍ନ ସମୟରେ ସୁଧୀର ମହାନଦୀର ମାରଡ଼ା ଘାଟକୁ ଗାଧୋଇବା ପାଇଁ ଯାଇଥିଲେ। ଏହି ସମୟରେ ପୂର୍ବରୁ ଶିକାର ଅପେକ୍ଷାରେ ଥିବା ଏକ ଗୋମୁହାଁ କୁମ୍ଭୀର ହଠାତ୍ ସୁଧୀରଙ୍କ ବାମ ଗୋଡ଼କୁ ଜାବୁଡ଼ି ଧରି ଗଭୀର ପାଣି ଭିତରକୁ ଘୋଷାଡ଼ି ନେବାକୁ ଚେଷ୍ଟା କରିଥିଲା।

ସୁଧୀର କିଛି ବୁଝିବା ପୂର୍ବରୁ ନଦୀ ମଧ୍ୟରେ ଥିବା ଏକ ଗଛର ଡାଳକୁ ହାତରେ ଜାବୁଡ଼ି ଧରିଥିଲେ। ସୁଧୀରଙ୍କ ବିକଳ ଚିତ୍କାର ଶୁଣି ତାଙ୍କ ଭାଇ ଛବିନ୍ଦ୍ର ବେହେରା ନଦୀ କୂଳରେ ପହଞ୍ଚିଥିଲେ। ଭାଇଙ୍କୁ କୁମ୍ଭୀର ମୁହଁରେ ସଙ୍କଟାପନ୍ନ ଅବସ୍ଥାରେ ଦେଖି ସେ ତୁରନ୍ତ ସ୍ଥାନୀୟ ପ୍ରମୋଦ ପ୍ରଧାନଙ୍କୁ ଡାକିଥିଲେ। ଏହାପରେ ଦୁଇ ଭାଇ ନିଜ ଜୀବନକୁ ବାଜି ଲଗାଇ ପାଣିକୁ ଓହ୍ଲାଇଥିଲେ ଏବଂ ଅକ୍ଲାନ୍ତ ଉଦ୍ୟମ କରି ସୁଧୀରଙ୍କୁ କୁମ୍ଭୀର କବଳରୁ ଉଦ୍ଧାର କରିଥିଲେ।

## ସାପକାମୁଡାରେ ୯ମ ଶ୍ରେଣୀ ଛାତ୍ର ମୃତ

ଡେଲାଙ୍ଗ,୪।୧୦(ନି.ପ୍ର)ଡେଲାଙ୍ଗ ବ୍ଲକରେ ଦୁଇ ଛାତ୍ରଙ୍କୁ ବିଷାକ୍ତ ସାପ କାମୁଡି ଥିଲା । ଜଣକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲ ରେ ଚିକିତ୍ସା ହେଉଛନ୍ତି ।ମୃତକ ହେଲେ କବି ପ୍ରସନ୍ନ ପାଟସାଣି ଉଚ୍ଚ ବିଦ୍ୟାଳୟ ର ନବମ ଶ୍ରେଣୀ ର ଛାତ୍ର । ତାଙ୍କ ନାମ ହେଲା ସାଇସ୍ୱୟଂ ଜେନା । ତେବେ ମିଳିଥିବା ସୂଚନାନୁଯାଇ ମୁନିନ୍ଦା ପଂଚାୟତ ଅନ୍ତର୍ଗତ କବି ପ୍ରଶନ୍ନ ପାଟଶାଣୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଦିନ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ନେଇ ବ୍ଲକ ସ୍ତରିୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେଉଥିଲା । ସନ୍ଧ୍ୟାରେ କ୍ରୀଡା ଶେଷ ହୋଇଥିବା ବେଳେ କେତେକ କ୍ରୀଡାବିତ୍ ମାନେ ଘରକୁ ଚାଲିଯାଇଥିବା ବେଳେ ସେହି ବିଦ୍ୟାଳୟର ୭ଜଣ ଛାତ୍ର ଘରକୁ ନଯାଇ ବିଦ୍ୟାଳୟରେ ରାତ୍ରଜାପନ କରିଥିଲେ ।ସେହି ବିଦ୍ୟାଳୟର କ୍ରୀଡା ଶିକ୍ଷକ ସୂର୍ଯ୍ୟନାରାୟଣ ଜେନା ପିଲାମାନଙ୍କ ସହିତ ମଧ୍ୟ ବିଦ୍ୟାଳୟରେ ରାତ୍ରିଜାପାନ କରିଥିଲେ ।

## ଛେଣ୍ଡିପଦା : ବନ୍ଧୁକ ତିଆରି ସରଞ୍ଜାମ ସହିତ ବାରୁଦ ଜବତ , ଅଭିଯୁକ୍ତ ଗିରଫ

ଛେଣ୍ଡିପଦା,୪।୧୦(ନି.ପ୍ର )ଆଗାମୀ ପାର୍ବଣ ଋତୁ ଦୃଷ୍ଟିରେ ରଖି ଅନୁଗୋଳ ଜିଲ୍ଲା ପୋଲିସ ପ୍ରଶାସନ ନିର୍ଦ୍ଦେଶ କ୍ରମେ ଅପରାଧଦମନ ଏବଂ ଅପରାଧୀଙ୍କୁ ସାବାଡ଼ କରିବା ଲକ୍ଷ୍ୟ ନେଇ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି । ତେବେ ଛେଣ୍ଡିପଦା ପୋଲିସ ପକ୍ଷରୁ କୌଣସି ସୁତ୍ରରୁ ସୂଚନା ପାଇ ଆଜି ସକାଳେ କୋଶଳା ଓ୍ୟାରଲେସ ନିକଟ ଜଙ୍ଗଲରେ ଚଢ଼ାଉ କରି ଦେଶୀ ବନ୍ଧୁକ ତିଆରି ସରଞ୍ଜାମ ସହ ବାରୁଦ ଜବତ କରି ଜଣକୁ ଗିରଫ କରିଛି। ଗିରଫ ଯୁବକ ଜଣକ ହେଲେ କୋଶଳା ଲକ୍ଷ୍ମୀ ବଜାର ଗ୍ରାମର




ସୁରେନ୍ଦ୍ର ମାଝୀ ବୋଲି ଜଣା ପଡିଛି । ସୁରେନ୍ଦ୍ର ଦେଶୀ ବନ୍ଧୁକ ତିଆରି ପାଇଁ ୩ଟି ଲୁହା ବ୍ୟାରେଲ, ବନ୍ଧୁକର ଯନ୍ତ୍ରାଂଶ ଏବଂ ବାରୁଦ ରଖି ବନ୍ଧୁକ ତିଆରି କରୁଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଛେଣ୍ଡିପଦା ପୋଲିସ ଜଙ୍ଗଲରେ ସୁରେନ୍ଦ୍ରଙ୍କୁ ମାଡି ବସିଥିଲା । ତା ନିକଟରେ ଥିବା ଲୁହା ବ୍ୟାରେଲ, ବାରୁଦ, ବନ୍ଧୁକ ତିଆରି ସରଞ୍ଜାମ ଉଦ୍ଧାର କରିବା ସହିତ ତାଙ୍କୁ ଥାନାକୁ ଆଣି ଜେରା କରିଥିଲା । ଅନ୍ୟ ପକ୍ଷରେ ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ସୁରେନ୍ଦ୍ରଙ୍କୁ ଗିରଫ କରିବା ସହ ଛେଣ୍ଡିପଦା ଜେ ଏମ ଏଫ୍ ସି କୋର୍ଟକୁ ଚାଲାଣ କରାଯାଇଥିବା ପୋଲିସ ସୁତ୍ରରୁ ପ୍ରକାଶ ।

## ଫର୍ମ-୬ରୁ ଅତିରିକ୍ତ ଘୋଷଣାନାମା ହଟାଇଲେ ଭାରତ ନିର୍ବାଚନ ଆୟୋଗ

ଅନୁଗୋଳ ୪।୧୦(ନି.ପ୍ର ) ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର)-୨୦୨୬ ପ୍ରକ୍ରିୟା ସମାପ୍ତ ହୋଇଥିବା ପରିପ୍ରେକ୍ଷୀରେ, ବର୍ତ୍ତମାନର ଭୋଟର ତାଲିକାରେ ନାମ ନଥିବା ଯୋଗ୍ଯ ନାଗରିକମାନଙ୍କୁ ଭୋଟର ତାଲିକାରେ ନାମ ସାମିଲ କରାଇବାର ସୁଯୋଗ ଅବ୍ୟାହତ ରହିଛି। ଏଥ ?ିପାଇଁ ଯୋଗ୍ୟ ନାଗରିକମାନେ ପୂର୍ବଭଳି ଫର୍ମ-୬ ମାଧ୍ୟମରେ ଆବେଦନ କରିପାରିବେ।

ଏସଆଇଆର ସମୟରେ ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ କୌଣସି କାରଣରୁ ଭୋଟର ତାଲିକାରୁ ବାଦ ପଡ଼ିଥାଏ, ତେବେ ପୁନର୍ବାର ନାମ ସାମିଲ କରାଇବା ପାଇଁ ଫର୍ମ-୬ ଦାଖଲ କରିବା ସମୟରେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବା ଆବଶ୍ୟକ ହେବ ନାହିଁ। ସେହିପରି, ଆବେଦନକାରୀଙ୍କ ପିତାମାତା କିମ୍ବା ଜେଜେବାପା/ଜେଜେମାଆଙ୍କ ନାମ ୨୦୦୨ ମସିହାର ଭୋଟର ତାଲିକାରେ ଥୁଲା କି ନାହିଁ, ସେ ସମ୍ପର୍କିତ ତଥ୍ୟ ମଧ୍ୟ ଦାଖଲ କରିବାକୁ ପଡ଼ିବ ନାହିଁ। ଏ ସମ୍ପର୍କିତ ଅତିରିକ୍ତ ଘୋଷଣାନାମାକୁ ଭାରତ ନିର୍ବାଚନ ଆୟୋଗ (ଇସିଆଇ) ଫର୍ମ-୬ରୁ ହଟାଇ ଦେଇଛନ୍ତି। ଏହା ଫଳରେ ଏସଆଇଆର-୨୦୨୬ ପରେ ଭୋଟର ତାଲିକାରେ ନାମ ସାମିଲ କରାଇବାକୁଇଚ୍ଛୁକ ଯୋଗ୍ୟ ନାଗରିକମାନେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ଅତିରିକ୍ତ ତଥ୍ୟ କିମ୍ବା ଘୋଷଣାନାମା ବିନା ସାଧାରଣ ପ୍ରକ୍ରିୟାରେ ଫର୍ମ-୬ ଦାଖଲ କରିପାରିବେ ।ତେବେ, କେବଳ ଫର୍ମ-୬ ଦାଖଲ କରିବା ଦ୍ୱାରା ଆବେଦନକାରୀଙ୍କ ନାମ ସ୍ୱତଃସ୍ଫୁର୍ତ୍ତ ଭାବେ ଭୋଟରତାଲିକାରେ ସାମିଲ ହେବ ନାହିଁ। ନାମ ସାମିଲ ପୂର୍ବରୁ ଆବେଦନକାରୀଙ୍କ ଯୋଗ୍ୟତା ଏବଂ ଆବେଦନରେଦିଆଯାଇଥ ?ିବା ତଥ୍ୟର ନିର୍ଦ୍ଧାରିତ ଯାଞ୍ଚ ପ୍ରକ୍ରିୟା ପୂର୍ବଭଳି ଜାରି ରହିବ ।ସମ୍ପୃକ୍ତ ନିର୍ବାଚନ କର୍ତ୍ତୃପକ୍ଷ ଆବେଦନରେ ଦିଆଯାଇଥିବା ତଥ୍ୟ ଏବଂ ଆବଶ୍ୟକୀୟ ଦସ୍ତାବିଜ ଯାଞ୍ଚ କରିବାପରେ ଆଇନ ଓ ନିର୍ଦ୍ଧାରିତ ନିୟମ ଅନୁଯାୟୀ ନାମ ଅନ୍ତର୍ଭୁକ୍ତି ସମ୍ପର୍କରେ ନିଷ୍ପତ୍ତି ନେବେ। ଯାଞ୍ଚ ପ୍ରକ୍ରିୟାସମ୍ପୂର୍ଣ୍ଣ ନକରି କୌଣସି ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯିବ ନାହିଁ। ଏଥିସହିତ, ଫର୍ମ-୬ ମାଧ୍ୟମରେ ନାମ ସାମିଲ କରିବାର ସାଧାରଣ ବ୍ୟବସ୍ଥା ଅବ୍ୟାହତ ରହିଛି। ତେଣୁ, ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ବର୍ତ୍ତମାନର ଭୋଟର ତାଲିକାରେ ନାହିଁ, ସେମାନେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରି ଫର୍ମ-୬ ଦାଖଲ କରି ଭୋଟର ଭାବେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ । ଏକ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବା ଏବଂ ଏହାର ଶୁଦ୍ଧତା, ସ୍ୱଚ୍ଛତା ବଜାୟ ରଖିବା ସହିତ ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ଭାବେ ପଞ୍ଜୀକରଣର ସୁଯୋଗ ଦେବା ଉଦ୍ଦେଶ୍ୟରେ ପ୍ରାପ୍ତ ସମସ୍ତ ଆବେଦନର ନିର୍ଦ୍ଧାରିତ ନିୟମ ଅନୁଯାୟୀ ଯାଞ୍ଚ କରାଯିବ।

## ଦୁଇ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ
## ବିଦ୍ୟାଳୟ ସହକାରୀ କିରାଣୀ ଗିରଫ

କୋଇଡା: ୪।୧୦(ନି.ପ୍ର )ବିଦ୍ୟାଳୟ ପରିସରରେ ଛାତ୍ରୀଙ୍କ ସୁରକ୍ଷାକୁ ନେଇ ପୁଣି ଉଠିଲା ପ୍ରଶ୍ନ। ଦୁଇ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ ବିଦ୍ୟାଳୟ ସହକାରୀ କିରାଣୀଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୁନ୍ଦରଗଡ଼ ଜିଲ୍ଲା କୋଇଡା ବ୍ଲକ୍ ଅନ୍ତର୍ଗତ କେବଲାଙ୍ଗ ଥାନା ଅଞ୍ଚଳର ଜାମୁଢ଼ିହି ସ୍ଥିତ ଏକ ବିଦ୍ୟାଳୟରେ ଏହି ଅଭାବନୀୟ ଘଟଣା ଘଟିଥିବା ଅଭିଯୋଗ ହୋଇଛି।



ପୁଲିସ ସୂଚନା ଅନୁସାରେ, ଗଣେଶ ପୂଜା ଭସାଣି ସମୟରେ ଦାୟିତ୍ୱରେ ଥିବା ସହକାରୀ କିରାଣୀ ଜିତେନ୍ଦ୍ର କୁମାର ଉଦବାଲ ଭସାଣି ଶେଷ ପରେ ବିଦ୍ୟାଳୟର ଦୁଇ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅଟକାଇଥିଲେ। ସେମାନଙ୍କ ସହ ଖରାପ ବ୍ୟବହାର କରିବା ସହ ଅସଦାଚରଣ କରିଥିବା ଛାତ୍ରୀଦ୍ୱୟ ଅଭିଯୋଗ କରିଛନ୍ତି। ଘଟଣା ପରେ ଲୋକଲଜ୍ଜା ଭୟରେ ଛାତ୍ରୀଦ୍ୱୟ ପ୍ରଥମେ କାହାକୁ କିଛି କହିନଥିବା ଜଣାପଡ଼ିଛି। ପରେ ପୁଣି ଏଭଳି ଘଟଣା ଘଟିବାରୁ ସେମାନେ ଘରକୁ ଯାଇ ଅଭିଭାବକଙ୍କୁ ସମସ୍ତ ଘଟଣା ଜଣାଇଥିଲେ। ଅଭିଯୋଗ ପାଇବା ପରେ ଥାନାଧିକାରୀ ଅଶୋକ କୁମାର ବେହେରାଙ୍କ ନେତୃତ୍ୱରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ସହକାରୀ କିରାଣୀଙ୍କୁ ଥାନାକୁ ଆଣି ପଚରାଉଚରା ପରେ କେବଲାଙ୍ଗ ଥାନାରେ କେସ୍ ନମ୍ବର ୨୨୪/୨୦୨୬ରେ ପୋକ୍ସୋ ଆଇନର ଧାରା ୮/୧୨ ଅନୁଯାୟୀ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

### ଡାହୁ



- ବିଧୁ

## ପାରାଦୀପ ବନ୍ଦର ପ୍ରାଧିକରଣ ପରିଦର୍ଶନ କଲେ ନୀତି ଆୟୋଗ ଉପାଧ୍ୟକ୍ଷ

ପାରାଦୀପ୪।୧୦(ନି.ପ୍ର ) ନୀତି ଆୟୋଗର ଉପାଧ୍ୟକ୍ଷ ଡ.ଅଶୋକ କୁମାର ଲାହିରୀ ଓଡ଼ିଶାର ସରକାରୀ ଗସ୍ତ ଅବସରରେ ରବିବାର ଦିନ ପାରାଦୀପ ବନ୍ଦର ପରିଦର୍ଶନ କରିଛନ୍ତି।

ଭୁବନେଶ୍ୱର ବିମାନବନ୍ଦରରେ ପାରାଦୀପ ବନ୍ଦର ପ୍ରାଧିକରଣର ଅର୍ଥ ପରାମର୍ଶଦାତା ତଥା ମୁଖ୍ୟ ହିସାବ ଅଧିକାରୀ ଅଶୋକ କୁମାର ସାହୁ ଡ.ଲାହିରୀଙ୍କୁ ସ୍ୱାଗତ କରିଥିଲେ। ପରବର୍ତ୍ତୀ ସମୟରେ ଡ.ଲାହିରୀ ହେଲିକପ୍ଟର ଯୋଗେ ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମ ହେଲିପ୍ୟାଡରେ ପହଞ୍ଚିଥିଲେ। ସେଠାରେ ପାରାଦୀପ ବନ୍ଦର ପ୍ରାଧିକରଣର ଉପାଧ୍ୟକ୍ଷ ଟି.ଭେନୁ ଗୋପାଳ ତାଙ୍କୁ ଶୁଭେଚ୍ଛା ଜଣେଇବା ସହ ସ୍ୱାଗତ କରିଥିଲେ। ପରେ ସେ ୱେଟ୍ ବେସିନ୍ ?ରେ ପହଞ୍ଚିବା ପରେ ପାରାଦୀପ ବନ୍ଦର ସିଆଇଏସ୍ଏଫ୍ ୟୁନିଟ୍ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା। ସ୍ୱାଗତ ପରେ ଡ.ଲାହିରୀ, ପାରାଦୀପ ବନ୍ଦର ପ୍ରାଧିକରଣର ଉପାଧ୍ୟକ୍ଷ ଟି. ଭେନୁ ଗୋପାଳଙ୍କ ସହ ପାରାଦୀପ ବନ୍ଦର ହାର୍ବର୍ ଅଞ୍ଚଳରେ ଲଞ୍ଚ ଯାତ୍ରା କରିଥିଲେ। ହାର୍ବର୍ ପରିଦର୍ଶନ ସମୟରେ ସେ ବନ୍ଦରର ନୌବାଣିଜ୍ୟିକ କାର୍ଯ୍ୟକଳାପ, ଜାହାଜ ଚଳାଚଳ ଏବଂ ବିଭିନ୍ନ ପଣ୍ୟ ପରିଚାଳନା କାର୍ଯ୍ୟକୁ ବ୍ୟାପକ କରିବା ଦିଗରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ପରିଦର୍ଶନ ସମୟରେ ପାରାଦୀପ ବନ୍ଦର ବରିଷ୍ଠ ଅଧିକାରୀମାନେ ଡ.ଲାହିରୀଙ୍କୁ ବନ୍ଦରର ପଣ୍ୟ ପରିଚାଳନା କ୍ଷମତା, ଆଧୁନିକ ଯାନ୍ତ୍ରିକ ବ୍ୟବସ୍ଥା, କାର୍ଯ୍ୟକ୍ଷମତା ଏବଂ ସାମଗ୍ରିକ ନୌବାଣିଜ୍ୟିକ କାର୍ଯ୍ୟକଳାପ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଉପସ୍ଥାପନାରେ କାର୍ଯ୍ୟକ୍ଷମତା ବୃଦ୍ଧି ଏବଂ ଭାରତର ସାମୁଦ୍ରିକ ଓ ପରିବହନ ପରିବେଶକୁ ସୁଦୃଢ଼ କରିବା ଦିଗରେ ପାରାଦୀପ ବନ୍ଦରର ନିରନ୍ତର ପ୍ରଗତିକୁ ଉଲ୍ଲେଖ



କରାଯାଇଥିଲା। ଅଧିକାରୀମାନେ ପାରାଦୀପ ବନ୍ଦରର ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଏବଂ ଭାରତର ପୂର୍ବ ଉପକୂଳର ଏକ ଅଗ୍ରଣୀ ମେଗା ପୋର୍ଟ ଭାବେ ପାରାଦ୍ୱୀପ ସ୍ୱତନ୍ତ୍ରତା ବଜାଇ ରଖିଛି ବୋଲି ଡ.ଲାହିରୀଙ୍କୁ ଅବଗତ କରାଇଥିଲେ।

ଏହାସହ ପାରାଦୀପ ବନ୍ଦରର ଭବିଷ୍ୟତ ବିକାଶ ରୋଡମ୍ୟାପ୍ ମଧ୍ୟ ଉପସ୍ଥାପନ କରାଯାଇଥିଲା। ଏଥିରେ କ୍ଷମତା ବୃଦ୍ଧି, ଭିତ୍ତିଭୂମିର ସମ୍ପ୍ରସାରଣ, ଲଜିଷ୍ଟିକ୍ସ କାର୍ଯ୍ୟକ୍ଷମତା, ବହୁମୁଖୀ ଯୋଗାଯୋଗ ବ୍ୟବସ୍ଥା ଏବଂ ବନ୍ଦରର ଦୀର୍ଘମିଆଦୀ ବିକାଶ ଓ ରଣନୈତିକ ଗୁରୁତ୍ୱକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ନୂତନ ବିକାଶମୂଳକ ପଦକ୍ଷେପଗୁଡ଼ିକ ସାମିଲ ଥିଲା।

ଏହି ଅବସରରେ ଡ. ଅଶୋକ କୁମାର ଲାହିରୀ କହିଥିଲେ ଯେ, ପାରାଦୀପ ବନ୍ଦର ପରିଦର୍ଶନ କରିବା ତାଙ୍କ ପାଇଁ ଏକ ସୌଭାଗ୍ୟର ବିଷୟ ଏବଂ ବନ୍ଦରର କାର୍ଯ୍ୟକଳାପକୁ ପ୍ରତ୍ୟକ୍ଷ ଭାବେ ଦେଖିବା ପାଇଁ ସେ ଦୀର୍ଘଦିନ ଧରି ଇଚ୍ଛା ରଖିଥିଲେ। ବନ୍ଦରର କାର୍ଯ୍ୟଦକ୍ଷତା ଓ ବିକାଶମୂଳକ ପଦକ୍ଷେପଗୁଡ଼ିକର ପ୍ରଶଂସା କରି ସେ କହିଥିଲେ ଯେ, ପାରାଦୀପ ବନ୍ଦରର କାର୍ଯ୍ୟକଳାପ, ବିଶେଷକରି ଏହାର ବିବିଧ ପଣ୍ୟ ପରିଚାଳନା ବର୍ଥ ଏବଂ ଆଧୁନିକ ଭିତ୍ତିଭୂମି ପାଇଁ ସେ ଅତ୍ୟନ୍ତ ଗର୍ବିତ। ସେ ଉଲ୍ଲେଖ କରିଥିଲେ ଯେ, ପ୍ରତିଦିନ ହାରାହାରି ପ୍ରାୟ ୧୩ଟି ଜାହାଜ ପାରାଦୀପ ବନ୍ଦରକୁ ଆସିଥାଏ ଏବଂ ବନ୍ଦରରୁ ପ୍ରସ୍ଥାନ କରିଥାଏ। ସେ ବନ୍ଦରର ଆଧୁନିକୀକରଣ ଏବଂ ୧୬.୫ ମିଟରରୁ ଅଧିକ ନାଭିଗେସନ୍ ଡ୍ରାଫ୍ଟକୁ ପ୍ରଶଂସା କରିଥିଲେ। ଏଥିସହ ପାରାଦୀପ ବନ୍ଦରର ସମ୍ପ୍ରସାରଣ ଓ ଆଧୁନିକୀକରଣ ପାଇଁ ରହିଥିବା ବ୍ୟାପକ ଯୋଜନାଗୁଡ଼ିକର ଉଲ୍ଲେଖ କରି ସେ ବନ୍ଦରର ଭବିଷ୍ୟତ ପ୍ରୟାସ ପାଇଁ ନିରନ୍ତର ସଫଳତା କାମନା କରିଥିଲେ। ବନ୍ଦରର ଭିତ୍ତିଭୂମି ଓ ବିକାଶର ଗୁରୁତ୍ୱ ଉପରେ ଆଲୋକପାତ କରି ଡ. ଲାହିରୀ କହିଥିଲେ ଯେ, ଏଭଳି ଆଧୁନିକ ଭିତ୍ତିଭୂମି ଭବିଷ୍ୟତରେ ଦେଶ ପାଇଁ ଦୀର୍ଘସ୍ଥାୟୀ ସମ୍ପଦ ଭାବେ ପରିଣତ ହେବ। ସେ ଏହି ଭିତ୍ତିଭୂମିକୁ “ଆଧୁନିକ ତାଜମହଲ” ଭାବେ ବର୍ଣ୍ଣନା କରି କହିଥିଲେ ଯେ, ଏଗୁଡ଼ିକ ଦେଶ ପାଇଁ ଏକ ସ୍ଥାୟୀ ଐତିହ୍ୟ ଭାବେ ରହିବ। ପାରାଦୀପ ବନ୍ଦର ପରିଦର୍ଶନ କରି ଏହାର କାର୍ଯ୍ୟକଳାପକୁ ନିଜ ସହକର୍ମୀମାନଙ୍କ ସହ ଦେଖିବାର ସୁଯୋଗ ପାଇ ସେ ଆନନ୍ଦ ପ୍ରକାଶ କରିଥିଲେ। ଏହି ପରିଦର୍ଶନ ସମୟରେ ନୀତି ଆୟୋଗ ଓଡ଼ିଶା ଶାଖାର ଅର୍ଥନୈତିକ ପରାମର୍ଶଦାତା ଡ.ପ୍ରଭାକର ସାହୁ ମଧ୍ୟ ସାମିଲ ଥିଲେ, ଏବଂ ଓଡ଼ିଶା ମେରିଟାଇମ୍ ବୋର୍ଡର ମୁଖ୍ୟ ପରିଚାଳନା ଅଧିକାରୀ ସୁନ୍ଦର ମାଧବ ପାତ୍ରୀ, ଆଇଏଏସ୍ ମଧ୍ୟ ଉପସ୍ଥିତ ଥିଲେ। ପାରାଦୀପ ବନ୍ଦର ପ୍ରାଧିକରଣ ଭାରତର ନୌବାଣିଜ୍ୟ, ଉପକୂଳ ଅର୍ଥନୀତି ଓ ପରିବହନ ପରିବେଶକୁ ସୁଦୃଢ଼ କରିବା ସହିତ ଦେଶର ଆର୍ଥିକ ବିକାଶ ଏବଂ ବିକଶିତ ଭାରତର ଲକ୍ଷ୍ୟ ପ୍ରତି ନିଜର ଅବଦାନ ଜାରି ରଖିଛି ।



# ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ରୟମାସିକ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମ

ଜଗତସିଂହପୁର,୪।୧୦ :(ମନ୍ଥନ)ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅକ୍ଟୋବର-୨୦୨୬ ଠାରୁ ଡିସେମ୍ବର-୨୦୨୬ ମାସ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବ୍ଲକ୍ କାର୍ଯ୍ୟାଳୟ ଓ ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ । ଅକ୍ଟୋବର ମାସ ୫ ତାରିଖ ଦିନ କୁଜଙ୍ଗ ବ୍ଲକ କାର୍ଯ୍ୟାଳୟ, ଅକ୍ଟୋବର ୧୨ ତାରିଖ ଦିନ ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟ, ଅକ୍ଟୋବର ୨୬ ତାରିଖ ଦିନ ନାଉଗାଁ ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ । ସେହିପରି ନଭେମ୍ବର ମାସ ୨ ତାରିଖ ଦିନ ବାଲିକୁଦା ବ୍ଲକ୍ କାର୍ଯ୍ୟାଳୟ, ନଭେମ୍ବର ୯ ତାରିଖ ଦିନ ଏରସମା ବ୍ଲକ୍ କାର୍ଯ୍ୟାଳୟ, ନଭେମ୍ବର ୧୬ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ନଭେମ୍ବର ୨୩ ତାରିଖ ଦିନ ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟ ଓ ନଭେମ୍ବର ୩୦ ତାରିଖ ଦିନ ତିର୍ତ୍ତୋଲ ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ । ସେହିପରି ଡିସେମ୍ବର ମାସ ୭ ତାରିଖ ଦିନ କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟ, ଡିସେମ୍ବର ୧୪ ତାରିଖ ଦିନ ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟ, ଡିସେମ୍ବର ୨୧ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଡିସେମ୍ବର ୨୮ ତାରିଖ ଦିନ ନାଉଗାଁ ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ । ଏହିସବୁ ଶିବିରରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ,ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ- ତଥା-ନିର୍ବାହୀ ଅଧିକାରୀ, ଉପ-ଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ,କ୍ଷେତ୍ରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିବେ । ଜିଲ୍ଲାର ଜନସାଧାରଣ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଉଅଛି ।

# ଦୁର୍ଗା ପୂଜା, ଗଜଲକ୍ଷ୍ମୀ ପୂଜା ଏବଂ ରାବଣ ପୋଡ଼ି ପ୍ରସ୍ତୁତି ବୈଠକ

ଖୋରଧା,୪।୧୦ :(ମନ୍ଥନ)ଚଳିତ ବର୍ଷ ଖୋରଧା ସହରରେ ଦୁର୍ଗା ପୂଜା, ଗଜଲକ୍ଷ୍ମୀ ପୂଜା ଏବଂ ରାବଣ ପୋଡ଼ି ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଡି ଜେ ବାଜା ଏବଂ ଲାଇଟ୍ କୁ ସମ୍ପୂର୍ଣ୍ଣ ନିଷେଧ କରିଛି ଜିଲ୍ଲା ପ୍ରଶାସନ ଖୋରଧା । ଆଜି ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଙ୍କ ଅଧକ୍ଷତାରେ ପୌର ପରିଷଦ ଟାଉନ୍ ହଲ୍ ଠାରେ ଅନୁଷ୍ଠୀତ ପ୍ରସ୍ତୁତି ବୈଠକ ରେ ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା ଏବଂ ରାବଣ ପୋଡ଼ି ଉତ୍ସବ କୁ ପାରମ୍ପାରିକ ବାଜା ଓ ସୁପ୍ରିମ କୋର୍ଟର ନିୟମାନୁସାରେ ନିର୍ଦ୍ଧାରିତ ୬୦ ଡେସିବଲ୍ ମଧ୍ୟରେ ବଜାଇ ଖୋରଧାର ଏହି ଗଣ ପର୍ବ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ସମସ୍ତ ପୂଜା କମିଟି ଓ ଖୋରଧା ସହର ବାସୀଙ୍କ ସହଯୋଗ କାମନା କରିଛନ୍ତି । ମାନ୍ୟବର ବିଧାୟକ, ଖୋରଧା ଏବଂ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ, ଖୋରଧା, ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ କହିଲେ ଖୋରଧା ଆମର ପବିତ୍ର ପାଇକ ମାଟି । ଦୁର୍ଗା ପୂଜା, ଗଜଲକ୍ଷ୍ମୀ ପୂଜା ଏବଂ ରାବଣ ପୋଡ଼ି କୁ ସମସ୍ତ ପୂଜା କମିଟି ଗୁଡିକ ଶାନ୍ତି, ମୈତ୍ରୀ ସମ୍ପ୍ରିତି ଓ ଭାଇଚାରା ସହ ବୈଠକରେ ଅନୁଷ୍ଠିତ ନିଷ୍ପତି ଅନୁଯାୟୀ ଜିଲ୍ଲା ପ୍ରଶାସନ କୁ ସହୋଜୋଗ କରି ପୂଜା ଓ ଭଶାଣିକୁ ସମାପନ କରିବାକୁ ସମସ୍ତ ପୂଜା କମିଟି ସଭାପତି, ସମ୍ପାଦକ ଏବଂ କର୍ମ କର୍ତ୍ତା ମାନଙ୍କୁ ପରାମର୍ଶ ଦେଇଥିଲେ କ୍ଷ ଉପଜିଲ୍ଲାପାଳ, ଖୋରଧା ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ବିବରଣୀ ପାଠ କରିଥିଲେ । ଆସନ୍ତା ଅକ୍ଟୋବର ୧୭ ତାରିଖରେ ଷଷ୍ଠୀ ଏବଂ ୨୧ ତାରିଖରେ ଦଶମୀ ପଡୁଥିବାରୁ ଉକ୍ତ ସମୟରେ ମା ଙ୍କ ସମସ୍ତ ପୂଜା ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇ ଅକ୍ଟୋବର ୨୨ ତାରିଖରେ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ । ସେହି ପରି ଗଜଲକ୍ଷ୍ମୀ ପୂଜା ଅକ୍ଟୋବର ୨୫ ତାରିଖରୁ ଆରମ୍ଭ ହୋଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ନଭେମ୍ବର ୧ ତାରିଖରେ ଭସାଣୀ ଅନୁଷ୍ଠିତ ହେବ । କେବଳ ଦୁର୍ଗା ପୂଜା ମାଛ ମାର୍କେଟ ତଳସାହି ଭସାଣୀ ଅକ୍ଟୋବର ୨୪ ତାରିଖରେ ଅନୁଷ୍ଠିତ ହେବ କ୍ଷ ସମସ୍ତ ପୂଜାରେ ଅଶ୍ଳିଳ ନୃତ୍ୟ, ଡି ଜେ ବାଦ୍ୟ କୁ ବ୍ୟାନ କରାଯାଇଛି । ସେହିପରି ବିଦ୍ୟୁତ୍ ସେବା, ପାନୀୟ ଜଳ ସେବା, ସ୍ୱାସ୍ଥ୍ୟ ସେବା ଏବଂ ଅଗ୍ନି ଶମ ଭଳି ଆତ୍ୟା ବସ୍ୟକ ସେବା ଯୋଗାଇ ଦେବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ଚିଙ୍ଗୁଡ଼ି ଚାଷୀ ଓ ଉଦ୍ୟୋଗୀଙ୍କୁ ନେଇ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

ବ୍ରହ୍ମପୁର,୪।୧୦ :(ମନ୍ଥନ)ସ୍ଥାନୀୟ ଗଞ୍ଜାମ ମୁଖ୍ୟ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଆଜି ଅପରାହ୍ନରେ ଏକ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲୁଣି ପାଣିରେ ଆଧୁନିକ ଜ୍ଞାନ କୌଶଳର ପ୍ରୟୋଗ ମାଧ୍ୟମରେ ମତ୍ସ୍ୟ ଓ ଚିଙ୍ଗୁଡ଼ି ଚାଷକୁ ଅଧିକ ଲାଭ ଜନକ କରିବା ଏବଂ ମତ୍ସ୍ୟ ଚାଷୀଙ୍କ ଆୟ ବୃଦ୍ଧି ଲକ୍ଷ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ବିଭାଗର ଉପ ନିର୍ଦ୍ଦେଶକ ମନୋରଞ୍ଜନ ଦାସ ଯୋଗଦେଇ ଲୁଣିପାଣି ମତ୍ସ୍ୟ ଚାଷର ବିକାଶ ଓ ଏହାର ବ୍ୟାପକ ସମ୍ଭାବନା ସମ୍ପର୍କରେ ମତ୍ସ୍ୟଚାଷୀ ମାନଙ୍କୁ ଅବଗତ କରାଇ ଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଗଞ୍ଜାମ-୨ କୃଷି ବିଜ୍ଞାନ କେନ୍ଦ୍ରର ମତ୍ସ୍ୟ ବିଜ୍ଞାନୀ ଡ.ସିଦ୍ଧାର୍ଥ ଶଙ୍କର ଦାସ ଏବଂ ଗଞ୍ଜାମ ମୁଖ୍ୟ ଜିଲ୍ଲା ମତ୍ସ୍ୟ ଅଧିକାରୀ ବି.ବି.ଜେ. ସାହୁ ଯୋଗଦେଇ ମତ୍ସ୍ୟଚାଷୀ ମାନଙ୍କୁ ଆବଶ୍ୟକ ପରାମର୍ଶ ଓ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଏଥିସହ ବିଭିନ୍ନ ସରକାରୀ ଯୋଜନା, ଆର୍ଥିକ ସହାୟତା ଓ ରିହାତି ସୁବିଧା ସମ୍ପର୍କରେ ମଧ୍ୟ ଉପସ୍ଥିତ ମତ୍ସ୍ୟଚାଷୀ ଓ ଉଦ୍‌ଯୋଗୀ ମାନଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସହକାରୀ ମତ୍ସ୍ୟ ଅଧିକାରୀ ଅଙ୍କିତା କରଙ୍କ ସମେତ ରଙ୍ଗେଇଲୁଣ୍ଡା, ଚିକିଟି, ଗଞ୍ଜାମ, ଖଲ୍ଲିକୋଟ ଓ ଛତ୍ରପୁର ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀ ମାନେ ଯୋଗଦେଇ ଥିଲେ। ଜିଲ୍ଲାର ବିଭିନ୍ନ ଉପ କୂଳବର୍ତ୍ତୀ ଅଞ୍ଚଳରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଲୁଣି ପାଣି ଚିଙ୍ଗୁଡ଼ି ଚାଷୀ ଓ ଉଦ୍‌ଯୋଗୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ପୂର୍ବତନ ବିଧାୟକ ବୈକୁଣ୍ଠ ସ୍ୱାଇଁଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

କାକଟପୁର, ୪।୧୦ :(ମନ୍ଥନ)କାକଟପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା କଂଗ୍ରେସ ଦଳର ଜଣେ ଅଗ୍ରଣୀ ଓ ଲୋକପ୍ରିୟ ନେତା ସ୍ୱର୍ଗତ ବୈକୁଣ୍ଠ ସ୍ୱାଇଁଙ୍କ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧା ଓ ସମ୍ମାନର ସହ ପାଳିତ ହୋଇଯାଇଛି। ଏହି ଅବସରରେ କାକଟପୁରରେ ଏକ ଶାନ୍ତି ଶୋଭାଯାତ୍ରା ସହ ତାଙ୍କ ସ୍ମୃତିଚାରଣ କରାଯାଇଥିଲା।ପିସିସି ସାଧାରଣ ସମ୍ପାଦକ ବିଶ୍ୱଭୂଷଣ ଦାସଙ୍କ ନେତୃତ୍ୱରେ କାକଟପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିପିନ ମହାନ୍ତି, ପୁରୀ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଲୁଲୁ ଖୁଣ୍ଟିଆ, ଜିଲ୍ଲା କଂଗ୍ରେସ ଉପସଭାପତି ଯଶୋବନ୍ତ ମହାନ୍ତି, କାକଟପୁର ବ୍ଲକ କଂଗ୍ରେସ ସଭାପତି ଅବଧୂତ ସ୍ୱାଇଁ, କଂଗ୍ରେସ ସଂଖ୍ୟାଲଘୁ ସେଲ୍ ସମ୍ପାଦକ ଶେଖ ଲିୟାକତ, କାକଟପୁର ପଞ୍ଚାୟତ ସଭାପତି ନଳିନୀକାନ୍ତ ଦୀକ୍ଷିତ, ପୁରୀ ଜିଲ୍ଲା କଂଗ୍ରେସ ସମ୍ପାଦକ ଉତ୍ତମ ନାୟକ, ପ୍ରିତମ ନାୟକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ କଲେଜ ଛକଠାରୁ ଏକ ବିରାଟ ଶୋଭାଯାତ୍ରା ରେ ବାହାରିଥିଲେ।ଶୋଭାଯାତ୍ରା ସମୟରେ କର୍ମୀମାନେ 'ବୈକୁଣ୍ଠ ସ୍ୱାଇଁ ଅମର ରହେ' ନାରା ଦେଇ କାକଟପୁର ବଜାର ପରିକ୍ରମା କରିଥିଲେ। ପରେ ବଜାର ମଧ୍ୟସ୍ଥଳରେ ଥିବା ସ୍ୱର୍ଗତ ସ୍ୱାଇଁଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚି ନେତା ଓ କର୍ମୀମାନେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।ଏହି ଅବସରରେ ସ୍ୱର୍ଗତ ବୈକୁଣ୍ଠ ସ୍ୱାଇଁଙ୍କ ରାଜନୈତିକ ଜୀବନ, ଜନସାଧାରଣଙ୍କ ସହ ତାଙ୍କର ନିବିଡ଼ ସମ୍ପର୍କ ଏବଂ ବିଧାୟକ ଭାବେ ତାଙ୍କ କାର୍ଯ୍ୟକାଳ ସମୟରେ ଛାଡ଼ିଯାଇଥିବା ଅମର ସ୍ମୃତିକୁ ଉପସ୍ଥିତ ନେତା ଓ କର୍ମୀମାନେ ସ୍ମରଣ କରିଥିଲେ। ତାଙ୍କ ଆଦର୍ଶ, ଜନସେବା ଓ ସାଧାରଣ ଲୋକଙ୍କ ପ୍ରତି ଥିବା ଆନ୍ତରିକତା ଆଜି ମଧ୍ୟ ସମସ୍ତଙ୍କ ପାଇଁ ସ୍ମରଣୀୟ ବୋଲି ଉପସ୍ଥିତ ବକ୍ତାମାନେ ମତପ୍ରକାଶ କରିଥିଲେ।ସ୍ୱର୍ଗତ ବୈକୁଣ୍ଠ ସ୍ୱାଇଁଙ୍କ ସ୍ମୃତି ଓ ଜନସେବାର ଅବଦାନକୁ ସ୍ମରଣ କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ କଂଗ୍ରେସ କର୍ମୀମାନଙ୍କ ମଧ୍ୟରେ ଭାବାବେଗପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା।

# ନିଶାମୁକ୍ତ ଯୁବ ଭାରତ ପାଇଁ ଗଣ ଦୌଡ଼

ଖୋର୍ଦ୍ଧା,୪।୧୦ :(ମନ୍ଥନ)ବିଶ୍ୱ ପ୍ରସିଦ୍ଧ ପାଇକ ମାଟି ଖୋର୍ଦ୍ଧା ଠାରେ ଏକ ନିଶା ମୁକ୍ତ ଭାରତ ପାଇଁ ଗଣ ଦୌଡ଼ ହୋଇଥିଲା ଛସାମାଜିକ ଅନୁଷ୍ଠାନ ପ୍ରୋଜେକ୍ଟ ପଏଣ୍ଟ ଓ ମାଇଁ ଭାରତ, ଯୁବ କ୍ରୀଡା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ତତ୍ତ୍ୱାବଧାନରେ ଏହି ଏକଶହ ସପ୍ତାହ କାର୍ଯ୍ୟକ୍ରମ ଚାଲିବ । ଏଥିରେ ଖୋର୍ଦ୍ଧା ଅଞ୍ଚଳର ବିଭିନ୍ନ ଅଞ୍ଚଳ , ବିଦ୍ୟାଳୟ, ଉଚ୍ଚବିଦ୍ୟାଳୟରୁ ଶତାଧିକ ଛାତ୍ର/ଛାତ୍ରୀ ଅଂଶଗ୍ରହଣ କରିଥିଲେ । ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟ ପଡିଆ ଠାରୁ ଆରମ୍ଭ କରି ଖୋର୍ଦ୍ଧା ଜିଲ୍ଲାପାଳ କାର୍ଯ୍ୟଳୟ ପର୍ଯ୍ୟନ୍ତ ହୋଇଥିଲା । କାର୍ଯ୍ୟକ୍ରମ ଆରମ୍ଭରୁ ମୁଖ୍ୟ ଅତିଥି ସାମାଜିକ କର୍ମୀ ମନ୍ମଥ ରାଉତରାୟ ଓ ସମ୍ମାନିତ ଅତିଥି ପ୍ରୋଜେକ୍ଟ ପଏଣ୍ଟର ଅଧ୍ୟକ୍ଷ ଡ ସଂଗ୍ରାମ କେଶରୀ ସାମନ୍ତରାୟ, ଭାରତୀୟ ଷ୍ଟେଟ ବ୍ୟାଙ୍କର ଆଂଚଳିକ ପରିଚାଳକ ଖୋର୍ଦ୍ଧା ଭଗତ୍ ବେହେରା ମହୋଦୟ ପିଲାମାନଙ୍କୁ ପତାକା ଦେଖାଇ ଗଣ ଦୌଡ଼ ପ୍ରତିଯୋଗିତା ଆରମ୍ଭ କରିଥିଲେ। ଶେଷରେ ସମସ୍ତଙ୍କୁ ପୁରସ୍କାର ପ୍ରଦାନ ସହ, ମେଡାଲ ଓ ଟ୍ରଫି ଦିଆଯାଇଥିଲା , ପ୍ରୋଜେକ୍ଟ ପଏଣ୍ଟର ଉପଦେଷ୍ଟା ପ୍ରମୋଦ କୁମାର ହରିଚନ୍ଦନ ନିଶାମୁକ୍ତ ସମାଜ ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ ।

# କବିସୂର୍ଯ୍ୟନଗର ବିଇଓ ଅଭିମନ୍ୟୁ ସାହୁଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ସଭା

କବିସୂର୍ଯ୍ୟନଗର,୪।୧୦ :(ମନ୍ଥନ)କବିସୂର୍ଯ୍ୟନଗର ବିଇଓ ଅଭିମନ୍ୟୁ ସାହୁଙ୍କ ଅବସର ଗ୍ରହଣ ପରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା କବିସୂର୍ଯ୍ୟନଗରର ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗରର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ,ସମ୍ମାନିତ ଅତିଥି ଭାବେ ବିଡିଓ ରାଜେନ୍ଦ୍ର ପ୍ରସାଦ ନାୟକ,ପ୍ରଧାନ ଶିକ୍ଷକ ମିହିର କୁମାର ଶତପଥୀ,ପ୍ରଧାନ ଶିକ୍ଷକ ମଧୁସୂଦନ ମହାପାତ୍ର,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସିମାଞ୍ଚଳ



ପାଣି,ଶିକ୍ଷକ ନେତା ନାରାୟଣ ବେହେରା,ଶିକ୍ଷକ ନେତା ତ୍ରମ୍ବନାଥ ବେହେରା,ଖଲ୍ଲିକୋଟ ଡି.ଆଇ.ଇ.ଟି.ର ପ୍ରଧାପିକା ନିହାରିକା ସାମନ୍ତରା,ସାଂସଦ ପ୍ରତିନିଧି ଶ୍ରୀକାନ୍ତ ମହାପାତ୍ର ଓ ପ୍ରଧାନ ଶିକ୍ଷକ ଦିବାକର ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଇଓ ଶ୍ରୀ ସାହୁଙ୍କ କାର୍ଯ୍ୟଦକ୍ଷତା,ନିଷ୍ଠା ଓ ସେବା କାର୍ଯ୍ୟକୁ ନେଇ ସମସ୍ତେ ପ୍ରଶଂସା କରିଥିଲେ । ଶ୍ରୀ ସାହୁଙ୍କ ଆଗାମୀ ଭବିଷ୍ୟତ ସୁଖ ଓ ସମୃଦ୍ଧି ପାଇଁ ସମସ୍ତେ କାମନା କରିଥିଲେ । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବ୍ଲକ ଓ ଏନ୍ଏସିର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

# ଭିନ୍ନକ୍ଷମ ନାବଳକଙ୍କ ପରିବାର କୁ ୧୦ ଲକ୍ଷ ଅର୍ଥ ରାଶୀ ପ୍ରଦାନ

ଗଞ୍ଜାମ,୪।୧୦ :(ମନ୍ଥନ)ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଜି ନିଜସ୍ୱ ପାଣ୍ଠିରୁ ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଂଚାୟତର ଲକ୍ଷ୍ମୀପୂର ଗ୍ରାମର ଭିନ୍ନକ୍ଷମ ନାବଳକ ଏନ ନୀଳାଞ୍ଚଳ ରେଡ୍ଡୀଙ୍କ ପରିବାର କୁ ୧୦ ଲକ୍ଷ ଅର୍ଥ ରାଶୀ ପ୍ରଦାନ କରାଯାଇଛି । ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଗ୍ରାମରେ ପହଞ୍ଚି ଅର୍ଥରାଶୀ ଚେକ ପ୍ରଦାନ କରିଥିବା ବେଳେ ସ୍ଥାନୀୟ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର ଉପସ୍ଥିତ ରହିଥିଲେ । ସୂଚନାଯୋଗ୍ୟ ଲକ୍ଷ୍ମୀପୁର ଗ୍ରାମର ଏନ ମୋହନ ରେଡି ଙ୍କ ପୁତ୍ର ନୀଳାଞ୍ଚଳ ଜନ୍ମ ରୁ ଭିନ୍ନକ୍ଷମ ରହିଥିଲେ । ତାଙ୍କୁ ବର୍ତ୍ତମାନ ୮ ବର୍ଷ ହେଲାଣି କିନ୍ତୁ ସେ ଚାଲିବା ପାଇଁ ସକ୍ଷମ ହୋଇପାରିନାହାନ୍ତି ।ଯାହାକୁ ନେଇ ଗ୍ରାମର ସମାଜସେବୀ ଏନ. ଗଙ୍ଗାଧର ରେଡି ଏନେଇ ରାଜ୍ୟ ମୁଖ୍ୟମନ୍ତ୍ରୀ ଙ୍କୁ ଲିଖିତ ଭାବେ ପତ୍ର ପ୍ରେରଣ କରି ଅବଗତ କରିବା ସହ ବିଭାଗିୟ ଉଚ୍ଚ କର୍ତ୍ତ୍ୟପକ୍ଷ ଙ୍କୁ ଅବଗତ କରାଇଥିଲେ । ଉକ୍ତ ଅର୍ଥରାଶୀ ମିଳିବା ପରେ ଗ୍ରାମବାସୀ ପକ୍ଷରୁ ଉଚ୍ଚ ପ୍ରଶଂସା କରାଯାଇଛି ।

# କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

କୋଦଳା,୪।୧୦ :(ମନ୍ଥନ)କୋଦଳା ଏନ ଏ ସି ସ୍ଥିତ ପି ଏମ ଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ମୀନକେତନ ମହାରଣାଙ୍କ ସଭାପତିତ୍ୱରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ କୋଦଳା ଏନ ଏ ସିର ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ କାର୍ଯ୍ୟକ୍ରମରେ ଭାଗ ନେଇ ବିଭିନ୍ନ କାରୁକାର୍ଯ୍ୟ ପ୍ରସ୍ତୁତ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲେ।ଏହି କାର୍ଯ୍ୟକ୍ରମରେସିଆରସିସି ବିଷ୍ଣୁ ପ୍ରସାଦ ସିଂ ସମେତ ସମ୍ମାନିତ ଅତିଥି ଭାବେ ବେଗୁନିଆ ପଡା ବ୍ଲକ ଅବସର ପ୍ରାପ୍ତ ଏବିଇଓ ସୋମନାଥ ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଅନନ୍ତ ମହାରଣା, ଉପାଧ୍ୟକ୍ଷା ରୀନା ଡାକୁଆ, ବୃନ୍ଦାବନ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ସରୋଜିନୀ ବ୍ରହ୍ମା,ଲକ୍ଷ୍ମୀ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପିକା ସ୍ୱୟଂ ସଂସ୍କୃତି ମହାପାତ୍ର, ଓଡିଆ ଅଧ୍ୟାପିକା ପ୍ରିୟଙ୍କା ସାହୁ, ପୂର୍ବତନ ସିଆରସିସି ଅଶ୍ୱିନୀ କୁମାର ପ୍ରହରାଜ, ବିଜୟ କୁମାର ସେଠୀ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବହୁମୂଲ୍ୟ ମତବ୍ୟକ୍ତ କରିଥିଲେ। ସହକାରୀ ଶିକ୍ଷକ ଶରତ ଚନ୍ଦ୍ର ଜାଲି ମଞ୍ଚ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।ଏହି କାର୍ଯ୍ୟକ୍ରମ ରେ ୧୩ ଗୋଟି ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଭାଗ ନେଇଥିବା ବେଳେ ସେମାନଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ,ବକ୍ତୃତା, ଚିତ୍ରାଙ୍କନ,ସଂଗୀତ, ନୃତ୍ୟ ପରିବେଷଣ କରାଯାଇଥିଲା ! ନୃତ୍ୟ ରେ ପିଏମଶ୍ରୀ ନୋଡାଲ ଉଚ୍ଚବିଦ୍ୟାଳୟ ପ୍ରଥମ ହୋଇଥିବା ବେଳେ, ବେଲଝରି ପ୍ରାଥମିକ ବିଦ୍ୟାଳୟ ଦ୍ୱିତୀୟ ଏବଂ ଜୟସିଂପୁର ପ୍ରାଥମିକ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ କ୍ଷ ପରିଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।ବରିଷ୍ଠ ଶିକ୍ଷକ ସରୋଜ କୁମାର ମାଝୀ ଙ୍କ ସମେତ ସମସ୍ତ ଶିକ୍ଷକ /ଶିକ୍ଷୟତ୍ରୀ ସହଯୋଗ କରିଥିଲେ

# ଖୋରଧା ଠାରେ ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

ଖୋରଧା, ୪।୧୦ :(ମନ୍ଥନ)ଆଜି ପବିତ୍ର ଜିଲ୍ଲା ସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଜିଲ୍ଲା ସଦର ମହକୁମା, ଖୋରଧା ଠାରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ମିଳିତ ଆନୁକୁଲ୍ୟରେ ପାଳିତ ହୋଇଯାଇଅଛି । ପୂର୍ବାହ୍ନ ରେ ଜିଲ୍ଲା ପରିଷଦ ଉପ ସଭାପତି , ଖୋରଧା ଶ୍ରୀଯୁକ୍ତ ଗୋପୀନାଥ ମହାରଣା, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଖୋରଧା ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ଖୋରଧା ଡାକବଙ୍ଗଳା ସନ୍ନିକଟ ଛକରେ ଥିବା ମହାତ୍ମା ଗାନ୍ଧୀଙ୍କ ଅର୍ଦ୍ଧ ବୟବ ପ୍ରତି ମୂର୍ତ୍ତିରେ ଗଣମାଧ୍ୟମ ପ୍ରତିନିଧି ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ଗହଣରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ । ପରେ ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଖୋରଧା ଶ୍ରୀ ପ୍ରତାପ ଚନ୍ଦ୍ର ବେଉରାଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଓ ସର୍ବ ଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସମାରୋହରେ ମୁଖ୍ୟ ଅତିଥି ଭାବେ, ଜିଲ୍ଲା ପରିଷଦ ସଭାପତି, ଶ୍ରୀମତୀ ରୂପଶ୍ରୀ ରାଣୀ ଗୁମାନ ସିଂହ, ସମ୍ମାନିତ ଅତିଥି ରୂପେ ଉପସଭାପତି, ଜିଲ୍ଲା ପରିଷଦ, ଖୋରଧା ଶ୍ରୀଯୁକ୍ତ ଗୋପୀନାଥ ମହାରଣା, ସମ୍ମାନିତ ଅତିଥି ଭାବେ ସଦର ତହସିଲଦାର ଶ୍ରୀ ବିଭାଶ ପାଣିଗ୍ରାହୀ ଏବଂ ମୁଖ୍ୟ ବକ୍ତା ଭାବେ ପ୍ରାଣ ନାଥ ସ୍ୱୟଂ ଶାସିତ ମହା ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଡ଼ଃ ସୁବୋଧ କୁମାର ଜଗଦେବ ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ପ୍ରଦୀପ ପ୍ରଜ୍ୱଳନ କରି ସମାରୋହକୁ ଉଦ୍ଘାଟନ କରିଥିଲେ ।

# ଲକ୍ଷ୍ମୀନାରାୟଣପୁର କ୍ଲଷ୍ଟର ର ମାସିକ ବୈଠକ

ପିପିଲି,୪।୧୦ :(ମନ୍ଥନ) ପିପିଲି ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ଓ ଗୋବର୍ଦ୍ଧନପୁର କ୍ଲଷ୍ଟର ର ପ୍ରଧାନଶିକ୍ଷକମାନଙ୍କ କ୍ଲଷ୍ଟର ସ୍ତରୀୟ ଚତୁର୍ଥ ମାସିକ ଶୈକ୍ଷିକ ବୈଠକ ଦୀନଉଦ୍ଧାରଣ ପ୍ରାଥମିକ ବିଦ୍ୟାଳୟ ରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କ୍ଲଷ୍ଟର ର ସିଆରସିସି ବଟକୃଷ୍ଣ ସାହୁ,ସିଆରଜି ସଂଗୀତା ବିଭୂତି ରାୟ, ବିସ୍ମିତା ମହାନ୍ତି ପ୍ରଶିକ୍ଷଣ ପ୍ରଦାନ କରିଥିଲେ।ଏଥିରେ ଲକ୍ଷ୍ମୀନାରାୟଣ ଓ ଗୋବର୍ଦ୍ଧନପୁର କ୍ଲଷ୍ଟର ର ସୁରେଖା ଜେନା,ମମତାଜ ବେହେରା, ଛବିମଣି ଦାସ,ଗୀତାଞ୍ଜଳି ବେହେରା, ହରପ୍ରୀୟା ନନ୍ଦ, ସତ୍ୟଭାମା ଜେନା, ବିଶ୍ୱଜିତ ସ୍ୱାଇଁ, ପ୍ରଶାନ୍ତ ଭୋଇ,ଭାରତୀ ଭଟ୍ଟ, ମମତା ପାଇକରାୟ, ଦେବଶ୍ରୀ ମିଶ୍ର,ଅନୀମା ମିଶ୍ର,ପିଙ୍କି ମୁଦୁଲି, ସୁଜାତା ସ୍ୱାଇଁ, ମିନତୀ ବେହେରା ଆଦି ପ୍ରଧାନଶିକ୍ଷକ ସମେତ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଶ୍ରେଣୀ ଶିକ୍ଷକ ଚିନ୍ତାମଣି ଓଝା ,ମିତାଲି ମଧୁସ୍ମିତା ଶତପଥୀ,ପୁଷ୍ପରାଜ ସେନାପତି, ହାସିନା ବେହେରା,ବିଜୟ ଲକ୍ଷ୍ମୀ ଆଚାର୍ଯ୍ୟ ଆଦି ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅକ୍ଟୋବର ମାସ ର କାର୍ଯ୍ୟସୂଚୀ ଅନୁଯାୟୀ ଡିକୋର୍ଡିଙ୍ଗ୍, ମାତ୍ରା ଶିକ୍ଷଣର ସୋପାନ,ପଞ୍ଚପଦୀ ଶିକ୍ଷଣ ସୋପାନ, ଗ୍ୟାଲେରୀ ପରିଦର୍ଶନ,ଶିକ୍ଷଣ ସୋପାନ ରେଜିଷ୍ଟର ପୂରଣ ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା । ଦୀନଉଦ୍ଧାରଣ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ରାଉତ, ରଶ୍ମିତା ସାମଲ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ଗୋପାଳପୁର ଶ୍ରୀ ଧବଳେଶ୍ୱରଙ୍କ ପୀଠ ରେ ଘର ଚଟିଆ ସୁରକ୍ଷା ଅଭିଯାନ ଆରମ୍ଭ

ଗୋପାଳପୁର, ୪।୧୦ :(ମନ୍ଥନ) ୭୨ ତମ ଜାତୀୟ ବନ୍ୟ ପ୍ରାଣୀ ସପ୍ତାହ ଅବସରରେ ଗଞ୍ଜାମ ଜିଲ୍ଲା ଗୋପାଳପୁର ସ୍ଥିତ ଶ୍ରୀ ଧବଳେଶ୍ୱରଙ୍କ ପୀଠ ରେ ସ୍ୱେଚ୍ଛାସେବୀ ସଂଗଠନ ଆଞ୍ଚଳିକ ବିକାଶ ପରିଷଦ ତରଫରୁ ଘର ଚଟିଆ ପକ୍ଷୀ ସୁରକ୍ଷା ଅଭିଯାନ ଆରମ୍ଭ ହୋଇଯାଇଛି । ଆଧୁନିକତାର ପରିପାଟୀ ରେ ପ୍ରତି ଦିନ ପୃଥିବୀ ର କୌଣସି ନା କୌଣସି ଜୀବ ଲୋପ ପାଇବା ରେ ଲାଗିଛି । ସେଭଳି ଖାଦ୍ୟ, ବାସ ଅଭାବ ରୁ ଘର ଚଟିଆ ପକ୍ଷୀ ର ସଂଖ୍ୟା ଦିନକୁ ଦିନ ହ୍ରାସ ଘଟୁଛି ଏବଂ ଏହାର ସୁରକ୍ଷା ନିମନ୍ତେ ଆଞ୍ଚଳିକ ବିକାଶ ପରିଷଦ ଦୀର୍ଘ ବର୍ଷ ହେବ କାର୍ଯ୍ୟକ୍ରମ କରି ଆସୁଛି । ଆଜି ଅନୁଷ୍ଠାନ ତରଫରୁ ଧବଳେଶ୍ୱର ପୀଠ ରେ ଘର ଚଟିଆ ପକ୍ଷୀ ର ସୁରକ୍ଷା ଆବଶ୍ୟକତା ବିଷୟରେ



ଲୋକଙ୍କୁ ବୁଝାଯାଇଥିଲା ଏବଂ କୃତିମ ବାସ, ଖାଦ୍ୟ ସ୍ଥଳୀ ଓ ଜଳ ପାତ୍ର ମନ୍ଦିର ପରିସରରେ ସ୍ଥାପନ କରାଯାଇଛି ଲ କାର୍ଯ୍ୟକ୍ରମ ରେ ସଭାପତି ସାଗର କୁମାର ପାତ୍ର, ସମ୍ପାଦକ ବିଜେନ୍ଦ୍ର ମାଝୀ, ବ୍ରହ୍ମପୁର ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ସ୍ୱାଧୀନ ସାହୁ,ଚେଣ୍ଟି ବାବୁ ,ପି. ଅରବିନ୍ଦ ଦେଶିବେହେରା, ପୁରୁଷୋତ୍ତମ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସ୍ଥାନୀୟ ପୂଜକ ଶଙ୍କର ରଣା, ମନ୍ଦିର ପରିଚାଳନା ସମ୍ପାଦକ ସି. ହେଚ. ଭୁବନି ଦାସ, ସଭାପତି ଏ. କରଲେୟା, ଜଗା ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

# ୪୦ବର୍ଷରେ ପଦାର୍ପଣ କଲା ମେଡିକାଲ ବଜାର ଦୁର୍ଗାପୂଜା, ବ୍ୟାପକ ପ୍ରସ୍ତୁତି ଆରମ୍ଭ

ଧାମନଗର,୪।୧୦ :(ମନ୍ଥନ) ଧାମନଗର ଏନ ଏ ସି ଅଧିନସ୍ଥ ଶାମପୁର ସ୍ଥିତ ମେଡିକାଲ ବଜାର ଦୁର୍ଗାପୂଜା ୪୦ବର୍ଷରେ ପଦାର୍ପଣ କରିଛି। ଜଗଜ୍ଜନନୀ ମା' ଦୁର୍ଗାଙ୍କ ଆଗମନ ପାଇଁ ପୂଜା କମିଟି ସମସ୍ତ ପ୍ରକାର ଆୟୋଜନ କରିଛି। ମେଡିକାଲ ବଜାର ଦୁର୍ଗା ମଣ୍ଡପରେ ମା'ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ତିଆରିରେ ଶେଷ ସ୍ପର୍ଶ ଦେଉଛି କାରିଗର। ଏହି ଉପଲକ୍ଷେ ଧାମନଗର ସହରାଞ୍ଚଳ ଉତ୍ସବ ମୁଖର ହୋଇଉଠିଛି। ପୂଜା କମିଟିର କର୍ମକର୍ତ୍ତା ମାନେ ଚଳିତ ବର୍ଷ ପୂଜା ମଣ୍ଡପ ଓ ତୋରଣକୁ ଆକର୍ଷଣୀୟ କରିବା ସହ ରୀତିନୀତି ଅନୁସାରେ ପୂଜା ଆରାଧନା କରିବାଲାଗି ପ୍ରସ୍ତୁତି ତ୍ୱରାନ୍ୱିତ କରିଛନ୍ତି।୧୯୮୭ ମସିହାରେ ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା କମିଟି ନାମରେ ସୃଷ୍ଟି ହୋଇଥିଲା ମେଡିକାଲ ବଜାର ଦୁର୍ଗାପୂଜା।ପ୍ରଥମ ବର୍ଷରୁ ଆକର୍ଷଣୀୟ ତୋରଣ,ଆଲୋକ ସଜ୍ଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇ ଏଯାବତ ପୂଜାକମିଟି ତା'ର ପରମ୍ପରାକୁ ବଜାୟ ରଖିଛି। ଏହି ପୂଜା କମିଟିର ପ୍ରତିଷ୍ଠାତା ଭାବେ ସ୍ୱର୍ଗତ ଯଦୁନାଥ ମହାପାତ୍ର,ବାସୁଦେବ ତ୍ରିପାଠୀ, ହରେକୃଷ୍ଣ ଦେବତା,ନବକୃଷ୍ଣ ମହାନ୍ତି,ରସାନନ୍ଦ ମହାପାତ୍ର, ସ୍ୱର୍ଗତ ଗଣେଶ ଚନ୍ଦ୍ର ମହାପାତ୍ର,ମାନଗୋବିନ୍ଦ ମହାପାତ୍ର, ବ୍ୟବସାୟୀ ସ୍ୱର୍ଗତ ଭାଗବତ ଦାଶ ପ୍ରମୁଖଙ୍କୁ ନେଇ ପ୍ରଥମେ ପୂଜାକମିଟି ଗଠନ କରାଯାଇ ଦୁର୍ଗାପୂଜା ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ବର୍ଷ ମାନଙ୍କରେ ସ୍ୱର୍ଗତ ମଦନମୋହନ ବସନ୍ତିଆ,ସ୍ୱର୍ଗତ ଶରତ କୁମାର ରାଉତ, ନାରାୟଣ ଚନ୍ଦ୍ର ମହାପାତ୍ର,ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ,ସତ୍ୟରଞ୍ଜନ ତ୍ରିପାଠୀ,ରଘୁନାଥ ନାୟକ,ବିଜୟ କୁମାର ମହାପାତ୍ର,ସ୍ୱର୍ଗତ ବ୍ରଜକିଶୋର ବେହେରା,ସ୍ୱର୍ଗତ ଦୟାଲ ଦତ୍ତ ପ୍ରମୁଖ ବହୁ ବ୍ୟକ୍ତି ଓ ଯୁବକ ସାମିଲ ହୋଇଥିଲେ।୨୦୧୨ ମସିହାରେ ଧାମନଗର ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା କମିଟି ତା'ର ୨୫ ବର୍ଷ ପୂର୍ତ୍ତି ଅବସରରେ 'ରୌପ୍ୟ ଜୟନ୍ତୀ' ଉତ୍ସବ ପାଳନ କରିଥିଲା। ଆକର୍ଷଣୀୟ ସାଜସଜ୍ଜା, ଚିତାକର୍ଷକ ରାବଣପୋଡି,ପ୍ରତିଭାବାନଙ୍କୁ ସମ୍ବର୍ଦ୍ଧନା ଓ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଲୋକେ ଆଜିବି ମନେ ପକାଉଛନ୍ତି।ଆଜି ଏହି ମର୍ଯ୍ୟାଦାଜନକ ପୂଜାକମିଟି ୪୦ବର୍ଷରେ ପଦାର୍ପଣ କରିଛି।କମିଟିର ସଭାପତି ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର,ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ରାଉତଙ୍କ ନେତୃତ୍ୱରେ ବହୁ ଯୁବକ ଓ ଅନୁଷ୍ଠାନ ପ୍ରେମୀ ଏହି ପୂଜା କମିଟିରେ ଯୋଡି ହୋଇ ପରମ୍ପରାକୁ ଜାରି ରଖିଛନ୍ତି। ଧାମନଗରର ଏକ ପ୍ରମୁଖ ଅନୁଷ୍ଠାନ ଭାବେ ମେଡିକାଲ ବଜାର ଦୁର୍ଗାପୂଜା କମିଟି ସ୍ୱତନ୍ତ୍ର ପରିଚୟ ଲାଭ କରିଛି। ସେହିପରି ଧାମନଗର ବ୍ଲକ ଓ ସହରାଞ୍ଚଳରେ ମୋଟ ୧୨ଟା ଅଧିକସ୍ଥାନରେ ପୂଜା ପାଇବେ ଜଗତଜନନୀ ମା' ଦୁର୍ଗା। ସେଥିପାଇଁ ସମଗ୍ର ଧାମନଗର ଅଞ୍ଚଳ ଉତ୍ସବ ମୁଖର ହୋଇ ଉଠିଛି।



# ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଅନୁଷ୍ଠିତ

ବୁଗୁଡ଼ା,୪।୧୦ :(ମନ୍ଥନ) ସ୍ଥାନୀୟ ପିପୁଲ୍ଲ ହାଇସ୍କୁଲ କେନ୍ଦ୍ରରେ ଆଜି ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୁଗୁଡା ଗୋଷ୍ଠୀ ଶିକ୍ଷାଧକାରୀଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟର ୧୩୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୪ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ଉକ୍ତ କେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ପିପୁଲ୍ଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶଙ୍କର ଦାସ ରହିଥିଲା ବେଳେ ଏବିଇଓ କ୍ରିଷ୍ଣଚନ୍ଦ୍ର ବେହେରା ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ । ସେହିପରି ସ୍ଥାନୀୟ ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ମଧ୍ୟ ଆଜି ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୁଗୁଡା ଗୋଷ୍ଠୀ ଶିକ୍ଷାଧକାରୀଙ୍କ



କାର୍ଯ୍ୟାଳୟ ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟର ୧୨୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲା ବେଳେ ୫ ଜଣ ଅନୁପସ୍ଥିତ ରହିଥିଲେ। ଉକ୍ତ କେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ଏସବିଏନ୍ ଗାର୍ଲସ୍ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ମହାରଣା ରହିଥିଲା ବେଳେ ଏବିଇଓ ରବିନ୍ଦ୍ର ବେହେରା ଯୋଗ ଦେଇଥିଲେ। ଉଭୟ କେନ୍ଦ୍ରରେ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିବା ଜଣାଯାଇଛି ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ୟୁପିଆଇ ଝଡ଼

ଗତ ପ୍ରାୟ ୬ ବର୍ଷ ଧରି 'ୟୁପିଆଇ'ରେ ଅର୍ଥ ପ୍ରଦାନ ସମ୍ପୂର୍ଣ୍ଣ ଦେୟମୁକ୍ତ ଥିଲାବେଳେ ଏହାକୁ ପରିଚାଳନା କରୁଥିବା ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ (ଏନପିସିଆଇ) ଦ୍ୱାରା ସେପ୍ଟେମ୍ବର ୧୫ ତାରିଖ ଦିନ ଜାରି ହୋଇଥିବା ସର୍କୁଲାରରେ ଅକ୍ ?ଟୋବର ୧୫ ତାରିଖଠାରୁ ନିର୍ଦ୍ଦିଷ୍ଟ ଧରଣର ୟୁପିଆଇ କାରବାର ଉପରେ ୦.୪ ପ୍ରତିଶତ ମର୍ଚାଣ୍ଟ ଡିସକାଉଣ୍ଟ ରେଟ (ଏମ.ଡି.ଆର.) ଆଦାୟ କରାଯିବ ବୋଲି କୁହାଯାଇଛି। ଏହାକୁ ପ୍ରତ୍ୟାହାର କରିବା ନେଇ ଦାବି ଉଠିଲାଣି। ପ୍ରଶ୍ନ ହେଉଛି ଏହାକୁ ଏଡ଼ାଇ ଦିଆଯାଇପାରିଥାନ୍ତା କି? ଏମ.ଡି.ଆର. କହିଲେ ଇଲେକ୍ଟ୍ରୋନିକ ମାଧ୍ୟମକୁ ବ୍ୟବହାର କରି ପଠାଯାଉଥିବା ଟଙ୍କା ଉପରେ ଗ୍ରାହକକୁ ଦେବାକୁ ହେଉଥିବା ଦେୟକୁ ବୁଝାଏ। ସର୍କୁଲାର ଅନୁଯାୟୀ ଏଣିକି ବ୍ୟକ୍ତି-ବ୍ୟକ୍ତି (ପି୨ପି) ଓ ୨୦୦୦ ଟଙ୍କା ପର୍ଯ୍ୟନ୍ତ ବ୍ୟକ୍ତି-ବ୍ୟବସାୟୀ (ପି୨ଏମ)ଙ୍କ ମଧ୍ୟରେ ହେଉଥିବା କାରବାର ଦେୟଶୂନ୍ୟ। ତା'ଠାରୁ ଅଧିକ ଟଙ୍କାର କାରବାର ଉପରେ ବ୍ୟବସାୟୀଙ୍କଠାରୁ ୦.୪ ପ୍ରତିଶତ ବା ସର୍ବାଧିକ ୩୦୦ ଟଙ୍କା ଆଦାୟ ହେବ। ଆଦାୟ ହେବାକୁ ଥିବା ରାଶିକୁ ୟୁପିଆଇ ପରିମଣ୍ଡଳରେ ଭାଗୀଦାର ପଠାଉଥିବା ବ୍ୟାଙ୍କ, ପାଉଥିବା ବ୍ୟାଙ୍କ, ଦେୟ ସେବା ପ୍ରଦାନକାରୀ ବ୍ୟାଙ୍କ (ପିଏସପି ବ୍ୟାଙ୍କ), ତୃତୀୟ ପକ୍ଷ ଆପ୍ଲିକେସନ୍ ପ୍ରଦାନକାରୀ (ଆପ୍ ?)ଙ୍କ ମଧ୍ୟରେ ଯଥାକ୍ରମେ ୪୦, ୩୦, ୧୦ ଓ ୨୦ ପ୍ରତିଶତ ହାରରେ ବଣ୍ଟନର ପ୍ରାବଧାନ ରହିଛି। ୟୁପିଆଇ (ୟୁନିଫାଏଡ ପେମେଣ୍ଟସ ଇଣ୍ଟରଫେସ) ଏକ ତାତ୍କାଳିକ ଡିଜିଟାଲ ଦେୟ ପ୍ରଦାନ ବ୍ୟବସ୍ଥା। ଏହାଦ୍ୱାରା ଆକାଉଣ୍ଟ ନମ୍ବର ନଜାଣି ମଧ୍ୟ ମୋବାଇଲ ଫୋନ ମାଧ୍ୟମରେ ଗୋଟିଏ ବ୍ୟାଙ୍କ ଖାତାରୁ ଆଉ ଗୋଟିଏ ବ୍ୟାଙ୍କ ଖାତାକୁ ସହଜରେ ଟଙ୍କା ପଠାଇହୁଏ। ଦେଶରେ ଦେୟ ପ୍ରଦାନ ଓ ବନ୍ଦୋବସ୍ତ (ପେମେଣ୍ଟ ଆଣ୍ଡ ସେଟଲମେଣ୍ଟ) ପ୍ରକ୍ରିୟାକୁ ବ୍ୟବସ୍ଥିତ କରି ଅଧିକ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ୨୦୦୮ ମସିହାରେ 'ପେମେଣ୍ଟ ଆଣ୍ଡ ସେଟଲମେଣ୍ଟ ଆଇନ' କାର୍ଯ୍ୟକାରୀ ହେଲା। ଏହାକୁ ଆଧାର କରି ସେହି ବର୍ଷ ୧୦ଟି ବ୍ୟାଙ୍କ ଦ୍ୱାରା 'ନ୍ୟାସନାଲ ପେମେଣ୍ଟସ କର୍ପୋରେସନ ଅଫ ଇଣ୍ଡିଆ' ନାମକ ଏକ ଅଣଲାଭକାରୀ କମ୍ପାନି ପ୍ରତିଷ୍ଠା କରାଗଲା। ରିଜର୍ଭ ବ୍ୟାଙ୍କର ପ୍ରତ୍ୟକ୍ଷ ନିୟନ୍ତ୍ରଣ ଓ ନିରୀକ୍ଷଣରେ କାର୍ଯ୍ୟ କରୁଥିବା 'ଏନପିସିଆଇ' ଦେଶରେ ଖୁଚୁରା ଦେୟ ବ୍ୟବସ୍ଥାର ସୁପରିଚାଳନା ନିମନ୍ତେ ଏକ ଶୀର୍ଷସ୍ଥାନୀୟ ସମନ୍ୱୟକାରୀ ସଂସ୍ଥା ପାଲଟିଲା। ଏହାଦ୍ୱାରା ୨୦୧୦ ମସିହାରେ 'ତତ୍କାଳ ଇଲେକ୍ଟ୍ରୋନିକ ଅର୍ଥ ପ୍ରେରଣ ବ୍ୟବସ୍ଥା' (ଆଇଏମପିଏସ) ବିକଶିତ ହେବା ପରେ ତା'ର ଭିତ୍ତିଭୂମି ଉପରେ ପ୍ରସ୍ତୁତ ୟୁପିଆଇ ୨୦୧୬ ମସିହାରୁ ବିଧିବଦ୍ଧ ଭାବେ କାର୍ଯ୍ୟ କରୁଛି। ଏମ.ଡି.ଆର. ଆଦାୟ ପଛର ଯୁକ୍ତି ହେଉଛି 'ୟୁପିଆଇ'ର ଭିତ୍ତିଭୂମି ବିକାଶ, ସାଇବର ସିକ୍ୟୁରିଟି ଆଦି ସମସ୍ୟା ବଡ଼ ଆହ୍ୱାନ ସୃଷ୍ଟି କରିବାକୁ ଯାଉଥିବାରୁ ତା'ର ମୁକାବିଲା କରିବା ପାଇଁ ହଜାର ହଜାର କୋଟି ଟଙ୍କାର ଆବଶ୍ୟକତା ରହିଛି। ବ୍ୟାଙ୍କ ଓ ଅନ୍ୟ ଅଂଶୀଦାରଙ୍କ ବୋଝକୁ ଲାଘବ କରିବାକୁ ହେଲେ 'ୟୁପିଆଇ' କାରବାରରୁ ଏମ.ଡି.ଆର. ଜରିଆରେ ଅର୍ଥ ସଂଗ୍ରହ ହୋଇ ଏହା ସ୍ୱୟଂସମର୍ଥ ହେବା ଉଚିତ। ଏବେ 'ୟୁପିଆଇ' କାରବାରରୁ ବ୍ୟାଙ୍କଗୁଡ଼ିକର ପ୍ରତ୍ୟକ୍ଷ ଆୟ ହେଉ ନଥିଲେ ବି କାରବାର ବଢ଼ିବା ସହିତ ସେମାନଙ୍କ ନିକଟରେ ସେଭିଙ୍ଗସ ବ୍ୟାଙ୍କ ଓ ଚଳନ୍ତିଖାତାରେ କମ୍? ସୁଧରେ ବଡ଼ ଧରଣର ପୁଞ୍ଜି ଜମା ହୋଇ ରହୁଛି। ନଗଦ ପରିବହନ ଓ ଏଟିଏମ ପରିଚାଳନା ସଂକ୍ରାନ୍ତ ଖର୍ଚ୍ଚ ଯଥେଷ୍ଟ ହ୍ରାସ ପାଇଛି। ଚେକ୍ ଜରିଆରେ ଏବଂ ଅନ୍ୟ ଦେଣନେଣ କାରବାରରେ ହ୍ରାସ ଯୋଗୁଁ ହେଉଥିବା ସଞ୍ଚୟ, ଓ ଗ୍ରାହକ ସଂଗ୍ରହ ପାଇଁ ହେଉଥିବା ବ୍ୟୟରେ ହ୍ରାସ ହେବା ସହିତ ସେମାନେ ଗ୍ରାହକମାନଙ୍କୁ ଋଣ, କାର୍ଡ, ଇନସୁରାନ୍ ?ସ ଓ ନିବେଶ ଆଦି ଉତ୍ପାଦ ବିକ୍ରି କରିବାକୁ ସମର୍ଥ ହେଉଛନ୍ତି। ଏକ ଆକଳନ ଅନୁସାରେ ୨୦୨୬ ଆର୍ଥିକ ବର୍ଷରେ ହୋଇଥିବା 'ୟୁପିଆଇ' କାରବାର ଯୋଗୁଁ ବ୍ୟାଙ୍କଗୁଡ଼ିକୁ ପରୋକ୍ଷ ଭାବେ ମିଳିଥିବା ଲାଭକୁ ଟଙ୍କା ଆକାରରେ ଗଣନା କଲେ ତାହା ପ୍ରାୟ ୧୪,୫୦୦ କୋଟି ଟଙ୍କା ହେବ।

# 'ଅଶୋକ ସିଂଘଲ ଜୀ— ଜଣେ କର୍ମଯୋଗୀ'

**ଦତ୍ତାତ୍ରେୟ ହୋସବାଲେ**

ଭାରତ ପାଇଁ ଏହା ଯୁଗ-ନିର୍ମାଣର ସମୟ। ସମ୍ପୂର୍ଣ୍ଣ ଦେଶ ଏକ ନୂତନ ଆତ୍ମବିଶ୍ୱାସର ସହ ନୂତନ ଭାରତ ନିର୍ମାଣର ସଂକଳ୍ପ ନେଉଛି । ଭାରତ ଆତ୍ମଗ୍ଲାନିରୁ ବାହାରି ଆତ୍ମଗୌରବ ଆଡ଼କୁ ଅଗ୍ରସର ହେଉଛି ଏବଂ ଏହାର 'ସ୍ୱବୋଧ' ଜାଗ୍ରତ ହେଉଛି। ଏହି ପରିବର୍ତ୍ତନକୁ ଭାରତର ପୁନରୁତ୍ଥାନ କୁହାଯାଇପାରେ । ଯେଉଁ ମହାପୁରୁଷମାନଙ୍କର ଅକ୍ଳାନ୍ତ ପ୍ରଚେଷ୍ଟା ଫଳରେ ଭାରତର ସ୍ୱବୋଧ ଜାଗ୍ରତ ହେଲା ଏବଂ ହିନ୍ଦୁ ସମାଜରେ ଆତ୍ମବିଶ୍ୱାସର ସଞ୍ଚାର ହେଲା, ସେମାନଙ୍କ ମଧ୍ୟରେ ମାନନୀୟ ଅଶୋକ ସିଂଘଲ ଜୀଙ୍କ ନାମ ଆଗ ଧାଡ଼ିରେ ରହେ । ତାଙ୍କ ପ୍ରତି ଶ୍ରଦ୍ଧା ବ୍ୟକ୍ତ କରିବା ପାଇଁ ସମାଜ ତାଙ୍କୁ ବିଭିନ୍ନ ନାମରେ ସମ୍ବୋଧିତ କରିଛି— କିଏ ତାଙ୍କୁ 'ହିନ୍ଦୁ ହୃଦୟ ସମ୍ରାଟ' ତ କିଏ 'ରାମ ଜନ୍ମଭୂମି ଆନ୍ଦୋଳନର ପୁରୋଧା', 'ହିନ୍ଦୁ ପୁନରୁତ୍ଥାନର ନାୟକ' ତଥା 'ରାଷ୍ଟ୍ର ଜାଗରଣ ଅଭିଯାନର ସେନାପତି' ବୋଲି କହୁଛନ୍ତି । କିନ୍ତୁ ଯଦି ଅଶୋକ ଜୀଙ୍କ ବ୍ୟକ୍ତିତ୍ୱର ପରିଚୟ କେବଳ ଗୋଟିଏ ଶବ୍ଦରେ ଦେବାକୁ ହୁଏ, ତାହା ହେଉଛି - କର୍ମଯୋଗୀ ।

ନିଷ୍କାମ ଭାବନାରେ ସେ କର୍ମ କରୁଥିଲେ। କୌଣସି କାର୍ଯ୍ୟରେ ସଫଳତା ମିଳିଲେ ତାହାର ଶ୍ରେୟ ନିଜେ ନ ନେଇ ଈଶ୍ୱରଙ୍କୁ ଠାରେ ତାହା ସମର୍ପଣ କରିଦେଉଥିଲେ ଏବଂ ସଫଳତା ଠାରୁ ମିଳୁଥିବା ପ୍ରସିଦ୍ଧିରୁ ନିଜକୁ ଦୂରେଇ ରଖୁଥିଲେ । ପ୍ରସିଦ୍ଧିର ଶିଖରରେ ପହଞ୍ଚିବା ପରେ ମଧ୍ୟ ସେ କେବେ ପ୍ରସିଦ୍ଧିର କାମନା ରଖି ନଥିଲେ । ତାଙ୍କ ଉପସ୍ଥିତିରେ ଯଦି ତାଙ୍କର ପ୍ରଶଂସା ହେଉଥିଲା ତାହା ତାଙ୍କୁ ଠିକ୍ ଲାଗୁ ନଥିଲା । ମାନ-ଅପମାନ, ଯଶ-ଅପଯଶରୁ ଊର୍ଦ୍ଧ୍ୱକୁ ଉଠି ନିଜ କର୍ତ୍ତବ୍ୟ-ପଥରେ ସମଭାବରେ ନିରନ୍ତର ଚାଲିବା ହିଁ ଜଣେ କର୍ମଯୋଗୀ ତଥା ଜଣେ ସଚ୍ଚା ସ୍ୱୟଂସେବକର ପରିଚୟ । ଏହି ସବୁ ଗୁଣ ଅଶୋକଜୀଙ୍କ ଜୀବନରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଥିଲା।

ପ୍ରତିଭାର ରାଷ୍ଟ୍ରକାର୍ଯ୍ୟ ପାଇଁ ସମର୍ପଣ

ଅଶୋକଜୀ ବିଲକ୍ଷଣ ପ୍ରତିଭାର ଅଧିକାରୀ ତଥା ତୀକ୍ଷ୍ଣ ବୁଦ୍ଧିସମ୍ପନ୍ନ ମେଧାବୀ ଛାତ୍ର ଥିଲେ । କିନ୍ତୁ ତାଙ୍କର ଜ୍ଞାନର ପ୍ରତିଭା ବ୍ୟକ୍ତିଗତ ଜୀବନର ଉନ୍ନତି ପାଇଁ ନଥିଲା, ପରନ୍ତୁ ରାଷ୍ଟ୍ରର ଉତ୍ଥାନ ପାଇଁ ସମର୍ପିତ ଥିଲା । ସେ ଏକ ପ୍ରତିଷ୍ଠିତ ଏବଂ ଉଚ୍ଚ ଶିକ୍ଷିତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଜଣେ ଭାଇ ଭାରତୀୟ ପୋଲିସ ସେବାରେ କାର୍ଯ୍ୟକରି ଉତ୍ତର ପ୍ରଦେଶର ପୋଲିସ ମହାନିର୍ଦ୍ଦେଶକ ପଦବୀ ପର୍ଯ୍ୟନ୍ତ ପହଞ୍ଚି ପାରିଥିଲେ ଏବଂ ତାଙ୍କର ଅନ୍ୟ ଭାଇମାନେ ସଫଳ ବ୍ୟବସାୟୀ ଓ ଶିଳ୍ପପତି ହୋଇ ପାରିଥିଲେ । ସ୍ୱୟଂ ଅଶୋକ ଜୀ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଧାତୁ ବିଜ୍ଞାନ (ଗରତ୍ମବକ୍ଷକ୍ଷଙ୍କକ୍ସଶଚ୍ଛ)ରେ ଇଞ୍ଜିନିୟରିଂ ଶିକ୍ଷା ପ୍ରାପ୍ତ କରିଥିଲେ । ତାଙ୍କ ପାଖରେ ବ୍ୟକ୍ତିଗତ ଜୀବନର ପ୍ରଗତି ପାଇଁ ଅନେକ ସୁଯୋଗ ଥିଲା, କିନ୍ତୁ ସେ ନିଜ ଜୀବନକୁ ରାଷ୍ଟ୍ର ପ୍ରତି ସମ୍ପୂର୍ଣ୍ଣ ରୂପେ ସମର୍ପିତ କରିଦେଇଥିଲେ। ସେ ମୂଳରୁ ଆଧ୍ୟାତ୍ମିକ ବିଚାରର ବ୍ୟକ୍ତି ଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ପରି ସେ ମଧ୍ୟ ନିଜ ପାଇଁ କିଛି ପାଇବାର ଆଶା ନରଖି ସମାଜ ଏବଂ ରାଷ୍ଟ୍ର ପାଇଁ ନିଜ ଜୀବନ ସମର୍ପିତ କରିଦେଇଥିଲେ । ତାଙ୍କ ସାଧନାର କେନ୍ଦ୍ର ନିଜ ବଦଳରେ ସମାଜ ଏବଂ ରାଷ୍ଟ୍ର ଥିଲା ।

ସଂଘ ସଂସ୍କାର ଦ୍ୱାରା ନିର୍ମାଣ ହୋଇଥିବା ବ୍ୟକ୍ତିତ୍ୱ

ଅଶୋକଜୀ ଛାତ୍ରଜୀବନରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସମ୍ପର୍କରେ ଆସିଥିଲେ । ପ୍ରାରମ୍ଭିକ ଜୀବନରେ ତାଙ୍କୁ ପୂଜନୀୟ ପ୍ରଫେସର ରାଜେନ୍ଦ୍ର ସିଂହ 'ରଜ୍ଜୁ ଭୈୟା'ଙ୍କ ମାର୍ଗଦର୍ଶନର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ମାନନୀୟ ଭାଉରାଓ ଦେବରସ ଜଣେ କୁଶଳୀ ଶିଳ୍ପୀ ଭାବରେ ତାଙ୍କ ବ୍ୟକ୍ତିତ୍ୱକୁ ଗଢ଼ିତୋଳିଥିଲେ । ତାଙ୍କୁ ପୂଜନୀୟ ଗୁରୁଜୀଙ୍କ ମାର୍ଗଦର୍ଶନ ମଧ୍ୟ ନିରନ୍ତର ପ୍ରାପ୍ତ ହୋଇଥିଲା ।ତାଙ୍କର ସମର୍ପଣଭାବ, କର୍ମଠତା, ଦୃଢ଼ ସଂକଳ୍ପ, ପରିଚାଳନା ଦକ୍ଷତା, ସଂଗଠନ ଦକ୍ଷତା ଏବଂ ଦୂରଦୃଷ୍ଟିରେ ଏହି ମହାପୁରୁଷମାନଙ୍କ ମାର୍ଗଦର୍ଶନର ସ୍ପଷ୍ଟ ଛାପ ଦେଖାଯାଉଥିଲା । ଇଞ୍ଜିନିୟରିଂ ଶିକ୍ଷା ସମାପ୍ତ ହେବା ମାତ୍ରେ ସେ ସଂଘର ପ୍ରଚାରକ ହୋଇଗଲେ । ତାଙ୍କୁ ଯେଉଁ ଦାୟିତ୍ୱ ବି ମିଳିଲା ସେ ତାହାକୁ ସଂପୂର୍ଣ୍ଣ ନିଷ୍ଠା ଓ ପରିଶ୍ରମର ସହିତ ତୁଲାଇଥିଲେ । ଏପରି ମନେ ହେଉଥିଲା ଯେମିତି ସେ ସେହି ଦାୟିତ୍ୱ ପାଇଁ ହିଁ ଗଢ଼ା ହୋଇଛନ୍ତି ।

ବିରାଟ ହିନ୍ଦୁ ସମ୍ମିଳନୀ ଏବଂ ବିଶ୍ୱ ହିନ୍ଦୁ ପରିଷଦର ଦାୟିତ୍ୱ

ଯେତେବେଳେ ସେ ଦିଲ୍ଲୀ ପ୍ରାନ୍ତର ପ୍ରାନ୍ତ ପ୍ରଚାରକ ଥିଲେ (ଯେଉଁଥିରେ ଦିଲ୍ଲୀ ଏବଂ ହରିୟାଣା ଉଭୟ ପ୍ରଦେଶ ସମାହିତ ଥିଲା), ସେତେବେଳେ ମୀନାକ୍ଷୀପୁରମ୍‌ର ଧର୍ମାନ୍ତରଣ ଘଟଣା ସମଗ୍ର ସମାଜକୁ ଚିନ୍ତାରେ ପକାଇଥିଲା । ସେହି ସମୟରେ ହିନ୍ଦୁ ସମାଜର ବ୍ୟାପକ ଜାଗରଣର ଆବଶ୍ୟକତା ଅନୁଭବ କରାଯାଉଥିଲା ।ମାନନୀୟ ଅଶୋକଜୀଙ୍କୁ ଦିଲ୍ଲୀରେ 'ବିରାଟ ହିନ୍ଦୁ ସମ୍ମିଳନୀ' ଆୟୋଜନର ଦାୟିତ୍ୱ ଦିଆଯାଇଥିଲା । ଡକ୍ଟର କର୍ଣ୍ଣ ସିଂହଙ୍କ ସହିତ ସମାଜର ବିଭିନ୍ନ ବର୍ଗକୁ ସାଙ୍ଗରେ ନେଇ ସେ ଏହି ବିରାଟ ହିନ୍ଦୁ ସମ୍ମିଳନୀର ଯୋଜନାକୁ ସଫଳ କରିଥିଲେ । ପୂଜ୍ୟ ସାଧୁସନ୍ଥଙ୍କ ମାର୍ଗଦର୍ଶନରେ ସମାଜର ବିଭିନ୍ନ ବର୍ଗକୁ ଯୋଡ଼ି ଯେଉଁ କୁଶଳତାର ସହିତ ଏତେ ବଡ଼ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ସେଥିରୁ ଅଶୋକଜୀଙ୍କ ସଂଗଠନ-ଦକ୍ଷତାର ପରିଚୟ ସମଗ୍ର ସମାଜକୁ ମିଳିଥିଲା । ଏହି ଆୟୋଜନ ମାଧ୍ୟମରେ ସମାଜରେ ଧର୍ମାନ୍ତରୀକରଣର ଆହ୍ୱାନ ପ୍ରତି ଦାୟିତ୍ୱ-ବୋଧ ଜାଗ୍ରତ ହୋଇଥିଲା। ଏହା ପରେ ଧାର୍ମିକ ଏବଂ ସାମାଜିକ କ୍ଷେତ୍ରରେ ବ୍ୟାପକ ଜାଗରଣ ପାଇଁ ତାଙ୍କୁ ବିଶ୍ୱ ହିନ୍ଦୁ ପରିଷଦର ଦାୟିତ୍ୱ ମିଳିଥିଲା । ସେ ଏହି ଦାୟିତ୍ୱକୁ ମଧ୍ୟ ସେହି କର୍ମଠତା ଏବଂ ସମର୍ପଣଭାବର ସହିତ ତୁଲାଇଥିଲେ । ସମାଜର ପରିସ୍ଥିତିଗୁଡିକୁ ବୁଝିବା, ସେହି ଅନୁରୂପ ଚିନ୍ତା କରିବା, ଯୋଜନା ପ୍ରସ୍ତୁତ କରିବା ଏବଂ ସେଗୁଡ଼ିକୁ ତଳସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ଆଦି ତାଙ୍କ କାର୍ଯ୍ୟଶୈଳୀର ବିଶେଷତା ଥିଲା ।

ସମରସ ହିନ୍ଦୁ ସମାଜ ନିର୍ମାଣ କରିବାର ପ୍ରୟାସ

ହିନ୍ଦୁ ସମାଜରେ ବହୁବର୍ଷ ଧରି ଅସ୍ପୃଶ୍ୟତା ଏକ ଗମ୍ଭୀର ସାମାଜିକ ଆହ୍ୱାନ ହୋଇ ରହିଥିଲା । ଅସ୍ପୃଶ୍ୟତା ଦୂର ନ ହେବା ପର୍ଯ୍ୟନ୍ତ ସମରସ ସମାଜର କଳ୍ପନା ପୂର୍ଣ୍ଣ ହୋଇପାରିବ ନାହିଁ । ଅଶୋକଜୀ ଏହି ବିଷୟକୁ କେବଳ ସାମୂହିକ ଭୋଜନ କିମ୍ବା ପ୍ରତୀକାତ୍ମକ କାର୍ଯ୍ୟକ୍ରମ ମଧ୍ୟରେ ସୀମିତ ରଖିନଥିଲେ । ସେ ପୂଜନୀୟ ସନ୍ଥମାନଙ୍କୁ ହିନ୍ଦୁ ସମାଜକୁ ଏହି ବାର୍ତ୍ତା ଦେବା ପାଇଁ ଅନୁରୋଧ କରିଥିଲେ ଯେ, ଅସ୍ପୃଶ୍ୟତା ହିନ୍ଦୁ ଧର୍ମର ମୂଳ ଆଦର୍ଶ ଅନୁରୂପ ନୁହେଁ । ତାହାପରେ ସନ୍ଥମାନେ ଅନୁସୂଚିତ ସମାଜର ବସ୍ତିକୁ ଯିବା ଆରମ୍ଭ କଲେ । ଏହି ବିଷୟରେ ଅଧ୍ୟୟନ ଏବଂ ବିଚାର ବିମର୍ଶକୁ ମଧ୍ୟ ଆଗକୁ ବଢ଼ାଗଲା । ୯ ନଭେମ୍ବର ୧୯୮୯ରେ ଅଯୋଧ୍ୟାରେ ରାମ ଜନ୍ମଭୂମି ମନ୍ଦିରର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଅନୁସୂଚିତ ସମାଜର ଶ୍ରୀ କାମେଶ୍ୱର ଚୌପାଲଙ୍କ ଭୂମିକା ଏହି ବ୍ୟାପକ ସାମାଜିକ ସମରସତାର ସନ୍ଦେଶ ସହିତ ଯୋଡ଼ିହୋଇ ଥିଲା । ସେଠାରେ ଅନେକ ପୂଜ୍ୟ ସନ୍ଥ ଏବଂ ଧର୍ମାଚାର୍ଯ୍ୟ ଉପସ୍ଥିତ ଥିଲେ । ସେହିପରି ବାରାଣସୀରେ ଡୋମ୍ ରାଜାଙ୍କ ଘରେ ପୂଜ୍ୟ ସନ୍ଥମାନେ ଭୋଜନ କରିବା ମଧ୍ୟ ସାମାଜିକ ସମରସତା ସନ୍ଦେଶର ଏକ ମହତ୍ତ୍ୱପୂର୍ଣ୍ଣ ଉଦାହରଣ ପାଲଟିଥିଲା । ଏହି ପ୍ରୟାସଗୁଡ଼ିକ ଦ୍ୱାରା ସମାଜରେ ଏଭଳି ବିଶ୍ୱାସ ଦୃଢ଼ୀଭୂତ ହେଲା ଯେ ସାମାଜିକ ଭେଦଭାବ ସମାପ୍ତ କରି ସମରସ ହିନ୍ଦୁ ସମାଜର ନିର୍ମାଣ କରାଯାଇପାରେ।

ରାମ ଜନ୍ମଭୂମି ଆନ୍ଦୋଳନ ଏବଂ ଅଶୋକଜୀ

ରାମ ଜନ୍ମଭୂମି ଆନ୍ଦୋଳନ ଆଧୁନିକ ଭାରତର ସବୁଠାରୁ ବ୍ୟାପକ ସାମାଜିକ-ଧାର୍ମିକ ଆନ୍ଦୋଳନଗୁଡ଼ିକ ମଧ୍ୟରୁ ଅନ୍ୟତମ ଥିଲା । ୧୯୮୦ ଦଶକରୁ ନେଇ ୨୦୧୯ର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ଏବଂ ତା'ପରେ ମନ୍ଦିର ନିର୍ମାଣ ପର୍ଯ୍ୟନ୍ତ ଏହାର ଅନେକ ମହତ୍ତ୍ୱପୂର୍ଣ୍ଣ ପର୍ଯ୍ୟାୟ ରହିଥିଲା । ରାମ-ଜାନକୀ ରଥଯାତ୍ରା, ଶିଳା-ପୂଜନ, ଚରଣ-ପାଦୁକା ପୂଜନ, ରାମଜ୍ୟୋତି ଭଳି ଅନେକ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଜନଜାଗରଣ ହୋଇଥିଲା । ଏହି ସମଗ୍ର ଆନ୍ଦୋଳନରେ ଅଶୋକ ଜୀଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଥିଲା । ୧୯୯୦ର କରସେବା ସମୟରେ ସୃଷ୍ଟି ହୋଇଥିବା ଅନେକ ପରିସ୍ଥିତି ତଥା ବହୁ କାର୍ଯ୍ୟକର୍ତ୍ତାଙ୍କ ବଳିଦାନ ଆନ୍ଦୋଳନକୁ ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚାଇଥିଲା । କଠିନ ପରିସ୍ଥିତି ସମୟରେ ମଧ୍ୟ ଅଶୋକଜୀଙ୍କ ଦୃଢ଼ ବିଶ୍ୱାସ କାର୍ଯ୍ୟକର୍ତ୍ତାମାନଙ୍କ ପାଇଁ ପ୍ରେରଣାର ସ୍ରୋତ ହୋଇ ରହିଥିଲା । ତାଙ୍କର ବିଶ୍ୱାସ ଥିଲା—"ଏହା ପ୍ରଭୁ ରାମଚନ୍ଦ୍ରଙ୍କର କାର୍ଯ୍ୟ, ପ୍ରଭୁ ରାମ ଏହି କାର୍ଯ୍ୟକୁ ନିଶ୍ଚୟ ପୂରଣ କରିବେ।"ମନ୍ଦିର ନିର୍ମାଣ କାର୍ଯ୍ୟ ତାଙ୍କ ଜୀବନକାଳ ମଧ୍ୟରେ ସଂପୂର୍ଣ୍ଣ ହୋଇ ନଥିଲା, ଯେଉଁ ଆନ୍ଦୋଳନକୁ ସେ ଦଶନ୍ଧି ଦଶନ୍ଧି ଧରି ମାର୍ଗଦର୍ଶନ, ସଂଗଠନ ନିମିତ୍ତ ଶକ୍ତି ପ୍ରଦାନ କରିଥିଲେ, ତାହାର ପରିଣାମ ତାଙ୍କ ଦେହାନ୍ତ ପରେ ସାକାର ହେଲା । ୯ ନଭେମ୍ବର ୨୦୧୯ରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ପରେ ଶ୍ରୀରାମ ଜନ୍ମଭୂମିରେ ମନ୍ଦିର ନିର୍ମାଣର ମାର୍ଗ ପ୍ରଶସ୍ତ ହେଲା, ୫ ଅଗଷ୍ଟ ୨୦୨୦ରେ ଭୂମିପୂଜନ ହୋଇ ୨୨ ଜାନୁଆରୀ ୨୦୨୪ରେ ଶ୍ରୀରାମ ଲଲାଙ୍କ ପ୍ରାଣ ପ୍ରତିଷ୍ଠା ହେଲା ଏବଂ ଆଜି ସେଠାରେ ଭବ୍ୟ ମନ୍ଦିରର ନିର୍ମାଣ ସମ୍ପନ୍ନ ହୋଇସାରିଛି ।

କେବଳ ରାମ ଜନ୍ମଭୂମି ମଧ୍ୟରେ ସୀମିତ ନଥିଲେ

ଅଶୋକଜୀଙ୍କ ପରିଚୟ ରାମ ଜନ୍ମଭୂମି ଆନ୍ଦୋଳନର ପ୍ରମୁଖ ନେତୃତ୍ୱକର୍ତ୍ତା ଭାବେ ସ୍ଥାନ ପାଇଥିଲା, କିନ୍ତୁ ତାଙ୍କ କାର୍ଯ୍ୟକ୍ଷେତ୍ରର ପରିସର ଏହାଠାରୁ ଯଥେଷ୍ଟ ବ୍ୟାପକ ଥିଲା। ରାମସେତୁର ସୁରକ୍ଷା, ଅମରନାଥ ଯାତ୍ରା, ଗୋ-ଗବେଷଣା ଓ ଗୋବଂଶ ସଂବର୍ଦ୍ଧନ, ସାମାଜିକ ସମରସତା, ବୁଦ୍ଧିଜୀବୀମାନଙ୍କୁ ହିନ୍ଦୁ ବିଚାର ସହିତ ଯୋଡ଼ିବା ତଥା ବିଭିନ୍ନ ସାମାଜିକ ଏବଂ ରାଷ୍ଟ୍ରୀୟ ବିଷୟରେ ଜନଜାଗରଣ କରିବା ଆଦି କ୍ଷେତ୍ରରେ ତାଙ୍କର ପଦକ୍ଷେପ ଏବଂ ମାର୍ଗଦର୍ଶନ ଉଲ୍ଲେଖନୀୟ । ସେ ଧାତୁ ବିଜ୍ଞାନ (ଗରତ୍ମବକ୍ଷକ୍ଷଙ୍କକ୍ସଶଚ୍ଛ)ର ବୈଜ୍ଞାନିକ ଥାଇ ମଧ୍ୟ ସମାଜର ପ୍ରକୃତି, ସାମର୍ଥ୍ୟ ଏବଂ ଏହାର ଆହ୍ୱାନଗୁଡ଼ିକୁ ବୁଝିବାରେ ତାଙ୍କର ଦୃଷ୍ଟିଭଙ୍ଗୀ ମଧ୍ୟ ଅତ୍ୟନ୍ତ ଗଭୀର ଥିଲା । ତାଙ୍କ କାର୍ଯ୍ୟଶୈଳୀରେ ବୈଜ୍ଞାନିକ ଦୃଷ୍ଟିକୋଣ, ସଂଗଠନ କୌଶଳ, ଆଧ୍ୟାତ୍ମିକ ଭାବ ପ୍ରତି ଆସ୍ଥା ଏବଂ ରାଷ୍ଟ୍ରଭକ୍ତିର ଅଭୂତପୂର୍ବ ସମନ୍ୱୟ ଦେଖାଯାଉଥିଲା ।

ଯୁଗଦ୍ରଷ୍ଟା କର୍ମଯୋଗୀ

ଅଶୋକଜୀଙ୍କ ବ୍ୟକ୍ତିତ୍ୱର ସବୁଠାରୁ ବଡ଼ ବିଶେଷତା ଏହା ଥିଲା ଯେ ସେ କୌଣସି କାର୍ଯ୍ୟର ସଫଳତା ପରେ ଅଟକି ଯାଉ ନଥିଲେ । ଗୋଟିଏ ଲକ୍ଷ୍ୟ ପ୍ରାପ୍ତ ହେବା ମାତ୍ରେ ସେ ପରବର୍ତ୍ତୀ ଲକ୍ଷ୍ୟ ଆଡ଼କୁ ଆଗେଇ ଯାଉଥିଲେ । ସେ ସମାଜ ସମ୍ମୁଖରେ ଆସୁଥିବା ପ୍ରତ୍ୟେକ ଆହ୍ୱାନକୁ ସ୍ୱୀକାର କରୁଥିଲେ ଏବଂ ତାହାର ସମାଧାନ ପାଇଁ ସମାଜକୁ ସଂଗଠିତ କରିବାରେ ଲାଗିପଡୁଥିଲେ । ତାଙ୍କ ପାଇଁ ସଂଗଠନ ସାଧନ ଥିଲା, ସମାଜ ସାଧ୍ୟ ଥିଲା ଏବଂ ରାଷ୍ଟ୍ରସେବା ଜୀବନର ଉଦ୍ଦେଶ୍ୟ ଥିଲା । ସେ ନିଜ ବ୍ୟକ୍ତିଗତ ଜୀବନର ସମ୍ଭାବନାଗୁଡ଼ିକୁ ତ୍ୟାଗ କରି ରାଷ୍ଟ୍ରକାର୍ଯ୍ୟକୁ ବାଛିଥିଲେ । ସେ ପ୍ରସିଦ୍ଧି ପାଇଥିଲେ, କିନ୍ତୁ ପ୍ରସିଦ୍ଧିଠାରୁ ନିଜକୁ ଅଲଗା ରଖିଥିଲେ । ସେ ନେତୃତ୍ୱ ନେଉଥିଲେ, କିନ୍ତୁ ଶ୍ରେୟ ନିଜେ ନେବାର ଆଶା ରଖିନଥିଲେ । ତାଙ୍କର ସଂଘର୍ଷ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ନଥିଲା । ଏହି କାରଣରୁ ଅଶୋକ ସିଂଘଲ ଜୀଙ୍କ ଜୀବନ କେବଳ ଜଣେ ବ୍ୟକ୍ତିର ଜୀବନ ନୁହେଁ, ବରଂ ସମର୍ପଣ, ସାଧନା, ସଂଗଠନ ତଥା କର୍ମଯୋଗୀର ଏକ ପ୍ରେରଣାଦାୟୀ ଅଧ୍ୟାୟ ଅଟେ । ଭାରତର ବର୍ତ୍ତମାନର ପୁନରୁତ୍ଥାନରେ ଯେଉଁ ମହାପୁରୁଷମାନଙ୍କର ତପସ୍ୟା, ତ୍ୟାଗ ଏବଂ ପୁରୁଷାର୍ଥର ଯୋଗଦାନ ରହିଛି, ଅଶୋକଜୀ ସେମାନଙ୍କ ମଧ୍ୟରେ ଅଗ୍ରଣୀ । ସେ ହିନ୍ଦୁ ସମାଜରେ ଆତ୍ମବିଶ୍ୱାସ ଜାଗ୍ରତ କରିବା, ସାମାଜିକ ସମରସତା ଭାବନାକୁ ଆଗକୁ ବଢ଼ାଇବା ଏବଂ ରାଷ୍ଟ୍ରଚେତନାକୁ ସୁଦୃଢ଼ କରିବା ପାଇଁ ନିଜର ସମ୍ପୂର୍ଣ୍ଣ ଜୀବନ ଅର୍ପଣ କରିଦେଇଥିଲେ । ତେଣୁ ତାଙ୍କୁ କେବଳ ରାମ ଜନ୍ମଭୂମି ଆନ୍ଦୋଳନର ମହାନାୟକ ଭାବରେ ଦେଖିବା ଦ୍ୱାରା ତାଙ୍କ ବିରାଟ ବ୍ୟକ୍ତିତ୍ୱ ସୀମିତ ହୋଇଯିବ । ସେ ବାସ୍ତବରେ ଜଣେ କର୍ମଯୋଗୀ ଥିଲେ ଏପରି ଜଣେ କର୍ମଯୋଗୀ, ଯାହାଙ୍କ ଜୀବନ ଆଗାମୀ ପିଢ଼ିକୁ ନିରନ୍ତର ପ୍ରେରଣା ଦେଉଥିବ ।

ସରକାର୍ଯ୍ୟବାହ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ

# ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ-ମହାତ୍ମାଗାନ୍ଧି

**ଅକ୍ଷୟ କୁମାର ରାଉତ**

ପୁଣ୍ୟ ଭୂମି ଭାରତ। ଏଠାରେ ଅନେକଧର୍ମ ,ସମ୍ପ୍ରଦାୟ, ଜାତି,ବର୍ଣ୍ଣ ଓ ବିଭିନ୍ନ ଭାଷାର ଲୋକ ବସବାସ କରନ୍ତି। ଏହି ପବିତ୍ର ଭୂମିରେ ଯେଉଁ କେତୋଟି ଉଜ୍ଜଳ ଜ୍ୟୋତିଷ୍କ ଉଦ୍‌ଭାସିତ ହୋଇ ସମଗ୍ର ବିଶ୍ୱକୁ ଦେଖାଇଥିଲେ ସତ୍ୟ, ଶାନ୍ତି,ଦୟା,କ୍ଷମା,ତ୍ୟାଗ ଓ ଅହିଂସାର ପଥ। ସେମାନଙ୍କ ମଧ୍ୟରୁ ସତ୍ୟ ଓ ଅହିଂସାର ପୂଜାରୀ, ଦୀନ ଦୁର୍ବଳର ବନ୍ଧୁ, ସ୍ୱାଧୀନ ଭାରତର ସ୍ରଷ୍ଟା, ଜାତିର ଜନକ, ଯୁଗ ମାନବ ମହାତ୍ମାଗାନ୍ଧି ୧୮୬୯ ଖ୍ରୀଷ୍ଟାବ୍ଦ, ଅକ୍ଟୋବର ଦୁଇ ତାରିଖରେ ଗୁଜୁରାଟର ପୋରବନ୍ଦର ଠାରେ ଏକ ବୈଶ୍ୟ ବଣିକ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ଜନ୍ମ ସମୟରେ ମହାତ୍ମା ଗାନ୍ଧିଙ୍କର ନାମ ଥିଲା 'ମୋହନ ଦାସ କରମଚାନ୍ଦ ଗାନ୍ଧି'। ପିତା କରମଚାନ୍ଦ(କାବା) ଗାନ୍ଧି ଓ ମାଆଙ୍କର ନାମ ଥିଲା ପୁତ୍‌ଲୀବାଈ। କାବା ଗାନ୍ଧୀଙ୍କର ତିନୋଟି ସ୍ତ୍ରୀ ମରିଯିବା ପରେ ପୁତ୍‌ଲୀବାଈ ଥିଲେ ଚତୁର୍ଥ ସ୍ତ୍ରୀ ପୁତ୍‌ଲୀବାଈଙ୍କର ଚାରୋଟି ସନ୍ତାନ ମଧ୍ୟରୁ ମୋହନ ଥିଲେ ସବାସାନ । କାବା ଗାନ୍ଧି ଥିଲେ ସାଧୁ ଓ ନୀତିନିଷ୍ଠ। ପୁତ୍‌ଲୀବାଈ ଥିଲେ ଧର୍ମ ପରାୟଣା, ସ୍ନେହ ବତ୍ସଳା, ତ୍ୟାଗମୟୀ ମାତା। ପିତାମାତାଙ୍କର ଏହି ସବୁ ସଦ୍‌ଗୁଣା ବଳି ଦ୍ୱାରା ମୋହନଦାସ ପ୍ରଭାବିତ ହୋଇଥିଲେ। ସମୟ କ୍ରମେ ମୋହନଦାସ ହେଲେ ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ। ସତ, ଅହିଂସା ମହାମନ୍ତ୍ରରେ କାଶ୍ମୀର ଠାରୁ କୁମାରୀକାଯାଏ ଭାରତୀୟମାନଙ୍କୁ ଏକତ୍ରୀତ କରିପାରିଥିଲେ। ଗାନ୍ଧିଜୀଙ୍କ ବଂଶ ବିଭିନ୍ନ ରାଜ୍ୟରେ ଦେୱାନ ଭାବରେ କାମ କରୁଥିଲେ। ମୋହନ ଦାସ ପ୍ରଥମ ଲୁଲିଆ ମାଷ୍ଟ୍ରଙ୍କ ଚାଟଶାଳିରେ ପାଠ ପଢା ଆରମ୍ଭ କଲେ। ତାପରେ ବ୍ରାଂଚ ସ୍କୁଲରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପଢିଲେ। ୧୮୮୦ ମସିହାରେ ତାଲୁକ ସ୍କୁଲରୁ ପାଶ୍ କରି କାଥିଆ ୱାର୍ଡ଼ ହାଇସ୍କୁଲରେ ପାଠ ପଢିଲେ। ସେ ଭଲ ପାଠ ପଢୁନ ଥିଲେ ମଧ୍ୟ ଉତମ ଚରିତ୍ର ପାଇଁ ଶିକ୍ଷକମାନଙ୍କ ଶୁଭ ଦୃଷ୍ଟିରେ ରହିଥିଲେ। ଏକଦା ଇନିସ୍ପେକ୍ଟର ସ୍କୁଲ ପରିଦର୍ଶନରେ ଆସିଥିଲେ। ପ୍ରଧାନ ଶିକ୍ଷକ ଗାନ୍ଧିଙ୍କୁ ପାଖ ପିଲାଠାରୁ ଠିକ୍ ଉତର ଲେଖିବା ପାଇଁ ଯେତେ ଠାରିଲେ ମଧ୍ୟ ଗାନ୍ଧି କପି କରିନଥିଲେ। କାରଣ ତାଙ୍କ ଉପରେ ଶ୍ରବଣ କୁମାର ଓ ହରିଶ୍ଚନ୍ଦ୍ରଙ୍କର ନିଷ୍ଠା, ତ୍ୟାଗ, ସତ୍ୟର ପ୍ରଭାବ ପଡ଼ିଥିଲା। ପିଲା ସମୟରେ ସେ ସାଙ୍ଗମାନଙ୍କ ସାଙ୍ଗରେ ପଡ଼ି ବିଡ଼ି ଟାଣିବା ଅଭ୍ୟାସ ପ୍ରତିଜ୍ଞା ବଳରେ ଛାଡ଼ି ପାରିଥିଲେ। ପରବର୍ତୀ ସମୟରେ ନିଶାମୁକ୍ତ ସୁସ୍ଥ ସମାଜ ଗଠନ ପାଇଁ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ। ମୁସଲମାନ ସାଙ୍ଗ ପରୋଚନାରେ ଥରେ ମାଂସ ଖାଇଥିଲେ। ମାତ୍ର ମୋହନ ଜୀବନରେ ଆଉ କେବେ ଆମିଷ ଛୁଇଁ ନଥିଲେ। ମୋହନଙ୍କର ଠିକ୍ ସାତବର୍ଷ ବେଳେ କସ୍ତୁରୀବାଈଙ୍କ ସହିତ ନିର୍ବନ୍ଧ ଓ ତେର ବର୍ଷ ବୟସରେ ବିବାହ ହୋଇଥିଲା। ପରଅବସ୍ଥାରେ ସେ ବାଲ୍ୟ ବିବାହ ସମାଜରୁ ଉଠାଇବାକୁ ଅନେକ ଉଦ୍ୟମ କରିଥିଲେ।

ଛୋଟ ବେଳରୁ ମୋହନ ଖୁବ ଡ଼ରକୁଳା ଥିଲେ। ଭୂତପ୍ରେତ, ଚୋର, ଡ଼କାୟତ ଓ ଅନ୍ଧାରକୁ ବହୁତ ଭୟ କରୁଥିଲେ। ରାମନାମ ଜପକଲେ ସବୁ ଭୟ ଭ୍ରାନ୍ତି ଓ ସଙ୍କଟ ଦୂର ହୋଇଯାଏ ବୋଲି ଧାଇ ମା ରମ୍ଭା ଠାରୁ ସେ ଶିକ୍ଷା କରିଥିଲେ। ସେହି ଦିନ ଠାରୁ ସେ ରାମାୟଣ ଶୁଣିବାକୁ, ରାମ ନାମ ଜପ କରିବାକୁ ଭଲ ପାଉଥିଲେ।

ପିତାଙ୍କର ମୃତ୍ୟୁ ପରେ ମୋହନ ବାପ ଛେଉଣ୍ଡ ହୋଇଗଲେ। ତାଙ୍କର କାମ ଓ ଆଚରଣରେ ବହୁତ ପରିବର୍ତନ ଘଟିଲା। ମନଲଗାଇ ପାଠ ପଢି ୧୮୮୭ ମସିହାରେ ବମ୍ବେ ବିଶ୍ୱ ବିଦ୍ୟାଳୟରୁ ମାଟ୍ରିକ ପାସ୍ କରି ବୃତି ପାଇଲେ। ଭାବନଗରସ୍ଥ ସାମଲ ଦାସ କଲେଜରେ ନାମ ଲେଖାଇଲେ। ସେଠାରେ ସେ ଇଂରାଜୀରେ ପାଠ ପଢିବାକୁ ଭୟକଲେ। ପାଠପଢି ପାସ୍ କଲେ ମଧ୍ୟ ଚାକିରି ମିଳି ବା କଷ୍ଟ ତେଣୁ ସେ ଲଣ୍ଡନ ଯାଇ ତିନି ବର୍ଷରେ ବାରିଷ୍ଟରୀ ପାସ୍ କରିଆସିଲେ ଭଲ ଦି ପଇସା ରୋଜଗାର କରିପାରିବେ। ଗାନ୍ଧି ପରିବାରର ଜଣେ ଦିଜଣ ବନ୍ଧୁଙ୍କର ପୁଅ ଲଣ୍ଡନରେ ପଢୁଥାନ୍ତି। ତେଣୁ ଗାନ୍ଧି ଲଣ୍ଡନ ରେ ରହି ପାଠ ପଢିବା ପାଇଁ ମନ ବଳାଇଲେ। ପୁଅର ଲଣ୍ଡନ ଯିବାକଥାଟା ମା ମନକୁ ପାଇଲା ନାହିଁ। ପରିଶେଷରେ ମାଆ ଗାନ୍ଧିଙ୍କୁ ମୁଣ୍ଡ ଛୁଆଁ ଶପଥ କରାଇନେଲେ, ତିନୋଟି କଥା ରକ୍ଷା କରିବା ପାଇଁ , ମଦ ପିଇବୁ ନାହିଁ, ମାଛ ମାଂସ ଖାଇବୁ ନାହିଁ, କୌଣସି ସ୍ତ୍ରୀ ଓ ଝିଅକୁ ଛୁଇଁ ବୁ ନାହିଁ।

ମୋହନ ୧୮୮୮ ମସିହା ସେପ୍ଟେମ୍ବର ମାସ ୪ ତାରିଖରେ ସ୍ତ୍ରୀ କସ୍ତୁରବା ଓ ପୁଅ ହରିଲାଲକୁ ଛାଡ଼ି ବମ୍ବେ ବନ୍ଦରରୁ ଜାହାଜରେ ଲଣ୍ଡନ ଯାତ୍ରା କଲେ। ଦୀର୍ଘ ପଚିଶ ଦିନର ଯାତ୍ରା ପରେ ମୋହନ ଲଣ୍ଡନରେ ପହଂଚିଲେ। ଭିକ୍ଟୋରିଆ ହୋଟେଲରେ ତିନି ଦିନ ରହିବା ପରେ , ମୋହନ ଜଣେ ଭଦ୍ର ମହିଳାଙ୍କ ଘରେ ରହିଲେ। ସେ ଇଂରାଜୀରେ ଦୁର୍ବଳ ଥିବାରୁ ଶିକ୍ଷକଙ୍କ ଠାରୁ ଇଂରାଜୀ ଓ ଫରାସୀ ଶିକ୍ଷା କଲେ। ମନୋରଞ୍ଜନ ପାଇଁ ଭାୟୋଲିନ ତାଲିମ ନେଲେ। ସେଠାରେ ଆଉଥରେ ମାଟ୍ରିକ ପରୀକ୍ଷା ଦେଇ ପାଶ୍ କଲେ। ଲାଟିନ୍ ମଧ୍ୟ ଶିଖି ପାରିଲେ। ତାଙ୍କର ଘର କଥା ମନେପଡ଼ିବାରୁ ସେ ସାହେବୀ ଢଙ୍ଗ ଛାଡ଼ି ଖାଣ୍ଟି ଭାରତୀୟ ହୋଇଗଲେ। ନିଜ ଧର୍ମ ସହିତ ଅନ୍ୟ ଧର୍ମକୁ ମଧ୍ୟ ସମାନ ଦୃଷ୍ଟିରେ ଦେଖୁଥିଲେ। ୧୮୯୧ ମସିହାରେ ମେ ମାସରେ ବାରିଷ୍ଟରୀ ପାଶ୍ କରି ଜୁନ୍ ମାସରେ ବାରିଷ୍ଟରୀ ଅନୁମତି ପତ୍ର ହାସଲ କରି ଜନ୍ମ ମାଟିକୁ ଫେରି ଅସିଲେ। ଜନ୍ମ ମାଟିରେ ପହଂଚିଲା ବେଳକୁ ତାଙ୍କ ମା ଆଉ ଇହଧାମରେ ନଥିଲେ। ସେ ନିଜକୁ ଅନେକ ଧିକ୍କାର କଲେ।

ବଡ଼ ଭାଇ ପରିବାର ପ୍ରତି ପୋଷଣ ପାଇଁ ଅନେକ ଧାର କରଜ କରିଥିଲେ। ସେ ସବୁର ପରିଶୋଧ ପାଇଁ ମୋହନ ଆଇନ୍ ବ୍ୟବସାୟ ଆରମ୍ଭ କଲେ। ଆଇନ୍ ବ୍ୟବସାୟରେ ଅସଫଳ ହୋଇ ଶିକ୍ଷକତା ଆରମ୍ଭ କଲେ। ଶିକ୍ଷକତା ପାଇଁ ବିଶ୍ୱ ବିଦ୍ୟାଳୟରେ ଡ଼ିଗ୍ରୀ ନଥିବାରୁ ସେ କିରାଣି ଗିରିକୁ ଆଦରି ନେଲେ। ଅଳ୍ପ ରୋଜଗାରରେ ତାଙ୍କର ଗୁଜୁରାଣ ମେଣ୍ଟି ପାରୁ ନଥିଲା। ଏହି ସମୟରେ କାଥିଆ ୱାର୍ଡ଼ର ଏକ ମୁସଲମାନ ପ୍ରତିଷ୍ଠାନ ଦକ୍ଷିଣ ଆଫ୍ରିକାରେ ବ୍ୟବସାୟ କରୁଥାଏ । ଏହି ପ୍ରତିଷ୍ଠାନର ମାଲିକ ଥିଲେ ମୁର୍ଖ, ତେଣୁ ସେ ଜଣେ ସଚ୍ଚୋଟ ସାଧୁ ଓକିଲାତି ପାଶ୍ କରିଥିବା ବ୍ୟକ୍ତିର ଆବଶ୍ୟକତା ଲୋଡ଼ୁଥିଲେ। ମୋହନ ଏହି ପ୍ରତିଷ୍ଠାନରେ ଦକ୍ଷିଣ ଆଫ୍ରିକାରେ ଏକ ବର୍ଷ ପାଇଁ ଯୋଗ ଦେଲେ। ମାତ୍ର ସେଠାରେ ସେ ବହୁ ବର୍ଷ ରହିଗଲେ। ୧୮୯୩ ମସିହାରୁ ଯାଇ ଫେରିଲେ ୧୯୧୪ ମସିହାରେ। ମୋହନ ଦକ୍ଷିଣ ଆଫ୍ରିକାର ନାଟାଲ ପ୍ରଦେଶର ରାଜଧାନୀ ଡ଼ର୍ବାନ ସହରରେ ରହୁଥିଲେ। ଥରେ ମକଦ୍ଦମା କାମରେ ମୋହନ ଟ୍ରାନ୍ ସଭାଲର ରାଜଧାନୀ ପ୍ରିଟୋରିଆ କୁ ପ୍ରଥମ ଶ୍ରେଣୀ ଟିକଟ୍ କାଟି ଡ଼ର୍ବାନରୁ ଟ୍ରେନ ଯାତ୍ରା ଆରମ୍ଭ କଲେ। ମରିସବର୍ଗ ଷ୍ଟେସନରେ ଜଣେ ଗୋରା ସାହେବ ରେଳ କର୍ମଚାରୀ ମାନଙ୍କ ଦ୍ୱାରା ମୋହନଙ୍କୁ ଡ଼ବା ତଳକୁ ଠେଲି ଦେଲେ ଓ ଜିନିଷ ପତ୍ର ପ୍ଲାଟ ଫର୍ମ ଉପରକୁ ଫୋପାଡ଼ି ଦେଲେ। ମରିସ ବର୍ଗ ଷ୍ଟେସନର ବିଶ୍ରାମ ଗୃହର, ଏକ ଶିତରାତ୍ରୀ ମୋହନଙ୍କ ଜୀବନର ଗତିପଥ ବଦଳାଇ ଦେଲା। ଡ଼ରକୁଳା ମୋହନ ଦୁଃସାହସୀ, ନିର୍ଭୀକ, ହୋଇଗଲେ। ସେ ଦଳିତ,ଅବହେଳି, ଅତ୍ୟାଚାରିତ, ସର୍ବ ହରାଙ୍କର ସାଥୀ, ମୁକ୍ତିଦାତା, ରକ୍ଷାକର୍ତା, ଭାଗ୍ୟବିଧାତା ହୋଇ କଳା ଲୋକମାନଙ୍କ ପାଇଁ ଲଢେଇ ଆରମ୍ଭ କରି ଦେଲେ। ବ୍ୟବସାୟୀ ଅବଦୁଲ୍ଲାଙ୍କ ସାହାଯ୍ୟରେ ଭାରତୀୟମାନଙ୍କୁ ଏକତ୍ରୀତ କଲେ। ରେଳ ବିଭାଗରେ ମୋହନଙ୍କ ଯୋଗୁ କଳା ଲୋକମାନେ ପ୍ରଥମ ଶ୍ରେଣୀରେ ଯାତାୟତ କଲେ। ଭାରତରେ ଜାତୀୟ କଂଗ୍ରେସ ଗଠନକୁ ଦେଖି, ମୋହନ ନାଟାଲ ଠାରେ ନାଟାଲ କଂଗ୍ରସ ଗଠନ କଲେ। ନାଟାଲ କଂଗ୍ରେସ ମାଧ୍ୟମରେ ଭାରତୀୟ ମାନଙ୍କ ଦାବି ନାଟାଲ ସରକାରଙ୍କୁ ଜଣାଇଲେ ।ଭାରତରୁ ଯେଉଁ ଶ୍ରମିକମାନେ ପାଂଚ ବର୍ଷ ଚୁକ୍ତି ଭିତିରେ ଦକ୍ଷିଣ ଆଫ୍ରିକାର ନାଟାଲ ଅଂଚଳକୁ ଯାଉଥିଲେ। ପାଂଚ ବର୍ଷିଆ ଚୁକ୍ତି ଶେଷପରେ ସେଠାରେ ରହିବାକୁ ହେଲେ ଜଣକୁ ବର୍ଷକୁ ପଚିଶ ପାଉଣ୍ଡ କରଦେବାକୁ ପଡୁଥିଲା। ତେଣୁ ସେମାନେ ସାହେବଙ୍କର ଦାସ ପାଲଟିବାକୁ ବାଧ୍ୟହେଉଥିଲେ। ଦକ୍ଷିଣ ଆଫ୍ରିକାର କଳା ଗୋରା ମାନଙ୍କ ମଧ୍ୟରେ ଥିବା ବର୍ଣ୍ଣ ବୈଶ୍ୟମ୍ୟ ଓ ଶ୍ରମିକ ଶୋଷଣ ବାଦକୁ ଦୂରେଇବା ପାଇଁ ଗାନ୍ଧିଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଛି। ଦକ୍ଷିଣ ଆଫ୍ରିକାରେ ଗାନ୍ଧି ଶ୍ରମିକମାନଙ୍କର ତ୍ରାଣ କର୍ତା ପାଲଟି ଯାଇଥିଲେ। ଶେଷରେ ଗାନ୍ଧିଙ୍କ ନାଟାଲ କଂଗ୍ରେସ ପାଖରେ ନାଟାଲସରକାର ମୁଣ୍ଡ ନୂଆଁଇଲେ।

୧୮୯୬ ମସିହାରେ ଗାନ୍ଧି ଭାରତକୁ ଫେରିଆସି ଦକ୍ଷିଣ ଆଫ୍ରିକାରେ ଥିବା ଭାରତୀୟଙ୍କ ଦୁଃଖ ଦୁର୍ଦ୍ଦଶାକୁ ଏକ ପୁସ୍ତକ ମାଧ୍ୟମରେ ଲେଖି ଏହାର ଦଶ ହଜାର କପି ଛାପି ସବୁଆଡ଼କୁ ପଠାଇଲେ। ଲଣ୍ଡନରେ ଇଂରେଜ ସରକାର ଓ ଅଧିକାଂଶ ଭାରତୀୟ ଜାଣିଲେ। ଗାନ୍ଧିଙ୍କ ପାଇଁ ସଭା ସମିତି ଚରିଆଡ଼େ ଆୟୋଜନ ହେଲା। କିନ୍ତୁ କଲିକତାରେ ସଭା କରାଇବା ଆଗରୁ ଦକ୍ଷିଣ ଆଫ୍ରିକାର ଟେଲିଗ୍ରାମ ପାଇଁ ଗାନ୍ଧି, ସ୍ତ୍ରୀ, ଦୁଇପୁଅ ଓ ଜଣେ ଭଣଜାକୁ ଧରି ଅବଦୁଲାଙ୍କ ଜାହାଜରେ ଡ଼ର୍ବାନ ଅଭିମୁଖେ ଯାତ୍ରା କଲେ। ମାତ୍ର ଡ଼ର୍ବାନରେ କିଛି ଖଳପ୍ରକୃତିର ଗୋରା ମାନେ ପ୍ରଚାର କରିଦେଲେ ଯେ ଗାନ୍ଧି ଦୁଇଟି ଜାହାଜରେ ଭାରତୀୟ ଗୁଣ୍ଡା ମାନଙ୍କୁ ଧରି ଇଂରେଜମାନଙ୍କୁ ମାରିବା ପାଇଁ ଆସୁଛନ୍ତି। ଜାହାଜକୁ ବନ୍ଦର ମଧ୍ୟକୁ ପ୍ରବେଶ କରାଇ ଦେଲେ ନାହିଁ। ୨୩ ଦିନପରେ ଇଂରେଜମାନେ ଜାଣିଲେ ଯେ ଜାହାଜରେ କେହି ଗୁଣ୍ଡା ନାହାଁନ୍ତି, ତାପରେ ଅନୁମତି ମିଳିଲା। ଲଫଟନ ସାହେବ ଏକ ଗାଡ଼ିରେ କସ୍ତୁରବା ଓ ପିଲାମାନଙ୍କୁ ଜଣେ ବନ୍ଧୁଙ୍କ ଘରକୁ ପଠାଇ ଦେଲେ। ନିଜେ ଓ ଗାନ୍ଧି ଚାଲି ଚାଲି ରାସ୍ତାରେ ବନ୍ଧୁଙ୍କ ଘରକୁ ଯିବା ସମୟରେ କିଛି ଇଂରେଜ ଗୁଣ୍ଡା ଲୋକ ଗାନ୍ଧିଙ୍କୁ ନିର୍ଦ୍ଦୟ ଭାବରେ ପିଟି ଚାଲିଥାନ୍ତି। ସେହି ରାସ୍ତା ଦେଇ ଏସ୍.ପି ଙ୍କ ସ୍ତ୍ରୀ ଯାଉଥିବାରୁ ଗୁଣ୍ଡାମାନେ ଦେଖି ଗାନ୍ଧିଙ୍କୁ ଛାଡ଼ି ପଳାଇଲେ। ପୋଲିସ ଆସି ଗାନ୍ଧିଙ୍କୁ ନେଇ ତାଙ୍କ ବନ୍ଧୁଙ୍କ ଘରେ ଛାଡ଼ି ଦେଇଥିଲେ। ଏହି ଖବର ଲଣ୍ଡନରେ ପହଂଚିଲା। ବ୍ରିଟିଶ ସରକାରଙ୍କ ପାଖରୁ, ନାଟାଲ ସରକାରଙ୍କ ପାଖକୁ ନିର୍ଦ୍ଦେଶ ଆସିଲା। ଦୋଷିମାନଙ୍କୁ କଠୋର ଦଣ୍ଡ ଦିଅନ୍ତୁ। କିନ୍ତୁ ଗାନ୍ଧି ସମସ୍ତଙ୍କୁ କ୍ଷମା କରିଦେଲେ।

ଦକ୍ଷିଣ ଆଫ୍ରିକାରେ ଡ଼ଚ ଓ ଇଂରେଜ ଦୁଇ ପ୍ରତି ଦ୍ୱନ୍ଦୀ ଗୋଷ୍ଠୀ ଶାସନ କରୁଥିଲେ। ଦୁଇ ଗୋଷ୍ଠୀ ମଧ୍ୟରେ ଯୁଦ୍ଧ ଲାଗିଗଲା। ଗାନ୍ଧି ଏକ ଆମ୍ବୁଲାନ୍ସ ବାହିନୀ ଗଠନ କରି ଉଭୟ ଆହତ ସୈନ୍ୟମାନଙ୍କର ସେବା କଲେ। ଯୁଦ୍ଧରେ ବୁଅର ବା ଡ଼ଚ ମାନେ ହାରିଗଲେ। ଇଂରେଜ ସରକାର ଗାନ୍ଧିଙ୍କର ସେବା ପାଇଁ ତାଙ୍କୁ ଯୁଦ୍ଧ ପଦକ ପ୍ରଦାନ କଲେ। ୧୯୦୧ ମସିହା ଡ଼ିସେମ୍ବର ମାସରେ ଜାତୀୟ କଂଗ୍ରେସ ତରଫରୁ କଲିକତା ଠାରେ ଏକ ବିରାଟ ସଭା ହେଲା। ଏଥିରେ ଗାନ୍ଧି ଯୋଗ ଦେଲେ। ସେଠାରେ ଭାରତ ସେବକ ସଂଘର ସଭାପତି ଗୋପାଳ କୃଷ୍ଣ ଗୋଖେଲେଙ୍କ ଆଚରଣରେ ମୁଗ୍ଧ ହୋଇ ତାଙ୍କୁ ରାଜନୈତିକ ଗୁରୁ ଭାବରେ ଗ୍ରହଣ କଲେ। ଆଣ୍ଠୁ ଲୁଚୁନଥିବା ଖଦି ବ୍ୟବହାର କରିବା ସଙ୍ଗେ ସଙ୍ଗେ ପ୍ରଥମ ଶ୍ରେଣୀରେ ଯାତ୍ରା ପରିବର୍ତେ ତୃତୀୟ ଶ୍ରେଣୀରେ ଯିବା ଆସିବା କଲେ। ଗାନ୍ଧି ଦକ୍ଷିଣ ଆଫ୍ରିକା ଫେରିଆସିଲେ। ଗାନ୍ଧି ଇଂରେଜ ଯୁବକ ପୋଲାକ୍‌ଙ୍କୁ ନେଇ "ଇଣ୍ଡିଆନ ଓପିନିୟନ" ନାମକ ପତ୍ରକା ପ୍ରକାଶ କଲେ। ଡ଼ର୍ବାନ ଠାରୁ ପନ୍ଦର ମାଇଲ ଦୂରସ୍ଥ ଫିନିକ୍ସ ସହରର ଉପକଣ୍ଠରେ ଶହେ ଏକର ପରିମିତ ସ୍ଥାନରେ ଏକ ଆଶ୍ରମ ପ୍ରତିଷ୍ଠା କଲେ। ଏହି ଫିକନ୍ସ ଆଶ୍ରମରେ ଇଣ୍ଡିଆନ

ଓପିନିୟନ ପ୍ରେସ୍ କାର୍ଯ୍ୟ ଚାଲିଲା। ପ୍ରେସର ସବୁ କର୍ମ ଚାରୀଙ୍କ ଦରମା ସମାନ ସତେ ଯେମିତି ସମସ୍ତେ ଗୋଟିଏ ପରିବାରର ସଦସ୍ୟ। ୧୯୦୪ ମସିହାରେ ଗାନ୍ଧି କସ୍ତୁରବା ଓ ପିଲାମାନଙ୍କୁ ଆଶ୍ରମକୁ ଅଣାଇଲେ। କସ୍ତୁରବା ଏହି ବିରାଟ ପରିବାରର ମା ରୂପେ ସମସ୍ତଙ୍କୁ ସମାନ ଭାବରେ ସ୍ନେହ ଓ ଶ୍ରଦ୍ଧା ପ୍ରଦାନ କଲେ।

ଟଲଷ୍ଟୟଙ୍କ ଆଦର୍ଶରେ ଗାନ୍ଧି ପ୍ରଭାବିତ ହୋଇଥିଲେ। ଜୋହାନ୍‌ସବର୍ଗର ଅଳ୍ପ ଦୂରରେ ଏଗାରଶହ ଏକର ଜମି ଉପରେ ଗାନ୍ଧିଜୀ ଟଲଷ୍ଟୟଙ୍କ ନାମରେ ଟଲଷ୍ଟୟ ଆଶ୍ରମ ପ୍ରତିଷ୍ଠା କରିଥିଲେ। ଗାନ୍ଧିଜୀ ନିଜ ରଚିତ ପୁସ୍ତକ "ହିନ୍ଦ୍‌ସ୍ୱରାଜ" ସହିତ ଏକ ଚିଠି ଟଲଷ୍ଟୟଙ୍କ ପାଖକୁ ପଠାଇଥିଲେ। ଗାନ୍ଧିଙ୍କର ଚିଠି ପାଇ ଟଲଷ୍ଟୟ ୧୯୧୦ରେ ଏକ ଚିଠି ଲେଖିଲେ ଯେ ଭବିଷତ୍ୟରେ ଗାନ୍ଧି ବିଶ୍ୱର ଏକ ବିସ୍ମୟ ମହାମାନବ ହୋଇ ଉଦ୍‌ଭାସିତ ହେବେ। ତାଙ୍କର ଆଦର୍ଶ କାର୍ଯ୍ୟ ଧାରା ଜନ ମାନସକୁ ଅନୁପ୍ରାଣିତ କରିବ।

ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାର ଶ୍ରମିକ, କଲ୍ଟକକ ଓ କୃଷ୍ଣକାୟ ମାନଙ୍କୁ ନେଇ ସତ୍ୟାଗ୍ରହ ଆରମ୍ଭ କରିଦେଲେ। ପରିଶେଷରେ ସତ୍ୟାଗ୍ରହରେ ଚରମ ସଫଳତା ମିଳିଥିଲା। ଭାରତୀୟ ମାନଙ୍କ ଉପରୁ କର ଉଠିଲା। ରେଜେଷ୍ଟ୍ରୀ ଆଇନ୍ ରଦ୍ଦହେଲା। ଭାରତୀୟ ମାନଙ୍କର ବିବାହକୁ ସାମାଜିକ ସ୍ୱୀକୃତି ମିଳିଲା। ଦକ୍ଷିଣ ଆଫ୍ରିକାର ଅର୍ଥନୀତିକ,ସାମାଜିକ, ରାଜନୈତିକ ଅବସ୍ଥାକୁ ବଦଳାଇ ଦେବାକୁ ସକ୍ଷମ ହେଲେ। ଦକ୍ଷିଣ ଆଫ୍ରିକାର ଅହିଂସା ସଂଗ୍ରାମ ତାଙ୍କୁ ଭାରତୀୟ ମୁକ୍ତ ସଂଗ୍ରାମର ମହାନାୟକ ରୂପେ ପ୍ରତି ପାଦିତ କରିପାରିଥିଲା। ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଇଥାଏ। ୧୯୧୪ ମସିହାର ଶେଷ ଭାଗରେ ଗାନ୍ଧି ଭାରତକୁ ପ୍ରତ୍ୟାବର୍ତନ କଲେ। ବମ୍ବେରେ ପହଂଚି ଗାନ୍ଧି ଯେଉଁ ଶ୍ରଦ୍ଧା, ସମ୍ବର୍ଦ୍ଧନା ଗୋଖଲେଙ୍କ ପାଇଁ ପାଇଲେ, ସେ କେବେବି କଳ୍ପନା କରିନଥିଲେ। ଭାରତର ବିଭିନ୍ନ ଅଂଚଳର ଜନସାଧାରଣଙ୍କ ଅବସ୍ଥା ଜାଣିବା ପାଇଁ ଗୋଖଲେଙ୍କ ନିର୍ଦ୍ଦେଶରେ ଭାରତ ପରିଭ୍ରମଣ କଲେ। ଗୋଟିଏ ଦିନ ଗାନ୍ଧି ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇ ଯେଉଁ ଭାଷଣ ଦେଇଥିଲେ,ସେହି ଉଜସ୍ୱିନି ଭାଷଣ ସବୁରି ମନକୁ ପ୍ରଭାବିତ କଲା। ଗାନ୍ଧୀଙ୍କର ଜନ ପ୍ରିୟତା ବଢିଗଲା। (କ୍ରମଶଃ)



# ରୁଷ୍ ସେନାରେ ଏବେବି ଅଛନ୍ତି ୫୫ ଭାରତୀୟ ଯୋଦ୍ଧା

**ନୂଆଦିଲ୍ଲୀ,୪ ।୧୦(ଏଜେନ୍ସି):**ୟୁକ୍ରେନ ବିରୋଧରେ ଯୁଦ୍ଧରେ ରୁଷ୍ ସେନା ଭିତରେ ରହି ଅନେକ ଭାରତୀୟ ଯୋଦ୍ଧା ଲଢୁଛନ୍ତି। ନୂଆଦିଲ୍ଲୀର ହସ୍ତକ୍ଷେପ ପରେ ରୁଷ୍ ସେନାରେ ନିଯୁକ୍ତି ପାଇଥିବା ପାଖାପାଖି ୧୪୦ ଜଣ ଭାରତୀୟଙ୍କୁ ଚାକିରି ଛାଡିବାକୁ ଅନୁମତି ଦିଆଯାଇଛି। ଭାରତ-ରୁଷ୍ ପରାମର୍ଶଦାତା କମିଟି ବୈଠକର ବିବରଣୀ ଅନୁସାରେ, ରୁଷ୍ ସଶସ୍ତ୍ର ବାହିନୀରେ କାର୍ଯ୍ୟରତ ଅନ୍ୟ ୫୫ ଜଣଙ୍କ ସୂଚନା ଭାରତ ମାଗିଛି। ଏପରି ସମସ୍ତ ବ୍ୟକ୍ତିଙ୍କୁ ଶୀଘ୍ର ମୁକ୍ତ କରିବା ପାଇଁ ନୂଆଦିଲ୍ଲୀ ରୁଷ୍ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଛି ।ଗତ ମାସରେ ବୈଦେଶିକ ସଚିବ ବିକ୍ରମ ମିଶ୍ରିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସଦ୍ୟତମ ସଂଖ୍ୟା ସହିତ ଏହା ସମାନ ଅଛି। ମିଶ୍ରି କହିଥିଲେ ଯେ, ରୁଷ୍ ସଶସ୍ତ୍ର ବାହିନୀରେ ନିଯୁକ୍ତି ପାଇଥିବା ୨୨୭ ଜଣ ଭାରତୀୟ ନାଗରିକଙ୍କ ମଧ୍ୟରୁ ୧୩୯ ଜଣଙ୍କୁ ଡିସଚାର୍ଜ କରାଯାଇଛି ଓ ୫୧ ଜଣଙ୍କର ମୃତ୍ୟୁ ହୋଇଛି। ଭାରତ ଏବେବି ରୁଷ୍ ସେନାରେ କାର୍ଯ୍ୟରତ ଲୋକଙ୍କୁ ଶୀଘ୍ର ଡିସଚାର୍ଜ ଓ ସ୍ୱଦେଶ ପ୍ରତ୍ୟାବର୍ତ୍ତନକୁ ସୁରକ୍ଷିତ କରିବା ପାଇଁ ମସ୍କୋ ସହିତ ନିରନ୍ତର ଆଲୋଚନା ଜାରି ରଖିଛି ବୋଲି ମିଶ୍ରି କହିଥିଲେ।

# ମାମଲା ରୁଜୁ ହେବାର ୩ ବର୍ଷରେ ମିଳିବ ନ୍ୟାୟ:ଶାହ

**ନୂଆଦିଲ୍ଲୀ,୪ ।୧୦(ଏଜେନ୍ସି):**କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶନିବାର କହିଛନ୍ତି ଯେ ବିଳମ୍ବ ପାଇଁ ଭାରତୀୟ ବିଚାର ବ୍ୟବସ୍ଥା ବେଶ୍ ଜଣାଶୁଣା। ହେଲେ ଏବେ ନୂଆ ଅପରାଧିକ ଆଇନ ସମ୍ପୂର୍ଣ୍ଣ ଲାଗୁ ହେବା ପରେ ଏଫଆଇଆର ରୁଜୁ ହେବା ଦିନରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ନ୍ୟାୟ ୩ ବର୍ଷରେ ମିଳି ପାରିବ। ଭୋପାଳ ବିଏଚଇଏଲ ଦଶହରା ପଡିଆରେ ନୂଆ ଅପରାଧିକ ଆଇନ ଉପରେ ପ୍ରଦର୍ଶନୀ ଉଦଘାଟନ କରି ଶାହ ଏହା କହିଛନ୍ତି। କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରାଳୟ ଦାୟିତ୍ୱରେ ଥିବା ଶାହ କହିଛନ୍ତି ଯେ ଭାରତୀୟ ନ୍ୟାୟ ସଂହିତା(ବିଏନଏସ୍) ସମ୍ପୂର୍ଣ୍ଣ ଲାଗୁ ହେଲେ ଦେଶର ଅପରାଧିକ ନ୍ୟାୟ ପ୍ରଣାଳୀ ବିଶ୍ୱର ସବୁଠୁ ଆଧୁନିକ ନ୍ୟାୟପ୍ରଣାଳୀ ମଧ୍ୟରେ ଅନ୍ୟତମ ହେବ ।ସାରା ଦେଶରେ ନିଶା ସାମଗ୍ରୀ ବିରୋଧରେ ଜାରି ଅଭିଯାନର ଉଲ୍ଲେଖ କରି ଶାହ କହିଛନ୍ତି ଯେ ସରକାର ଏକ ବିସ୍ତୃତ ଯୋଜନା ଉପରେ କାମ କରୁଛନ୍ତି। ଏହା ଦ୍ୱାରା ୩୧ ଡିସେମ୍ବର ୨୦୨୯ ପରେ ପ୍ରଦେଶରେ ନିଶା ସାମଗ୍ରୀର ଦୂରୁପଯୋଗ ସମ୍ପୂର୍ଣ୍ଣ ସମାପ୍ତ ହୋଇଯିବ। ଏଣୁ ନିଶାକୁ ନେଇ ସମାଜର ଥିବା ଅଭିଯୋଗ ଦୂର ହୋଇ ପାରିବ ଓ ଲୋକେ ନିଶାର ଶିକାର ହେବେନି ।ଶାହ କହିଛନ୍ତି ଯେ ଭାରତୀୟ ନ୍ୟାୟ ବ୍ୟବସ୍ଥା କୁ ନେଇ ଲୋକେ 'ତାରିଖ ପେ ତାରିଖ' କମେଣ୍ଟ କରନ୍ତି। ହେଲେ ଏବେ ନୂଆ ଅପରାଧିକ ଆଇନ ସମ୍ପୂର୍ଣ୍ଣ ଲାଗୁ ହେଲେ ଏଫଆଇଆର ରୁଜୁଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ନ୍ୟାୟ ୩ ବର୍ଷ ମଧ୍ୟରେ ମିଳିଯିବ। ନୂଆ ଆଇନ ବିଏନଏସ, ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନଏସଏସ) ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ (ବିଏସଏ) ଦେଶରେ ୧ ଜୁଲାଇ ୨୦୨୪ରୁ କାର୍ଯ୍ୟକାରୀ ହେଉଛି।



# କଟକଣା ସତ୍ତ୍ୱେ ଇସ୍ରାଏଲକୁ ବିମାନ ଉଡାଇଥିଲେ ୧୨ ଓମାନୀ ପାଇଲଟ

**ନୂଆଦିଲ୍ଲୀ,୪ ।୧୦(ଏଜେନ୍ସି):**ଇସ୍ରାଏଲ ପକ୍ଷରୁ ସୁରକ୍ଷାରେ ବଡ ତ୍ରୁଟିକୁ ଅଣଦେଖା କରାଯାଇଥିବା ତଥ୍ୟ ସାମ୍ନାକୁ ଆସିଛି। ୨୦୨୦ ଆବ୍ରାହମ ଚୁକ୍ତିନାମା ପରେ ଇସ୍ରାଏଲ ସହିତ କୂଟନୈତିକ ସମ୍ପର୍କ ନଥିବା ଦେଶର ପାଇଲଟମାନଙ୍କୁ ଦେଶରେ ଉଡ଼ାଣ କରିବାରୁ ନିଷେଧ କରାଯାଇଛି। ଓମାନ ସହିତ ଇସ୍ରାଏଲର କୂଟନୈତିକ ସମ୍ପର୍କ ନାହିଁ। ଓମାନ ପାଇଲଟଙ୍କୁ ଇସ୍ରାଏଲକୁ ବିମାନ ଉଡାଇବା ଉପରେ କଟକଣା ରହିଥିବା ସତ୍ତ୍ୱେ ଗତ କିଛି ବର୍ଷ ମଧ୍ୟରେ ୧୨ ଓମାନୀ ପାଇଲଟ ବିଦେଶୀ ଏୟାରଲାଇନ୍ସରେ କାମ କରିବା ସମୟରେ ଇସ୍ରାଏଲରେ ଉଡ଼ାଣ କରିଛନ୍ତି ।ଏକ ରିପୋର୍ଟରେ କୁହାଯାଇଛି ଯେ, ଇସ୍ରାଏଲ ସହିତ କୂଟନୈତିକ ସମ୍ପର୍କ ନଥିବା ଦେଶର ପାଇଲଟମାନେ ଦେଶକୁ ବିମାନ ଚଳାଚଳ ନ କରିବା ପାଇଁ ଇସ୍ରାଏଲୀ କର୍ତ୍ତୃପକ୍ଷ ମୁଖ୍ୟତଃ ଏୟାରଲାଇନ୍ସଗୁଡ଼ିକ ଉପରେ ନିର୍ଭର କରିଥିଲେ। ସିନ୍ ବେଟ୍ ସୁରକ୍ଷା ସଂସ୍ଥା ମଧ୍ୟ ଫ୍ଲାଏଦୁବାଇ ବିମାନ ପାଇଲଟଙ୍କ ନାଗରିକତା ଓ ଅନ୍ୟାନ୍ୟ ପୃଷ୍ଠଭୂମି ସ୍ୱାଧୀନ ଭାବେ ତଦନ୍ତ କରିନଥିଲା। ବରଂ ଏହା କେବଳ ଏୟାରଲାଇନ୍ସକୁ ଯେଉଁ ଦେଶ ସହିତ କୂଟନୈତିକ ସମ୍ପର୍କ ନାହିଁ ସେମାନଙ୍କ ପାଇଲଟକୁ ତେଲ ଅଭିଭ୍ ଉଡାଣ ପାଇଁ ଅନୁମତି ନ ଦେବାକୁ କହିଥିଲା ବୋଲି ଜଣାପଡିଛି।

# ସିଜେପି ପ୍ରତିବାଦ ସଭାରେ ଅଘଟଣ ହୃଦଘାତରେ ୭୫ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୪ ।୧୦(ଏଜେନ୍ସି):**ମୁମ୍ବାଇର ଐତିହାସିକ ଶିବାଜୀ ପାର୍କଠାରେ ଆୟୋଜିତ କାକରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରତିବାଦ ସଭା ସମୟରେ ଜଣେ ୭୫ ବର୍ଷୀୟ ବୃଦ୍ଧଙ୍କ ହୃଦଘାତ ଯୋଗୁଁ ମୃତ୍ୟୁ ଘଟିଛି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନରେ ଅନିୟମିତତା ଅଭିଯୋଗ ଆଣି ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଶୁକ୍ରବାର ଦିନ ଏହି ବିକ୍ଷୋଭ ପ୍ରଦର୍ଶନ ଆୟୋଜିତ ହୋଇଥିଲା। ଶିବାଜୀ ପାର୍କ ପୁଲିସ ଷ୍ଟେସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ମୃତ ବ୍ୟକ୍ତି ଜଣକ ପଡ଼ୋଶୀ ଠାଣେର 'ଦୋସ୍ତି ୱେଷ୍ଟ କାଉଣ୍ଟି'ର ଗୋପାଳକୃଷ୍ଣ ସୁବ୍ରମଣ୍ୟମ ପିଲ୍ଲାଇ ବୋଲି ଜଣାପଡ଼ିଛି ।ସୂଚନାନୁସାରେ, ସିଜେପି ପକ୍ଷରୁ ଆୟୋଜିତ ଏହି ପ୍ରତିବାଦ ସଭାରେ ଯୋଗଦେବା ପାଇଁ ଅପରାହ୍ନ ପ୍ରାୟ ୪ଟା ୩୦ ମିନିଟ୍ ସମୟରେ ପିଲ୍ଲାଇ ଶିବାଜୀ ପାର୍କରେ ପହଞ୍ଚିଥିଲେ। ତେବେ ବିକ୍ଷୋଭ ଚାଲିଥିବା ବେଳେ ଅପରାହ୍ନ ୫ଟା ସମୟରେ ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଥିବା ସାଙ୍ଗସାଥୀ ଏବଂ ପୁଲିସ କର୍ମଚାରୀମାନେ ତାଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ନେଇଥିଲେ ସୁଦ୍ଧା ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସର ବିନା ଅନୁମତିରେ ଅପରାହ୍ନ ୪ଟାରୁ ଆରମ୍ଭ ହୋଇଥିବା ଏହି ପ୍ରତିବାଦ ସଭାରେ ଅତ୍ୟାଧିକ ଖରା ସତ୍ତ୍ୱେ ହଜାର ହଜାର ସଂଖ୍ୟାରେ ଲୋକ ଶିବାଜୀ ପାର୍କ ଅଞ୍ଚଳରେ ଏକାଠି ହୋଇଥିଲେ। ଏହି ବିଶାଳ ଜନସମାଗମ ଓ ପ୍ରତିକୂଳ ପାଣିପାଗ ମଧ୍ୟରେ ଏହି ଦୁଃଖଦ ଘଟଣା ଘଟିଛି।

# ପଞ୍ଚମ ପିଢୀର ଫାଇଟର ଜେଟ୍ ଏବେ ଜରୁରି

**ନୂଆଦିଲ୍ଲୀ,୪ ।୧୦(ଏଜେନ୍ସି):**ଭାରତୀୟ ବାୟୁସେନା ମୁଖ୍ୟ ମାର୍ଶଲ ଅମରପ୍ରୀତ ସିଂହ ଶନିବାର କହିଛନ୍ତି ଯେ ପଞ୍ଚମ ପିଢୀ ଯୁଦ୍ଧ ବିମାନ ନିର୍ମାଣ ପାଇଁ ପାକିସ୍ତାନ ଓ ଚୀନ ମଧ୍ୟରେ ସହଯୋଗ ଭାରତ ଲାଗି ଚିନ୍ତାର ବିଷୟ। ଏୟାର ମାର୍ଶଲ ସିଂହ କହିଛନ୍ତି ଯେ ଏବେ ଆଇଏଏଫକୁ ଏହି ବିପଦର ସମ୍ମୁଖୀନ ହେବାକୁ ପଡିପାରେ। ତେବେ ଭାରତକୁ ଖୁବ୍ ଶୀଘ୍ର ପଞ୍ଚମ ପିଢୀର ବିମାନ ସାମିଲ କରିବାକୁ ପଡିବ। ସେ କହିଛନ୍ତି ଯେ ଏହା ଚିନ୍ତାର ବିଷୟ ନିଃସନ୍ଦେହ କୁହାଯାଇପାରେ, ହେଲେ ଏହା ମାନେ ନୁହେଁ ଯେ ଆମେ ମୁକାବିଲା କରି ପାରିବୁନିଆମପାଖରେ କ୍ଷମତା ଅଛି, ଏପରି ନୁହେଁ କି ଏକ ପ୍ଲାଟଫର୍ମ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ତେବେ ଅସଲ କଥା ହେଉଛି ପ୍ଲାଟଫର୍ମକୁ ଆମ ପ୍ରଣାଳୀରେ ସାମିଲ କରିବା। ଗତ ଅପରେସନ ସିନ୍ଦୂର କାଳରେ ପାକିସ୍ତାନ ନିକଟରେ ଅନ୍ୟ ପ୍ଲାଟଫର୍ମ ଥିଲା ହେଲେ ଆମର ଅପରେଶନ କାଳରେ ସେମାନେ ଅଧିକାଂଶ ପ୍ଲାଟଫର୍ମକୁ ଚଳାଇ ପାରିନଥିଲେ। ଏଣୁ ଆମେ ଯେତେବେଳେ ବି ଅଲଗା ଅଲଗା ପ୍ଲାଟଫର୍ମ କ୍ରୟ କରୁ ସେତେବେଳେ ଆମେ ନିଶ୍ଚିତ କରୁ ତାହା ଯେପରି ଆମ ପ୍ଲାଟଫର୍ମରେ ଠିକ୍ ଭାବେ ସାମିଲ ହୁଏ ।ଏଣୁ ଆମେ ଏବେ ସେହି ବିପଦର ସାମ୍ନା କରି ପାରନ୍ତି ଯେଉଁ ପର୍ଯ୍ୟନ୍ତ ସେମାନେ ଏହାକୁ ନିଜ ସିଷ୍ଟମରେ ଭଲ ଭାବେ ସାମିଲ ନ କରିଛନ୍ତି। ସେ କହିଛନ୍ତି ଯେ ଭବିଷ୍ୟତ ଲାଗି ଆମକୁ ଆଗକୁ ବିଚାର କରିବାକୁ ପଡିବ। ଆମକୁ ଖୁବ୍ ଶୀଘ୍ର ପଞ୍ଚମ ପିଢୀର ଯୁଦ୍ଧ ବିମାନ ସାମିଲ କରିବାକୁ ପଡିବ। ଆମକୁ ଏଏମସିଏ ପ୍ରୋଗ୍ରାମକୁ ଆଗକୁ ବଢାଇବାକୁ ପଡିବ। ଏଥିରେ ଯଦି ବିଳମ୍ବ ହୁଏ ତେବେ ଆମକୁ ଅନ୍ୟ ପନ୍ଥା ଦେଖିବାକୁ ପଡିବ। ସେ କହିଛନ୍ତି ଯେ ଭାରତୀୟ ବାୟୁ ସେନା ନିକଟରେ ୪୨ ମଞ୍ଜୁର ସଂଖ୍ୟା ତୁଳନାରେ ୨୯ଟି ଫାଇଟର ସ୍କ୍ୱାଡ୍ରନ ରହିଛି।



# ସତ୍ୟାଗ୍ରହ ଡିଜିଟାଲ ପ୍ଲାଟଫର୍ମ ଆରମ୍ଭ କଲେ ରାହୁଲ ଗାନ୍ଧୀ

**ନୂଆଦିଲ୍ଲୀ,୪ ।୧୦(ଏଜେନ୍ସି):**ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏକ ନୂତନ ପଦକ୍ଷେପ 'ସତ୍ୟାଗ୍ରହ' ଡିଜିଟାଲ ପ୍ଲାଟଫର୍ମ ଆରମ୍ଭ ସମ୍ପର୍କରେ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ସାରା ଦେଶରେ ଲୋକମାନେ ପ୍ରାୟତଃ ଏକାକୀ ନିଜ ଅଧିକାର ପାଇଁ ଲଢୁଛନ୍ତି। ଜେନ-ଜି, ଛାତ୍ର, ଚାଷୀ, ଆଦିବାସୀ, ଦଳିତ, ମହିଳା ପ୍ରତ୍ୟେକଙ୍କର ସଂଘର୍ଷର ନିଜସ୍ୱ କାହାଣୀ ଅଛି। କିନ୍ତୁ ଏକା ଉଠିଥିବା ସ୍ୱରକୁ ପ୍ରାୟତଃ ଦବାଇ ଦିଆଯାଉଛି। ସତ୍ୟାଗ୍ରହ ଡିଜିଟାଲ ପ୍ଲାଟଫର୍ମ ଏହି ସ୍ୱରଗୁଡ଼ିକୁ ଗୋଟିଏ ମଞ୍ଚରେ ଏକାଠି କରିବା ପାଇଁ ଏକ ପ୍ରୟାସ। ବାପୁ ଶିକ୍ଷା ଦେଇଥିଲେ ଯେ ସତ୍ୟ ହେଉଛି ସବୁଠାରୁ ବଡ଼ ଅସ୍ତ୍ର, କିନ୍ତୁ ଏକତାରେ ସତ୍ୟ ସହିତ ଠିଆ ହେବା ହେଉଛି ଆହୁରି ବଡ଼ ଅସ୍ତ୍ର ।ରାହୁଲ ଗାନ୍ଧୀ ଲୋକଙ୍କୁ ଆହ୍ୱାନ କରି କହିଛନ୍ତି, ଯଦି ତୁମେ ମଧ୍ୟ ଅନ୍ୟାୟ ବିରୋଧରେ ଲଢୁଛ, ତେବେ ତୁମର କାହାଣୀ ପଠାଅ। ଏଥିପାଇଁ ଦୁଇ ମିନିଟ୍ ସମୟ ଲାଗିବ। ତୁମର କାହାଣୀ ମାନଚିତ୍ରରେ ଦେଖାଯିବ। ତୁମେ ଦେଖିପାରିବ ତୁମ ପରି ଆଉ କେଉଁମାନେ ଲଢୁଛନ୍ତି। ସେ ପ୍ରତିଶ୍ରୁତି ଦେଇଛନ୍ତି, ପ୍ରତ୍ୟେକ ସଂଘର୍ଷରେ ଲୋକଙ୍କ ସହିତ ଠିଆ ହେବେ। ସେ ଲେଖିଛନ୍ତି, ମୁଁ ଯାହା କରିପାରିବି ତାହା କରିବି। ସଂସଦରେ, ରାସ୍ତାରେ, ଚିଠି ଲେଖି, ଯେଉଁଠାରେ ମୋର ଆବଶ୍ୟକତା ପଡ଼ିବ ସେଠାରେ ଆପଣଙ୍କ ସହିତ ଠିଆ ହେବି। ବିରୋଧୀ ଦଳ ନେତା ଭାବରେ ଏହା ମୋର ଦାୟିତ୍ୱ। ଏହି ଡିଜିଟାଲ ପ୍ଲାଟଫର୍ମରେ ଆପଣଙ୍କ ସତ୍ୟାଗ୍ରହର କାହାଣୀ କୁହନ୍ତୁ ।ଏହି ପଦକ୍ଷେପ ଏକ ଡିଜିଟାଲ୍ ପ୍ଲାଟଫର୍ମ ସୃଷ୍ଟି କରିଛି ଯେଉଁଠାରେ ଦେଶର ବିଭିନ୍ନ ସ୍ଥାନରୁ ଲୋକମାନେ ଅନ୍ୟାୟ, ସଂଘର୍ଷ ଏବଂ ଆନ୍ଦୋଳନର କାହାଣୀ ବାଣ୍ଟିପାରିବେ। ଏହି କାହାଣୀଗୁଡ଼ିକୁ ଏକ ଇଣ୍ଟରାକ୍ଟିଭ୍ ମ୍ୟାପରେ ପ୍ରଦର୍ଶିତ କରାଯିବ, ଯାହା ଦ୍ୱାରା ସମାନ ସମସ୍ୟା ସହିତ ଜଡ଼ିତ ଲୋକମାନଙ୍କୁ ସଂଯୋଗ ହୋଇପାରିବ। କଂଗ୍ରେସ ଦଳ ଅନୁଯାୟୀ, ଏହି ମଞ୍ଚର ଲକ୍ଷ୍ୟ ତୃଣମୂଳ ସ୍ତରର ଆନ୍ଦୋଳନଗୁଡ଼ିକୁ ଏକ ଜାତୀୟ ସ୍ୱର ଦେବା। ଏହାର ଲକ୍ଷ୍ୟ ହେଉଛି ଛାତ୍ର ଫି ବୃଦ୍ଧି, କୃଷକଙ୍କ ସମସ୍ୟା, ଆଦିବାସୀ ଜଳ, ଜଙ୍ଗଲ ଏବଂ ଜମି ସମସ୍ୟା, ଏବଂ ଦଳିତ ଏବଂ ମହିଳାଙ୍କ ପ୍ରତି ଅତ୍ୟାଚାର ଭଳି ପ୍ରସଙ୍ଗଗୁଡ଼ିକୁ ଏକ ସାମୂହିକ ଗଣ ଆନ୍ଦୋଳନରେ ପରିଣତ କରିବା।



# ତିରୁଅନନ୍ତପୁରମ୍ କର୍ପୋରେସନରେ ବଡ଼ ରାଜନୈତିକ ହଲଚଲ

**ନୂଆଦିଲ୍ଲୀ,୪ ।୧୦(ଏଜେନ୍ସି):** କେରଳର ତିରୁଅନନ୍ତପୁରମ୍ କର୍ପୋରେସନର ଶାସ୍ତମଙ୍ଗଳମ୍ ୱାର୍ଡର ବିଜେପି କାଉନସିଲର୍ ତଥା ପୂର୍ବତନ ଡିଜିପି ଆର୍ ଶ୍ରୀଲେଖା ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ସେପ୍ଟେମ୍ବର ୩୦ରେ ମେୟର ଭିଭି ରାଜେଶଙ୍କ ନିକଟରେ ଇସ୍ତଫାପତ୍ର ଦାଖଲ କରିଥିବା ସେ ନିଜେ ସୂଚନା ଦେଇଛନ୍ତି । ଇସ୍ତଫାରେ ସେ ବ୍ୟକ୍ତିଗତ କାରଣ ଦର୍ଶାଇଛନ୍ତି ।ଶ୍ରୀଲେଖାଙ୍କ ଇସ୍ତଫା ପରେ ୧୦୧ ସଦସ୍ୟ ବିଶିଷ୍ଟ ତିରୁଅନନ୍ତପୁରମ୍ କର୍ପୋରେସନରେ ବିଜେପି-ନେତୃତ୍ୱାଧୀନ ଏନ୍‌ଡିଏର ସଂଖ୍ୟା ନେଇ ନୂଆ ସମୀକରଣ ସୃଷ୍ଟି ହୋଇଛି। ଉପଲବ୍ଧ ରିପୋର୍ଟ ଅନୁଯାୟୀ, ଏନ୍‌ଡିଏ ପୂର୍ବରୁ ୫୦ଟି ଆସନ ଜିତିଥିଲା ଏବଂ ଜଣେ ସ୍ୱାଧୀନ କାଉନସିଲରଙ୍କ ସମର୍ଥନରେ କର୍ପୋରେସନରେ ପ୍ରଶାସନ ଚଳାଉଥିଲା। ଶ୍ରୀଲେଖାଙ୍କ ଇସ୍ତଫା ଗ୍ରହଣ ହେଲେ ଏନ୍‌ଡିଏର ଦଳୀୟ ସଂଖ୍ୟା ୪୯କୁ ଖସିବ ।ଶ୍ରୀଲେଖାଙ୍କ ଇସ୍ତଫାକୁ ନେଇ ତାଙ୍କ ଓ ବିଜେପି ନେତୃତ୍ୱ ମଧ୍ୟରେ ପୂର୍ବରୁ ଥିବା ମତଭେଦ ପୁଣି ଚର୍ଚ୍ଚାକୁ ଆସିଛି। ଗତ ସ୍ଥାନୀୟ ନିର୍ବାଚନ ପରେ ତିରୁଅନନ୍ତପୁରମ୍ ମେୟର ପଦ ପାଇଁ ତାଙ୍କ ନାମ ଚର୍ଚ୍ଚାରେ ଥିଲା। କିନ୍ତୁ ପରେ ଭିଭି ରାଜେଶଙ୍କୁ ମେୟର ଚୟନ କରାଯାଇଥିଲା। ଏହାକୁ ନେଇ ଶ୍ରୀଲେଖା ଅସନ୍ତୋଷ ପ୍ରକାଶ କରିଥିବା ରିପୋର୍ଟ ରହିଛି ।ତେବେ ଶ୍ରୀଲେଖା ନିଜ ଇସ୍ତଫାର ଅଧିକାରିକ କାରଣ ଭାବେ ବ୍ୟକ୍ତିଗତ ଅସୁବିଧା ଦର୍ଶାଇଛନ୍ତି। ମେୟର ଭିଭି ରାଜେଶ ମଧ୍ୟ ତାଙ୍କ ଇସ୍ତଫାପତ୍ର ପାଇଥିବା ସ୍ପଷ୍ଟ କରିଛନ୍ତି । ତେବେ ଇସ୍ତଫାକୁ ନେଇ ଦଳ ଭିତରେ ଆଲୋଚନା ଜାରି ରହିଥିବା ଓ ତାଙ୍କୁ ଇସ୍ତଫା ଫେରାଇବା ପାଇଁ ବୁଝାଇବାର ଚେଷ୍ଟା ଚାଲିଥିବା ରିପୋର୍ଟ ପ୍ରକାଶ ପାଇଛି ।ଆର୍ ଶ୍ରୀଲେଖା କେରଳର ପୂର୍ବତନ ଡିଜିପି ଏବଂ ବିଜେପିର ରାଜ୍ୟ ସ୍ତରୀୟ ନେତ୍ରୀ। ଶାସ୍ତମଙ୍ଗଳମ୍ ୱାର୍ଡରୁ ସେ ବିଜେପି ଟିକେଟରେ କାଉନସିଲର୍ ଭାବେ ନିର୍ବାଚିତ ହୋଇଥିଲେ । ତାଙ୍କ ଇସ୍ତଫା ପରେ ଆଗାମୀ ଦିନରେ ତିରୁଅନନ୍ତପୁରମ୍ କର୍ପୋରେସନର ରାଜନୈତିକ ସମୀକରଣ କେମିତି ବଦଳିବ, ତାହା ଉପରେ ନଜର ରହିଛି ।

# ହର୍ମୁଜ ପ୍ରଣାଳୀରେ ଟ୍ୟାଙ୍କର ଉପରେ କ୍ଷେପଣାସ୍ତ୍ର ମାଡ

**ନୂଆଦିଲ୍ଲୀ,୪ ।୧୦(ଏଜେନ୍ସି):** ହର୍ମୁଜ୍ ପ୍ରଣାଳୀରେ ଉତ୍ତେଜନା ଲାଗି ରହିଥିବାବେଳେ କୁଏତ୍ ପତାକା ବହନ କରୁଥିବା ଏକ ଟ୍ୟାଙ୍କର ଉପରେ କ୍ଷେପଣାସ୍ତ୍ର ମାଡ ହୋଇଛି। ଜାହାଜରେ ଥିବା ପାଞ୍ଚ ଜଣ ଭାରତୀୟ ନାଗରିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଓମାନରେ ଥିବା ଭାରତୀୟ ଦୂତାବାସ ଶନିବାର 'ଏକ୍ସ'ରେ ଏକ ପୋଷ୍ଟ କରି କହିଛି ଯେ, ଏମ୍‌ଟି କାଜିମାହ ତୃତୀୟ ଜାହାଜରେ ଥିବା ପାଞ୍ଚ ଜଣ ଭାରତୀୟଙ୍କୁ ଉଦ୍ଧାର କରିବା କାର୍ଯ୍ୟରେ ଦୂତାବାସ ସମନ୍ୱୟ କରିଛି ଓ ସମସ୍ତଙ୍କୁ ସୁରକ୍ଷିତ ଭାବରେ କୂଳକୁ ସ୍ଥାନାନ୍ତର କରାଯାଇଛି। ଉଦ୍ଧାରକାର୍ଯ୍ୟରେ ସହାୟତା ଓ ସେମାନଙ୍କ ନିରନ୍ତର ସମର୍ଥନ ପାଇଁ ଓମାନୀ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ପ୍ରକାଶ କରାଯାଇଛି। ଭାରତୀୟ ଦୂତାବାସ ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିନାହାନ୍ତି।

# ୟୁରୋପକୁ ଧମକ ଦେଲେ ପୁଟିନ

**ନୂଆଦିଲ୍ଲୀ,୪ ।୧୦(ଏଜେନ୍ସି):**ରୁଷର କାଲିନିନଗ୍ରାଡ୍ କ୍ଷେତ୍ରରେ ଆକ୍ରମଣ ହେଲେ ନାଟୋ ଦେଶଗୁଡ଼ିକ ଉପରେ ପରମାଣୁ ଅସ୍ତ୍ରରେ ହମଲା କରାଯିବ ବୋଲି ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଧମକ ଦେଇଛନ୍ତି। ଏହାର ଜବାବ ଦେବାକୁ ରୁଷ୍ ସବୁ ପ୍ରକାର ଅସ୍ତ୍ର ପ୍ରସ୍ତୁତ ରଖିଛି ଏବଂ ସେଥି ମଧ୍ୟରେ ପରମାଣୁ ଅସ୍ତ୍ର ବି ରହିଛି ବୋଲି ପୁଟିନ୍ କହିଛନ୍ତି ।ମସ୍କୋରେ ଏକ କାର୍ଯ୍ୟକ୍ରମରେ ପୁଟିନ କହିଛନ୍ତି,ୟୁରୋପର କୌଣସି ଦେଶ ଉପରେ ରୁଷ୍ ଆକ୍ରମଣ କରିବାର ଯୋଜନା ନାହିଁ। କିନ୍ତୁ ରୁଷ୍ ନିଜ ଜମିର ସୁରକ୍ଷା ପାଇଁ ସବୁପ୍ରକାର ଜରୁରି ପଦକ୍ଷେପ ନେବ । ରୁଷର କୌଣସି ଅଞ୍ଚଳରେ ଆକ୍ରମଣ ବିପଦ ରହିଲେ ରୁଷ୍ ଏହାର କଡ଼ା ଜବାବ ଦେବ। ଏହା ଧମକ ନୁହେଁ। ଏହା ଆମକୁ ଡରାଇବାକୁ କରାଯାଉଥିବା ଚେଷ୍ଟାର ଜବାବ ।ପ୍ରକାଶଥାଉ କି,କାଲିନିନଗ୍ରାଡ୍ ରୁଷର ଏକ ଅଲଗା ଭାଗ। ଏହା ରୁଷର ମୁଖ୍ୟ ଭୂଭାଗ ସହ ଯୋଡ଼ି ହୋଇନାହିଁ। ରୁଷରୁ ସଡ଼କ ମାର୍ଗରେ ସେଠାରେ ପହଞ୍ଚିବାକୁ ହେଲେ ଅନ୍ୟ ଦେଶ ଦେଇ ଯିବାକୁ ପଡ଼ିଥାଏ। ତେବେ ବାଲଟିକ ସାଗର ଦେଇ ସେଠାରେ ସିଧା ପହଞ୍ଚାଯାଇପାରିବ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ ଏହି ଅଞ୍ଚଳକୁ କାନିସବର୍ଗ କୁହାଯାଉଥିଲା ଏବଂ ଏହା ଜର୍ମାନୀର ଅଂଶ ଥିଲା। ଯୁଦ୍ଧ ପରେ ୧୯୪୫ରେ ଏହା ସୋଭିଏତ ସଂଘ ନିୟନ୍ତ୍ରଣକୁ ଚାଲି ଆସିଥିଲା । ସୋଭିଏତ ସଂଘ ପରେ ୧୯୯୧ରେ ତାହା ରୁଷର ଅଂଶ ରହିଥିଲା ।ଏବେ ରୁଷ୍ ସେହି ଅଞ୍ଚଳକୁ ନିଜର ଗୁରୁତ୍ୱପୂର୍ଣ୍ଣ ସାମରିକ ଠିକଣାରେ ପରିଣତ କରିଛି। ସେଠାରୁ ବାଲଟିକ ସାଗର ଏବଂ ନାଟୋ ସଦସ୍ୟ ଦେଶଗୁଡ଼ିକର ଆଖପାଖରେ ରୁଷ୍ ନିଜ ସୈନ୍ୟ ଉପସ୍ଥିତି ବଜାୟ ରଖି ପାରିବ। ୟୁରୋପୀୟ ଦେଶଗୁଡିକ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରୁଥିବା ପୁଟିନ୍ କହିଛନ୍ତି। ଆଗାମୀ ବର୍ଷରେ ପାଶ୍ଚାତ୍ୟ ଦେଶଗୁଡ଼ିକ ରୁଷ୍ ସହ ଯୁଦ୍ଧ କରିବାକୁ ପ୍ରସ୍ତୁତି କରୁଥିବା ମଧ୍ୟ ପୁଟିନ୍ ଦାବି କରିଛନ୍ତି। ସେ ବାଲଟିକ ସାଗରରେ ଯୁଦ୍ଧାଭ୍ୟାସ ଏବଂ ରୁଷୀୟ ଜାହାଜକୁ ଜବତ କରାଯାଇଥିବା କଥା ମଧ୍ୟ କହିଥିଲେ ।ରୁଷ୍ ଆଶଙ୍କା କରୁଛି ଯେ,ନାଟୋ ସମୁଦ୍ର ଏବଂ ଆକାଶ ମାର୍ଗରୁ କାଲିନିନଗ୍ରାଡ୍ ପର୍ଯ୍ୟନ୍ତ ଯାତାୟାତ ରୋକିବାକୁ ଉଦ୍ୟମ କରିପାରେ। ଯଦ୍ୱାରା କାଲିନିନଗ୍ରାଡ୍ ରୁଷର ବାକି ଅଂଶରୁ ବିଚ୍ଛିନ୍ନ ହୋଇପାରେ। ଏଥିସହ କାଲିନନଗ୍ରାଡ ଆଖପାଖରେ ନାଟୋର ସାମରିକ ଗତିବିଧି ମଧ୍ୟ ବୃଦ୍ଧିପାଉଛି। ରୁଷ୍ ଏହାକୁ କାଲିନିନଗ୍ରାଡ୍ ପାଇଁ ବିପଦ ଭାବେ ଦେଖୁଛି ।



# ହିଜାବ ପିନ୍ଧିଥିବାରୁ ଲେବର ରୁମ୍‌ରୁ ତଡ଼ିବା ଘଟଣା ଜମ୍ମୁର ଡୋଡା ମେଡିକାଲ କଲେଜରେ ବିବାଦ

**ନୂଆଦିଲ୍ଲୀ,୪ ।୧୦(ଏଜେନ୍ସି):**ଜମ୍ମୁ-କଶ୍ମୀରର ଡୋଡାସ୍ଥିତ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ଧାର୍ମିକ ପୋଷାକକୁ ନେଇ ବିବାଦ ସୃଷ୍ଟି ହୋଇଛି । ଜଣେ ନର୍ସିଂ ଛାତ୍ରୀଙ୍କୁ ଲେବର ରୁମ୍‌ରେ ପୋଷାକ ନେଇ ଆପତ୍ତି କରାଯାଇଥିବା ଅଭିଯୋଗ ପରେ ନର୍ସିଂ ଇଣ୍ଟର୍ନମାନେ ପ୍ରତିବାଦ କରିଥିଲେ। ଘଟଣାର ତଦନ୍ତ ପାଇଁ ମେଡିକାଲ କଲେଜ ପକ୍ଷରୁ ୭ ଜଣିଆ କମିଟି ଗଠନ କରାଯାଇଛି ।ଅଭିଯୋଗ ଅନୁଯାୟୀ, ଗାଇନିକୋଲୋଜି ବିଭାଗର ମୁଖ୍ୟ ଡାକ୍ତର ମଧୁ ଚିବ୍ ଲେବର ରୁମ୍‌ରେ ହିଜାବ କିମ୍ବା ବୋର୍କା ପିନ୍ଧିଥିବା ଜଣେ ଛାତ୍ରୀଙ୍କୁ ବାହାରକୁ ଯିବାକୁ କହିଥିଲେ । ଏହାକୁ ନେଇ ଛାତ୍ରୀମାନେ ଧାର୍ମିକ ପୋଷାକରେ ହସ୍ତକ୍ଷେପ କରାଯାଉଥିବା ଅଭିଯୋଗ କରି ପ୍ରତିବାଦ ଆରମ୍ଭ କରିଥିଲେ । କେତେକ ଇଣ୍ଟର୍ନ କାମ ବର୍ଜନ କରି ହସ୍ପିଟାଲ ପରିସରରେ ପ୍ରଦର୍ଶନ ମଧ୍ୟ କରିଥିଲେ ।ତେବେ ହସ୍ପିଟାଲ ପ୍ରଶାସନ ପକ୍ଷରୁ ଘଟଣାକୁ ଭିନ୍ନ ଭାବେ ବ୍ୟାଖ୍ୟା କରାଯାଇଛି । ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ଡାକ୍ତର ଇରଫାନ ତାସାଦୁକ୍ କହିଛନ୍ତି ଯେ, ଡାକ୍ତର ଚିବ୍ କେବଳ ଲେବର ରୁମ୍ ଓ ଅପରେସନ୍ ଥିଏଟରରେ ପାଳନ କରାଯାଉଥିବା ହାଇଜିନ୍ ନିୟମ ଅନୁଯାୟୀ ଢିଲା ପୋଷାକକୁ ସଜାଡ଼ିବା ଏବଂ ତା' ଉପରେ ଗାଉନ୍ ପିନ୍ଧିବାକୁ କହିଥିଲେ । ଏହି ଅଞ୍ଚଳରେ ସଂକ୍ରମଣର ବିପଦ ଅଧିକ ଥିବାରୁ ମେଡିକାଲ୍ ଷ୍ଟାଫ୍‌ଙ୍କୁ କଠୋର ସ୍ୱଚ୍ଛତା ପ୍ରୋଟୋକଲ୍ ପାଳନ କରିବାକୁ ପଡ଼େ ବୋଲି ସେ କହିଛନ୍ତି ।ଘଟଣାକୁ ନେଇ ପ୍ରତିବାଦ ଆରମ୍ଭ ହେବା ପରେ ହସ୍ପିଟାଲ ପ୍ରଶାସନ ଛାତ୍ରୀମାନଙ୍କ ଅଭିଯୋଗର ତଦନ୍ତ ପାଇଁ କମିଟି ଗଠନ କରିଛି । କମିଟି ଘଟଣାର ସମସ୍ତ ପକ୍ଷର କଥା ଶୁଣି ତଥ୍ୟ ଯାଞ୍ଚ କରିବା ପରେ ରିପୋର୍ଟ ଦେବ । ଅଭିଯୋଗଗୁଡ଼ିକ ଏପର୍ଯ୍ୟନ୍ତ ସ୍ୱତନ୍ତ୍ର ଭାବେ ପ୍ରମାଣିତ ହୋଇନାହିଁ ।ଘଟଣାଟି ଏବେ ରାଜନୈତିକ ଚର୍ଚ୍ଚାର ବିଷୟ ମଧ୍ୟ ପାଲଟିଛି । ଡୋଡା ବିଧାୟକ ମେହରାଜ ମଲିକ ଏହି ପ୍ରସଙ୍ଗ ସ୍ୱାସ୍ଥ୍ୟମନ୍ତ୍ରୀ ସାକିନା ଇଟୁଙ୍କ ନିକଟରେ ଉଠାଇଥିବା ଜଣାପଡ଼ିଛି । ନ୍ୟାସନାଲ କନଫରେନ୍ସର ମୁଖ୍ୟ ମୁଖପାତ୍ର ତନବୀର ସାଦିକ ଧାର୍ମିକ ସ୍ୱାଧୀନତା ଓ ବ୍ୟକ୍ତିଗତ ପସନ୍ଦର ଅଧିକାର ନେଇ ମତ ରଖିଛନ୍ତି । ବର୍ତ୍ତମାନ ମାମଲାଟି ତଦନ୍ତାଧୀନ ଥିବାରୁ ଲେବର ରୁମ୍‌ରେ ପୋଷାକ ସମ୍ପର୍କିତ ନିର୍ଦ୍ଦେଶ ଧାର୍ମିକ ପରିଚୟକୁ ଲକ୍ଷ୍ୟ କରି ଦିଆଯାଇଥିଲା କି ନା ହସ୍ପିଟାଲର ସ୍ୱଚ୍ଛତା ଓ ସୁରକ୍ଷା ପ୍ରୋଟୋକଲ୍‌ର ଅଂଶ ଥିଲା, ତାହା ତଦନ୍ତ ପରେ ସ୍ପଷ୍ଟ ହେବ ।

# ତିରୁପତି ଫାର୍ମା ପ୍ଲାଣ୍ଟ ଭୟଙ୍କର ବ୍ଲାଷ୍ଟ ; ୪ ଶ୍ରମିକ ମୃତ

**ନୂଆଦିଲ୍ଲୀ,୪ ।୧୦(ଏଜେନ୍ସି):**ଆନ୍ଧ୍ରପ୍ରଦେଶରେ ବଡ ଅଘଟଣ । ତିରୁପତି ଜିଲ୍ଲା ଅନ୍ତର୍ଗତ ଶ୍ରୀ ସିଟି ସ୍ପେଶାଲ୍ ଇକୋନୋମିକ୍ ଜୋନ୍ ରେ ଥିବା ଏକ ଘରୋଇ ଔଷଧ କମ୍ପାନୀରେ ବଏଲର୍ ବିସ୍ଫୋରଣ ହୋଇଛି । ଏହି ଘଟଣାରେ ଶନିବାର ସକାଳେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। ସକାଳ ପ୍ରାୟ ୮ଟା ସମୟରେ ଏହି ବିସ୍ଫୋରଣ ଘଟିଥିଲା, ଯାହା ଫଳରେ ଘଟଣାସ୍ଥଳରେ ତୁରନ୍ତ ଆତଙ୍କ ଖେଳିଯାଇଥିଲା। ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ପାଇଁ ପୋଲିସ ଏବଂ ଜରୁରୀକାଳୀନ ସେବା ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ସୂଚନା ଅନୁଯାୟୀ, ଦୁଇଜଣ ବ୍ୟକ୍ତି ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ ଏବଂ ଗୁରୁତର ଆହତ ହୋଇଥିବା ଅନ୍ୟ ଦୁଇଜଣଙ୍କର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା ।ସକାଳ ପ୍ରାୟ ୮ଟା ସମୟରେ ଶ୍ରୀ ସିଟି ଝରତ ସ୍ଥିତ ଉକ୍ତ ଘରୋଇ କମ୍ପାନୀରେ କାମ ସ୍ୱାଭାବିକ ଭାବେ ଚାଲିଥିଲା। ନାଇଟ ସିଫ୍ଟ ଶେଷ ଶେହ ହେବାର ଥିଲା କିଛି କର୍ମଚାରୀ କାମରେ ନିୟୋଜିତ ଥିବାବେଳେ ଅନ୍ୟମାନେ କ୍ୟାଣ୍ଟିନ୍‌ରେ ଚା' ଓ ଜଳଖିଆ ଖାଉଥିଲେ। ହଠାତ୍ ଏକ ଭୟଙ୍କର ବିସ୍ଫୋରଣ ଘଟିଲା। କିଛି ସେକେଣ୍ଡ ମଧ୍ୟରେ ସମଗ୍ର ଅଞ୍ଚଳ ଚିତ୍କାର ଓ ଆତଙ୍କରେ ଭରିଗଲା। ଏକ ୱାଟର ବଏଲର୍‌ରେ ହୋଇଥିବା ଶକ୍ତିଶାଳୀ ବିସ୍ଫୋରଣ ଯୋଗୁଁ ଅନେକ କର୍ମଚାରୀ ଏହାର ପ୍ରଭାବରେ ଆସିଯାଇଥିଲେ। ନିଆଁ ଓ ବିସ୍ଫୋରଣ ଯୋଗୁଁ ସେଠାରେ ଏକ ବିଶୃଙ୍ଖଳିତ ପରିସ୍ଥିତି ସୃଷ୍ଟି ହୋଇଥିଲା।

# ପଶ୍ଚିମବଙ୍ଗରେ ନିର୍ବାଚନ ପୂର୍ବରୁ ରାଜନୈତିକ ତାତି

**ନୂଆଦିଲ୍ଲୀ,୪ ।୧୦(ଏଜେନ୍ସି):** ପଶ୍ଚିମବଙ୍ଗରେ ମାଲଦା ଜିଲ୍ଲା ପରିଷଦ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ନିର୍ବାଚନ ପୂର୍ବରୁ ରାଜନୈତିକ ତାତି ବଢ଼ିଛି । ନିର୍ବାଚନ ପୂର୍ବରୁ ମାଲଦାର ୨୬ ଜଣ ନବନିର୍ବାଚିତ ଜିଲ୍ଲା ପରିଷଦ ସଦସ୍ୟ ଝାଡ଼ଖଣ୍ଡର ପାକୁରସ୍ଥିତ ଏକ ହୋଟେଲରେ ରହୁଥିବା ଜଣାପଡ଼ିଛି । ଶୁକ୍ରବାର ବିଳମ୍ବିତ ରାତିରେ ମାଲଦା ପୁଲିସ ହୋଟେଲରେ ପହଞ୍ଚି ସଦସ୍ୟମାନଙ୍କୁ ପଚରାଉଚରା କରିବା ପରେ ଘଟଣାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା । ମାଲଦା ଜିଲ୍ଲା ପରିଷଦର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ପଦ ପାଇଁ ଅକ୍ଟୋବର ୬ରେ ନିର୍ବାଚନ ହେବ । ଏହା ପୂର୍ବରୁ ଜିଲ୍ଲା ପରିଷଦ ସଦସ୍ୟମାନେ ରାଜ୍ୟ ବାହାରେ ଏକାଠି ରହିବା ଘଟଣା ଏବେ ରାଜନୈତିକ ଚର୍ଚ୍ଚାକୁ ଜୋରଦାର କରିଛି ।ମାଲଦା ଜିଲ୍ଲା ପରିଷଦର ମୋଟ ୪୩ଟି ଆସନ ମଧ୍ୟରୁ ତୃଣମୂଳ କଂଗ୍ରେସ ୩୪ଟି ଆସନ ଜିତିଛି । କଂଗ୍ରେସ ୫ଟି ଓ ବିଜେପି ୪ଟି ଆସନରେ ବିଜୟୀ ହୋଇଛି । ଏଭଳି ସ୍ଥିତିରେ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ନିର୍ବାଚନ ପୂର୍ବରୁ ୨୬ ଜଣ ସଦସ୍ୟଙ୍କ ଏକାଠି ରହଣିକୁ ନେଇ ବିଭିନ୍ନ ଆଲୋଚନା ହେଉଛି ।ଶୁକ୍ରବାର ରାତିରେ ମାଲଦା ପୁଲିସ ହୋଟେଲରେ ପହଞ୍ଚିବା ପରେ ସେଠାରେ ହଙ୍ଗାମା ହୋଇଥିଲା । ପରେ ପାକୁର ଟାଉନ ପୁଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା । ପୁଲିସ ଓ କିଛି ଜିଲ୍ଲା ପରିଷଦ ସଦସ୍ୟଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ସହ ଧସ୍ତାଧସ୍ତି ହୋଇଥିବା ଦାବି କରାଯାଇଛି ।ନବନିର୍ବାଚିତ ଜିଲ୍ଲା ପରିଷଦ ସଦସ୍ୟା ସାଗରିକା ସରକାର ଅଭିଯୋଗ କରିଛନ୍ତି ଯେ, ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ନିର୍ବାଚନ ପୂର୍ବରୁ ସଦସ୍ୟମାନଙ୍କ ଉପରେ ଚାପ ପକାଇବାର ଚେଷ୍ଟା ହେଉଛି। ତାଙ୍କ ଅଭିଯୋଗ ଅନୁଯାୟୀ, ପୁଲିସର ଏହି ପଦକ୍ଷେପ ପଛରେ ରାଜନୈତିକ ପ୍ରଭାବ ରହିଛି । ଅନ୍ୟପକ୍ଷରେ ପୁଲିସ କହିଛି ଯେ, ଏକ ଅଭିଯୋଗ ଆଧାରରେ ତଦନ୍ତ ପାଇଁ ଟିମ୍ ହୋଟେଲକୁ ଯାଇଥିଲା ।



# କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଅନୁପ କୁମାର ସାହାଙ୍କୁ ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ଭାବେ ନିଯୁକ୍ତ କରିବା ପାଇଁ ଆରବିଆଇଠାରୁ ଅନୁମୋଦନ ଲାଭ କରିଛି

**ମୁମ୍ବାଇ,୪।୧୦ (ନି.ପ୍ର) :** କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍ ଆଜି ଘୋଷଣା କରିଛି ଯେ, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଅନୁପ କୁମାର ସାହାଙ୍କୁ ୦୧ ଜାନୁୟାରୀ, ୨୦୨୭ରୁ ତିନିବର୍ଷ ଅବଧି ପାଇଁ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ଭାବରେ ନିଯୁକ୍ତି ଦେବାକୁ ମୁରୀ ପ୍ରଦାନ କରିଛି। ଏହି ନିଯୁକ୍ତିକୁ ଆନୁଷ୍ଠାନିକ ରୂପ ଦେବା ପାଇଁ ଏବଂ ଏଥିପାଇଁ ସଦସ୍ୟମାନଙ୍କ ଅନୁମୋଦନ ନେବା ନିମନ୍ତେ ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳୀ ଯଥାସମୟରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ। ଅନୁପ ବର୍ତ୍ତମାନ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କର ପୂର୍ଣ୍ଣ-କାଳୀନ ନିର୍ଦ୍ଦେଶକ (କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ) ଭାବରେ କାର୍ଯ୍ୟରତ ଅଛନ୍ତି। ସେ ଜାନୁୟାରୀ ୨୦୨୬ରେ ବ୍ୟାଙ୍କରେ ଯୋଗ ଦେଇଥିଲେ ଏବଂ ମାର୍ଚ୍ଚ ୨୦୨୬ରୁ ରିଟେଲ ବ୍ୟାଙ୍କ, ତଥ୍ୟ ବିଶ୍ଳେଷକ ଏବଂ ମାର୍କେଟିଙ୍ଗ ବିଭାଗର ଦାୟିତ୍ୱ ତୁଲାଉଛନ୍ତି। ସି.ଏସ. ରାଜନ, ବୋର୍ଡ଼ ଅଧ୍ୟକ୍ଷ, କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ, କହିଛନ୍ତି, 'ଆମେ ଭାରତୀୟ ରିଜର୍ଭ ବ୍ୟାଙ୍କର ଏହି ମୁରୀକୁ ସ୍ୱାଗତ କରୁଛୁ। ବ୍ୟାଙ୍କିଙ୍ଗ ଏବଂ ଆର୍ଥିକ ସେବା କ୍ଷେତ୍ରରେ ଅନୁପଙ୍କ ବ୍ୟାପକ ଅଭିଜ୍ଞତା ରହିଛି ଏବଂ ସେ ନିଜର ବର୍ତ୍ତମାନର ଭୂମିକାରେ ବ୍ୟାଙ୍କର ବ୍ୟବସାୟ ସହିତ ସକ୍ରିୟ ଭାବରେ ଜଡ଼ିତ ଅଛନ୍ତି। ବ୍ୟାଙ୍କ ନିଜର ମଜବୁତ୍ ଭିତ୍ତିଭୂମିକୁ ଆଗକୁ ବଢ଼ାଉଥିବା ବେଳେ, ବ୍ୟାଙ୍କର ସଂସ୍ଥାଗତ ଶକ୍ତି ବୃଦ୍ଧି କରିବା ଏବଂ ନିରନ୍ତର ବିକାଶ ପଥରେ ଆଗେଇ ନେବାରେ ଆମେ ଅନୁପଙ୍କ ନେତୃତ୍ୱକୁ ଆଶା କରୁଛୁ। ଅଶୋକ ଭାସୱାନୀ, ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ, କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ, କହିଛନ୍ତି, ଅନୁପ ହେଉଛନ୍ତି ଜଣେ ଅଭିଜ୍ଞ ଆର୍ଥିକ ସେବା



ନେତୃତ୍ୱକାରୀ ବ୍ୟକ୍ତିତ୍ୱ, ଯାହାଙ୍କର ବିଭିନ୍ନ ବ୍ୟବସାୟ, ଗ୍ରାହକବର୍ଗ ଏବଂ କାର୍ଯ୍ୟନିର୍ବାହୀ ବିଭାଗରେ ଗଭୀର ଅଭିଜ୍ଞତା ରହିଛି। କୋଟାକ୍‌ରେ ଯୋଗ ଦେବା ପରଠାରୁ ସେ ଆମର ଦଳ ସହିତ ମିଶି ନିବିଡ଼ ଭାବରେ କାର୍ଯ୍ୟ କରିଛନ୍ତି ଏବଂ ଆଗାମୀ ସୁଯୋଗ ଗୁଡ଼ିକ ବିଷୟରେ ଏକ ସ୍ପଷ୍ଟ ସମାଧାନ ଦର୍ଶାଇଛନ୍ତି। ମୋର ବିଶ୍ୱାସ ଯେ ଅନୁପ କୋଟାକ୍‌ର ମଜବୁତ୍ ସୂତ୍ରକୁ ଆହୁରି ସୁଦୃଢ଼ କରିବା ସହିତ ଗ୍ରାହକ ସମ୍ପର୍କକୁ ଅତ୍ୟଧିକ ନିବିଡ଼ ତଥା ସମ୍ପୂର୍ଣ୍ଣ ଉଦ୍ଦେଶ୍ୟ ଓ ଶୃଙ୍ଖଳା ସହ ବ୍ୟାଙ୍କକୁ ଆଗକୁ ନେବେ।

# ବେଦାନ୍ତ ଆଲୁମିନିୟମ୍ ପରିଚ୍ଛନ୍ନତା ମାଧ୍ୟମରେ ଦାୟିତ୍ୱବୋଧର ସଂସ୍କୃତି ଗଢୁଛି

**ନୂଆଦିଲ୍ଲୀ, ୪।୧୦ (ନି.ପ୍ର):** ଭାରତ 'ସ୍ୱଚ୍ଛ ଭାରତ' ଲକ୍ଷ୍ୟ ଦିଗରେ ଆଗକୁ ବଢୁଥିବା ବେଳେ ପରିଚ୍ଛନ୍ନତା ସାମୂହିକ ଦାୟିତ୍ୱବୋଧର ଏକ ପ୍ରତିଫଳନ ଭାବେ ଗୁରୁତ୍ୱ ପାଉଛି। ଏହା କେବଳ ପରିବେଶର ସୌନ୍ଦର୍ଯ୍ୟ ସହ ଜଡ଼ିତ ବିଷୟ ନୁହେଁ, ବରଂ କାର୍ଯ୍ୟସ୍ଥଳ, ସାର୍ବଜନୀନ ସ୍ଥାନ ଓ ସମୁଦାୟରେ ଦୈନନ୍ଦିନ ଶୃଙ୍ଖଳା ଏବଂ ଦାୟିତ୍ୱବୋଧକୁ ପ୍ରତିଫଳିତ କରେ। ବୃହତ୍ ଶିଳ୍ପ ପରିବେଶରେ ସମ୍ବଳର ସୁପରିଚାଳନା, କାର୍ଯ୍ୟସ୍ଥଳର ରକ୍ଷଣାବେକ୍ଷଣ ଏବଂ ନିଜ ପରିବେଶ ପ୍ରତି ଦାୟିତ୍ୱ ଗ୍ରହଣ ଭଳି ଦିଗକୁ ଏହି ମୂଲ୍ୟବୋଧ ପ୍ରଭାବିତ କରିଥାଏ। ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ରେ ପରିଚ୍ଛନ୍ନତା କମ୍ପାନୀର କାର୍ଯ୍ୟପଦ୍ଧତିର ଅଂଶ ହୋଇଛି। କାରଖାନା, ଆବାସିକ ପରିସର ଏବଂ ନିକଟବର୍ତ୍ତୀ ସମୁଦାୟ ମଧ୍ୟରେ ସାମୂହିକ ଦାୟିତ୍ୱବୋଧକୁ ପ୍ରୋତ୍ସାହନ ଦେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ପରିଚ୍ଛନ୍ନ, ନିରାପଦ ଓ ଅଧିକ ଦକ୍ଷ ପରିବେଶ ସୃଷ୍ଟି ମାଧ୍ୟମରେ କମ୍ପାନୀ ସ୍ଥାୟୀ ବିକାଶ ଏବଂ 'ବିକଶିତ ଭାରତ' ଗଠନର ବ୍ୟାପକ ପ୍ରୟାସକୁ ସହଯୋଗ କରୁଛି। ଏହି ଦାୟିତ୍ୱବୋଧର ସଂସ୍କୃତି ବେଦାନ୍ତ ଆଲୁମିନିୟମ୍ର ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ପ୍ରତିଫଳିତ ହୋଇଛି। ଝାରସୁଗୁଡ଼ାସ୍ଥିତ କାରଖାନା ଏହାର ଏକ ଉଲ୍ଲେଖନୀୟ ଉଦାହରଣ। ସୁସଂଗଠିତ, ଦକ୍ଷ ଓ ଶୃଙ୍ଖଳିତ କାର୍ଯ୍ୟସ୍ଥଳ ପାଇଁ ୫ଏସ୍ ପଦ୍ଧତି ଅନୁସରଣ କରି ନିୟମିତ ସମୀକ୍ଷା ଓ ନିରନ୍ତର ଉନ୍ନତିମୂଳକ ପଦକ୍ଷେପ ମାଧ୍ୟମରେ କାର୍ଯ୍ୟସ୍ଥଳ ପରିଚାଳନା କରାଯାଉଛି। ଦଳଗୁଡ଼ିକ ନିୟମିତ ଭାବେ ଅତିରିକ୍ତ ସାମଗ୍ରୀ ଚିହ୍ନଟ କରି ହଟାଉଛନ୍ତି। ଫଳରେ କାର୍ଯ୍ୟସ୍ଥଳ ଅଧିକ ସୁସଂଗଠିତ ହେବା ସହ ସ୍ଥାନର ସୁବିନିଯୋଗ ସମ୍ଭବ ହୋଇଛି। ଏହି ପ୍ରୟାସ ଫଳରେ ୪୦୦ ବର୍ଗମିଟରରୁ ଅଧିକ କାର୍ଯ୍ୟସ୍ଥଳ ପୁନରୁଦ୍ଧାର ହୋଇଥିବା ବେଳେ ଦୈନିକ କାର୍ଯ୍ୟ ସମୟରେ କର୍ମଚାରୀଙ୍କ ଯାତାୟାତ ୩ କିଲୋମିଟରରୁ ଅଧିକ କମିଛି। ଏହା



ଶାରୀରିକ ସୁବିଧା ଓ କାର୍ଯ୍ୟଦକ୍ଷତା ବଢ଼ାଇବାରେ ସହାୟକ ହୋଇଛି। ଏହି ପ୍ରୟାସର ସଫଳତାକୁ ସ୍ୱୀକୃତି ଦେଇ ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା ସ୍ମେଲ୍ଟର ଓ ପାୱାର ପ୍ଲାଣ୍ଟକୁ କ୍ୱାଲିଟି ସର୍କଲ୍ ଫୋରମ୍ ଅଫ୍ ଇଣ୍ଡିଆ ପକ୍ଷରୁ ୟୁନିଅନ୍ ଅଫ୍ ଜାପାନିଜ୍ ସାଇଂଟିଷ୍ଟସ୍ ଆଣ୍ଡ ଇଞ୍ଜିନିୟର୍ସ ସହଯୋଗରେ ୫ଏସ୍ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସେହିପରି ଝାରସୁଗୁଡ଼ାସ୍ଥିତ କମ୍ପାନୀର ଆବାସିକ ପରିସର ବେଦାନ୍ତ ମେଡୋଜ୍କୁ ଶିଳ୍ପ ଆବାସିକ ପରିସର ବର୍ଗରେ ୨୦୨୬ ମସିହାର ଏମ୍.କେ. ରାଉତ ପ୍ରଦୂଷଣ ନିୟନ୍ତ୍ରଣ ପ୍ରଶଂସା ପୁରସ୍କାର ମିଳିଛି। ଏହି ସଫଳତାର ମୂଳରେ ରହିଛି ବ୍ୟକ୍ତିଗତ ଦାୟିତ୍ୱବୋଧର ସଂସ୍କୃତି। 'ମାଇ ଏରିଆ ଆଣ୍ଡ ମାଇ ମେସିନ୍' ପଦକ୍ଷେପ ମାଧ୍ୟମରେ କର୍ମଚାରୀ ଓ ବ୍ୟବସାୟିକ ସହଯୋଗୀମାନେ ନିର୍ଦ୍ଦିଷ୍ଟ କାର୍ଯ୍ୟସ୍ଥଳ ଓ ଯନ୍ତ୍ରପାତିର ଦାୟିତ୍ୱ ନେଉଛନ୍ତି। ଏହା ନିଜ ପରିବେଶ ପ୍ରତି ଦାୟିତ୍ୱବୋଧ ଓ ଗର୍ବର ଭାବନାକୁ ବଢ଼ାଉଛି। 'ଉତ୍କୃଷ୍ଟ' ଭଳି ସ୍ୱୀକୃତି କାର୍ଯ୍ୟକ୍ରମ ମାଧ୍ୟମରେ ଉତ୍ତମ କାର୍ଯ୍ୟସ୍ଥଳ ସଂଗଠନ ଓ ପରିଚ୍ଛନ୍ନତା ମାନଦଣ୍ଡ ପ୍ରଦର୍ଶନ କରୁଥିବା ଦଳଗୁଡ଼ିକୁ ସମ୍ମାନିତ କରାଯାଉଛି। ଏହା ଦୈନନ୍ଦିନ କାର୍ଯ୍ୟପଦ୍ଧତିରେ ଏହି ଅଭ୍ୟାସଗୁଡ଼ିକୁ ସ୍ଥାୟୀ ଭାବେ ସାମିଲ କରିବାରେ ସହାୟକ ହୋଇଛି। କାର୍ଯ୍ୟସ୍ଥଳର ସୁସଂଗଠନ ବ୍ୟକ୍ତିଗତ ଦାୟିତ୍ୱବୋଧରୁ ଆରମ୍ଭ ହେଉଥିବା ବେଳେ ବୃହତ୍ ପରିସରରେ ପରିଚ୍ଛନ୍ନତା ବଜାୟ ରଖିବା ପାଇଁ ସମ୍ବଳର ଦାୟିତ୍ୱପୂର୍ଣ୍ଣ ପରିଚାଳନା ଆବଶ୍ୟକ। ବାଲକୋରେ ସୁସଂଗଠିତ ୫ଏସ୍ ପଦ୍ଧତି, ଯନ୍ତ୍ରଚାଳିତ ସଫେଇ ବ୍ୟବସ୍ଥା ଏବଂ କାର୍ଯ୍ୟକ୍ଷେତ୍ରରେ ବ୍ୟବସ୍ଥିତ ବର୍ଜ୍ୟ ପୃଥକୀକରଣ ମାଧ୍ୟମରେ ଏହି ଚିନ୍ତାଧାରାକୁ କାର୍ଯ୍ୟକାରୀ କରାଯାଉଛି। 'ବର୍ଜ୍ୟରୁ ସମ୍ପଦ' ପଦକ୍ଷେପ ଅଧୀନରେ ସାମଗ୍ରୀର ପୁନରୁଦ୍ଧାର, ପୁନଃଚକ୍ରଣ ଏବଂ ଦାୟିତ୍ୱପୂର୍ଣ୍ଣ ପରିଚାଳନାକୁ ଗୁରୁତ୍ୱ ଦିଆଯାଉଛି। ଏହା ସମ୍ବଳର ଦକ୍ଷ ବ୍ୟବହାର ବଢ଼ାଇବା ସହ ପରିବେଶ ଉପରେ ପ୍ରଭାବ କମାଇବାରେ ସହାୟକ ହେଉଛି।

# ସୋନାଲିକା ୬ ମାସରେ ୧ ଲକ୍ଷରୁ ଅଧିକ ଟ୍ରାକ୍ଟର ବିକ୍ରି

**ଭୁବନେଶ୍ୱର, ୪।୧୦ (ନି.ପ୍ର) :** ସୋନାଲିକା ଟ୍ରାକ୍ଟର୍ସ ନିଜର ଗୌରବମୟ ୩୦ତମ ବର୍ଷପୂର୍ତ୍ତି ଅବସରରେ ଗତ ୬ ମାସ (ଏପ୍ରିଲ-ସେପ୍ଟେମ୍ବର '୨୬) ମଧ୍ୟରେ ୧ ଲକ୍ଷରୁ ଅଧିକ ଟ୍ରାକ୍ଟର ବିକ୍ରି କରି ନିଜର ପୂର୍ବ ରେକର୍ଡକୁ ଭାଙ୍ଗିଛି । ଭାରତ ଯେତେବେଳେ ପାର୍ବଣ ଋତୁ ଆଡ଼କୁ ଆଗଉଛି, ସୋନାଲିକା ପାବର ହୋସିଆରପୁରସ୍ଥିତ ବିଶ୍ୱର ଏକ ନମ୍ବର କାରଖାନାରେ ମାସିକ ସର୍ବୋଚ୍ଚ ୧୯,୦୦୦ ଟ୍ରାକ୍ଟର ଉତ୍ପାଦନକରି ବଜାରରେ ଟ୍ରାକ୍ଟର ଉପଲବ୍ଧତାକୁ ଆହୁରି ମଜଭୁତ କରିଛି । ଇଂଟରନ୍ୟାସନାଲ୍ ଟ୍ରାକ୍ଟର୍ସ ଲିମିଟେଡ୍ (ଆଇଟିଏଲ୍)ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ, ଶ୍ରୀ ରମଣ ମିତଲ



କହିଛନ୍ତି, 'ପ୍ରଗତିର ସବୁଠାରୁ ବଡ଼ ଲକ୍ଷଣ ହେଉଛି ଯେତେବେଳେ ଆମେ ନିଜେ ନିଜ ରେକର୍ଡକୁ ଅତିକ୍ରମ କରି ଆଗକୁ ବଢ଼ିଥାଉ । ଆମେ ୬ ମାସରେ ୧ ଲକ୍ଷରୁ ଅଧିକ ଟ୍ରାକ୍ଟର ବିକ୍ରି ହାସଲ କରିପାରିବା ଆମର ନିରନ୍ତର ପ୍ରଚେଷ୍ଟାକୁ ଦର୍ଶାଉଛି ।

# କେନ୍ଦୁଝରରେ ଗ୍ରାମ ସଭାଗୁଡିକ ବାଲ୍ୟ ବିବାହ-ମୁକ୍ତ ପ୍ରସ୍ତାବ ଗୃହୀତ କଲା

**କେନ୍ଦୁଝର, ୪।୧୦ (ନି.ପ୍ର) :** ବାଲ୍ୟ ବିବାହ ବିରୋଧରେ ଗୋଷ୍ଠୀ ପଦକ୍ଷେପ ସୁଦୃଢ କରିବାକୁ ଏକ ଉଲ୍ଲେଖନୀୟ ପ୍ରୟାସକ୍ରମେ ସମଗ୍ର କେନ୍ଦୁଝର ଜିଲ୍ଲାରେ ଗ୍ରାମ ସଭାଗୁଡିକ ସେମାନଙ୍କ ଗ୍ରାମ ବାଲ୍ ବିବାହ ମୁକ୍ତ ଭାରତ ଅଭିଯାନ ଅଧୀନରେ ବାଲ୍ୟ ବିବାହ-ମୁକ୍ତ ଘୋଷଣା କରି ପ୍ରସ୍ତାବଗୁଡିକ ଗୃହୀତ କରାଇଛନ୍ତି। ବାଲ୍ୟ ବିବାହରେ ପରିସମାପ୍ତି ଘଟାଇବାକୁ ପ୍ରୟାସଗୁଡିକ ତ୍ୱରାନ୍ୱିତ କରିବା ନିମନ୍ତେ ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ପ୍ରୟାସ ଅନୁଯାୟୀ ୨୦୨୬ ଅକ୍ଟୋବର ୨ ତାରିଖରେ ଆୟୋଜିତ ବାଧ୍ୟତାମୂଳକ ଗ୍ରାମ ସଭାଗୁଡିକରେ ଏହି ପ୍ରସ୍ତାବଗୁଡିକ ଗୃହୀତ କରାଯାଇଥିଲା। ବାଂଶପାଳ, ତେଲକୋଇ, ହରିଚନ୍ଦନପୁର, ସଦର, ପାଟଣା, ଚମ୍ପୁଆ, ଝୁମ୍ପୁରା, ହାଟଡିହି ଆଦି ୮ଟି ବ୍ଲକ୍ ଅନ୍ତର୍ଗତ ୫୫ଟି ଗ୍ରାମ ପଞ୍ଚାୟତ ଏବଂ ଜିଲ୍ଲାର ପ୍ରାୟ ୩୦୦ ଗ୍ରାମଗୁଡିକରେ ଏହି ପ୍ରସ୍ତାବ ଅଣାଯାଇ ତାହାକୁ ଗୃହୀତ କରାଯାଇଥିଲା। ଏହି ପ୍ରୟାସ ବାଲ୍ୟ ବିବାହ ନିରାକରଣକୁ ପ୍ରତ୍ୟକ୍ଷ ଭାବରେ ଗ୍ରାମ ସଭା ପ୍ରକ୍ରିୟାର ଅନ୍ତର୍ଭୁକ୍ତ କରାଉଛି ଏବଂ ପଞ୍ଚାୟତ ତଥା ଗ୍ରାମ ସ୍ତରରେ ଗୋଷ୍ଠୀଗତ ଆଲୋଚନା, ପ୍ରତିବଦ୍ଧତା ଓ ସଂସ୍ଥାନଗତ କାର୍ଯ୍ୟାନୁଷ୍ଠାନ



ନିମନ୍ତେ ଏକ ଆନୁଷ୍ଠାନିକ ମଞ୍ଚ ସୃଷ୍ଟି କରୁଛି।

ହମାରା ବଚ୍‌ପନ ଟ୍ରଷ୍ଟ ଦ୍ୱାରା ଜଷ୍ଟ ରାଇଟ୍‌ସ୍ ଫର ଚିଲ୍ଡ୍ରେନ (ଜେଆର୍‌ସି) ଅଧୀନରେ କୈଳାସ ସତ୍ୟାର୍ଥୀ ଚିଲ୍ଡ୍ରେନସ୍ ଫାଉଣ୍ଡେସନ (କେଏସ୍‌ସିଏଫ) ସହିତ ସହଭାଗୀତାରେ ଏହି ଅଭିଯାନ କାର୍ଯ୍ୟକାରୀ କରାଯାଉଛି। ୨୦୨୨ ଠାରୁ ହମାରା ବଚ୍‌ପନ ଟ୍ରଷ୍ଟ କେନ୍ଦୁଝରକୁ ୨୦୩୧ ସୁଦ୍ଧା ବାଲ୍ୟ ବିବାହମୁକ୍ତ କରିବା ଲକ୍ଷ୍ୟରେ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ କେନ୍ଦୁଝର ଜିଲ୍ଲାର ୮ଟି ବ୍ଲକ୍ ଓ ୩୦୦ ଗ୍ରାମରେ ନିରନ୍ତର କାର୍ଯ୍ୟ କରିଆସୁଛି। ଗ୍ରାମ ସଭା ବୈଠକଗୁଡିକର ସୁବିଧାକରଣ, ସଚେତନତା ସୃଷ୍ଟି ଏବଂ ଦସ୍ତାବିଜ ପ୍ରସ୍ତୁତିରେ ପଞ୍ଚାୟତି ରାଜ ସଂସ୍ଥାନସମୂହ ଏବଂ ପ୍ରାସଙ୍ଗିକ ଜିଲ୍ଲା ତଥା ବ୍ଲକସ୍ତରୀୟ କାର୍ଯ୍ୟକର୍ତ୍ତାମାନଙ୍କ ସହିତ ସମନ୍ୱୟ ରକ୍ଷା କରି ଏଚ୍‌ବିଟି ସମର୍ଥନ ଯୋଗାଇ ଦେଇଥିଲା। ଗ୍ରାମ ସଭା ପ୍ରସ୍ତାବଗୁଡିକ ଧାର୍ଯ୍ୟ ବାଲ୍ୟ ବିବାହ-ମୁକ୍ତ ଗ୍ରାମ ପ୍ରମାଣୀକରଣ ପ୍ରକ୍ରିୟାର ଅଂଶ ଅଟେ। ପ୍ରସ୍ତାବଗୁଡିକ ଗୃହୀତ ହେବାପରେ ବୈଠକର ଆଲୋଚ୍ୟ ବିଷୟ ଏବଂ ଆବଶ୍ୟକ ଦସ୍ତାବିଜ ପ୍ରସ୍ତୁତିକୁ ଯାଞ୍ଚ ଏବଂ ପ୍ରମାଣନ ପ୍ରକ୍ରିୟା ଅଧୀନରେ ପୁନଃ ଆବଶ୍ୟକ ପଦକ୍ଷେପ ନିମନ୍ତେ ମାନ୍ୟତାପ୍ରାପ୍ତ ପଞ୍ଚାୟତି ରାଜ କାର୍ଯ୍ୟକର୍ତ୍ତା ଏବଂ ବାଲ୍ୟ ବିବାହ ନିରାକରଣ ଅଧିକାରୀମାନଙ୍କ ଜରିଆରେ ଆଗକୁ ନିଆଯିବ। ଏହି ପ୍ରୟାସ ବାଲ୍ୟ ବିବାହ ରୋକିବା ସକାଶେ ପୂର୍ଣ୍ଣାଙ୍ଗ ଭାବରେ ସରକାର ଏବଂ ଗୋଷ୍ଠୀ-ଭିତ୍ତିକ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି ଏବଂ ଗ୍ରାମ ପଞ୍ଚାୟତସମୂହ, ସମ୍ମୁଖଭାଗ କାର୍ଯ୍ୟକର୍ତ୍ତା, ସ୍ଥାନୀୟ ପ୍ରତିଷ୍ଠାନସମୂହ ଓ ଗୋଷ୍ଠୀଗୁଡିକ ଆପଦ ଚିହ୍ନଟ, ସତର୍କ ଦୃଷ୍ଟି ନିରୀକ୍ଷଣକୁ ସୁଦୃଢ କରିବା ଏବଂ ପିଲାମାନେ ଯେଭଳି ଆଦ୍ୟ ବିବାହରୁ ସୁରକ୍ଷିତ ରହନ୍ତି ତାହା ସୁନିଶ୍ଚିତ କରିବା ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛନ୍ତି।

# ବନ୍ଧନ ଫ୍ଲେକ୍ସି କ୍ୟାପ ଫଣ୍ଡର ୨୧ ବର୍ଷ ପୂର୍ତ୍ତି

25 YEARS Bandhan AMC

**ଭୁବନେଶ୍ୱର, ୪।୧୦ (ନି.ପ୍ର) :** ବନ୍ଧନ ଫ୍ଲେକ୍ସିକ୍ୟାପ ଫଣ୍ଡ ୨୧ ବର୍ଷ ପୂରଣ କରୁଥିବାରୁ ଏହି ଗୁରୁତ୍ୱପୂର୍ଣ୍ଣ ସଫଳତା ସଂଖ୍ୟାଠାରୁ ଆଗକୁ ବଢି ଏକ ସୁଯୋଗ ପ୍ରଦାନ କରିଛି ଏବଂ ଏହା ଏହି ଫଣ୍ଡର ଆଭିମୁଖ୍ୟକୁ ରୂପ ଦେଇଥିବା ନିବେଶ ଦର୍ଶନଗୁଡିକୁ ମଧ୍ୟ ପ୍ରତିଫଳନ କରୁଛି। ବଜାର ନେତୃତ୍ୱ ଦ୍ରୁତ ବେଗରେ ପରିବର୍ତ୍ତନ ହେଉଥିବା ଏକ ସମୟରେ ବିଭିନ୍ନ ନିବେଶ ଶୈଳୀର ଲୋକପ୍ରିୟତା ବଢୁଛି ଓ କମୁଛି, ଏବଂ ନିବେଶକମାନେ ପ୍ରାୟତଃ ନୂଆ ଟ୍ରେଣ୍ଡ ପ୍ରତି ଆକର୍ଷିତ ହେଉଛନ୍ତି, ସେଭଳି କ୍ଷେତ୍ରରେ ଏହି ଫଣ୍ଡର ମୂଳ ଆଭିମୁଖ୍ୟ ସନ୍ତୁଳନ, ବିବିଧକରଣ ଏବଂ ଅନୁକୂଳନ କ୍ଷମତା ଉପରେ ଆଧାରିତ ରହିଆସିଛି।

ଏହି ଫଣ୍ଡର ଦର୍ଶନ ତିନୋଟି ସ୍ୱତନ୍ତ୍ର ନିବେଶ ବର୍ଗରେ ସୁଯୋଗ ଚିହ୍ନଟ କରିବା ଉପରେ ଆଧାରିତ ଯାହା ହେଉଛି ମୋମେଂଟମ୍ (ବେଗ), କ୍ୱାଲିଟି (ଗୁଣବତା) ଓ ଭାଲ୍ୟୁ (ମୂଲ୍ୟ)। ମୋମେଂଟମ୍ ମଜବୁତ ରୋଜଗାର ଚକ୍ର ଏବଂ ସାଂରଚନିକ ଅଭିବୃଦ୍ଧି ବିଷୟବସ୍ତୁରୁ ଲାଭ ପାଉଥିବା କମ୍ପାନୀଗୁଡିକ ଉପରେ ଧ୍ୟାନ ଦିଏ। ଗୁଣବତା ଦୃଢ ମୌଳିକତା, ପୁଞ୍ଜି ଉପରେ ଉନ୍ନତ ରିଟର୍ଣ୍ଣ, ମଜବୁତ ପରିଚାଳନା ପ୍ରମାଣପତ୍ର ଓ ଯୁକ୍ତିଯୁକ୍ତ ମୂଲ୍ୟାଙ୍କନ ସହିତ ବ୍ୟବସାୟଗୁଡିକୁ ସନ୍ଧାନ କରିଥାଏ। ମୂଲ୍ୟ ଏଭଳି କମ୍ପାନୀଗୁଡିକୁ ଖୋଜେ ଯେଉଁଠାରେ ଭବିଷ୍ୟତ ମୂଲ୍ୟକୁ ଉନ୍ମୋଚନ କରିପାରୁଥିବା ଚିହ୍ନଟଯୋଗ୍ୟ ଟ୍ରିଗରଗୁଡିକର ଉପସ୍ଥିତି ସତ୍ତ୍ୱେ ବଜାର ଆଶା ଅତ୍ୟଧିକ ନିରାଶାବାଦୀ ହୋଇପାରେ। ଏହି ତିନୋଟି ଢାଂଚାକୁ ମିଶ୍ରଣ କରି, ଏହି ଫଣ୍ଡ ଏକକ ଫଳାଫଳ ଉପରେ ନିର୍ଭର କରିବା ପରିବର୍ତ୍ତେ ବିଭିନ୍ନ ବଜାର ପରିବେଶରେ ଅଂଶଗ୍ରହଣ କରିବାକୁ ଲକ୍ଷ୍ୟ ରଖିଥାଏ। ଏହି ଫଣ୍ଡର ଆଉ ଏକ ସ୍ୱତନ୍ତ୍ର ଫିଚର ହେଉଛି ଏହାର ନମନୀୟ ବଜାର-ପୁଞ୍ଜି ଆବଂଟନ। ଏକ ଜଟିଳ ଆବଂଟନ ବଜାୟ ରଖିବା ପରିବର୍ତ୍ତେ ଏହି ଫଣ୍ଡ ଏକ କାଉଂଟର-ସାଇକ୍ଲିକାଲ ଫ୍ରେମୱର୍କ ନିଯୁକ୍ତ କରିଥାଏ ଯାହା ଏହାକୁ ପ୍ରାସଙ୍ଗିକ ଆକର୍ଷଣ ଉପରେ ଆଧାର କରି ମାର୍କେଟ-କ୍ୟାପ୍ ସେଗମେଂଟରେ ଏକ୍ସପୋଜର ନିୟନ୍ତ୍ରଣ କରିବାକୁ ଅନୁମତି ଦେଇଥାଏ। ଏହି ନମନୀୟତା ଗୁରୁତ୍ୱପୂର୍ଣ୍ଣ କାରଣ ବଜାର ସୁଯୋଗଗୁଡିକୁ ଖୁବ୍ କମ୍ ସମାନ ଭାବରେ ବଂଟନ କରାଯାଏ। ଏହି ଫଣ୍ଡ ମଧ୍ୟ ସମୟ ସହିତ ବିକଶିତ ହୋଇଛି। ଏହାର ବର୍ତ୍ତମାନର ନିବେଶ ଢାଂଚା କେବଳ ଅଭିବୃଦ୍ଧି ଏବଂ ଗୁଣବତାରୁ ଆଗକୁ ବଢି ଏକ ଅଧିକ ସନ୍ତୁଳିତ ଶୈଳୀ ଏକ୍ସପୋଜର ଗ୍ରହଣ କରୁଛି। ଏହି ରଣନୀତିର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଫଣ୍ଡ ଟିମ୍ ଦ୍ୱାରା ବର୍ଣ୍ଣିତ 'ଷ୍ଟ୍ରାଟେଜିକ୍ ମେଡିଓକ୍ରିଟି'। ଯଦିଓ ଏହି ଶବ୍ଦଟି ପ୍ରଥମ ଦୃଷ୍ଟିରେ ଅସ୍ୱାଭାବିକ ମନେହୋଇପାରେ, କିନ୍ତୁ ଏହାର ମୂଳ ଧାରଣା ବେଶ୍ ସରଳ: ଅତ୍ୟଧିକ ବିପଦପୂର୍ଣ୍ଣ ନିବେଶ ମାଧ୍ୟମରେ ଅସାଧାରଣ ଲାଭ ହାସଲ କରିବା ପରିବର୍ତ୍ତେ, ଯତ୍ନର ସହ ଚୟନ କରାଯାଇଥିବା ବିଭିନ୍ନ କମ୍ପାନୀର ଏକ ବ୍ୟାପକ ପୋର୍ଟଫୋଲିଓ ମାଧ୍ୟମରେ ସମୟକ୍ରମେ ସ୍ଥିର ଏବଂ ମଧ୍ୟମ ଧରଣର ଉନ୍ନତ ପ୍ରଦର୍ଶନ ହାସଲ କରିବା ଏହାର ଲକ୍ଷ୍ୟ ଅଟେ।

# ଆମାଜନରେ ସ୍ମାର୍ଟଫୋନ ଓ ଆକ୍‌ସେସରିଜ ଉପରେ ମେଗା ଡିଲ୍

**ଭୁବନେଶ୍ୱର, ୪।୧୦ (ନି.ପ୍ର) :** ଆମାଜନ ଡଟ୍ ଇନରେ ସ୍ମାର୍ଟଫୋନ ଓ ଆକ୍‌ସେସରିଗୁଡିକ ଉପରେ ମେଗା ଡିଲ୍ ଏବେ ଲାଇଭ ରହିଛି ଯାହା ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ୨୦୨୬ ପୂର୍ବରୁ ଗ୍ରାହକଙ୍କୁ ପ୍ରମୁଖ, ମିଡ୍‌ରେ ଓ ଏଂଟ୍ରି ୫ଜି ଡିଭାଇସଗୁଡିକ ଉପରେ ବର୍ଷର ସର୍ବୋତମ ମୂଲ୍ୟ ପ୍ରଦାନ କରୁଛି। ଗେମିଂ, କ୍ୟାମେରା କାର୍ଯ୍ୟଦକ୍ଷତା, ବ୍ୟାଟେରୀ ଓ ସୁଲଭ ୫ଜି କ୍ଷମତାକୁ ନେଇ ନିକଟରେ ପରିଚାଳିତ ବେଷ୍ଟ ଇନ୍ ଟେକ୍ ଆୱାର୍ଡର ଗ୍ରାହକଙ୍କ ଦ୍ୱାରା ଚୟନ କରାଯାଇଥିବା ବିଜୟୀ ଡିଭାଇସଗୁଡିକ ସହିତ ଫ୍ଲାଗସିପ ସ୍ମାର୍ଟଫୋନ ଅଫ୍ ଦ ଇୟର- ସାମସଙ୍ଗ ଗ୍ୟାଲାକ୍ସି ଏସ୨୬ ଅଲଟ୍ରା, ଗେମିଂ ଲାପ୍‌ଟପ ଅଫ୍ ଦ ଇୟର – ଏଚପି ଓମେନ (ହାଇପରଏକ୍ସ, ଆରଟିଏକ୍ସ ୫୦୬୦) ଆଦିକୁ ଏହି ଶୃଙ୍ଖଳାରେ ସାମିଲ କରାଯାଇଛି। ଗ୍ରାହକମାନେ ସାମସଙ୍ଗ, ୱାନପ୍ଲସ, ସାଓମି, ରେଡ୍‌ମି ଭଳି ବ୍ରାଣ୍ଡଗୁଡିକର ଲୋକପ୍ରିୟ ସ୍ମାର୍ଟଫୋନ ଓ ଆକ୍‌ସେସରିଗୁଡିକ ଉପରେ ଚଳିତ ବର୍ଷର ସର୍ବନିମ୍ନ ମୂଲ୍ୟ ପାଇପାରିବେ। ଏଥିସହିତ ଏହି ସମୟରେ ଏସବିଆଇ କ୍ରେଡିଟ ଓ ଡେବିଟ କାର୍ଡ ଏବଂ କ୍ରେଡିଟ କାର୍ଡ ଇଏମଆଇ ଉପରେ ୧୦%ର ତତ୍କାଳ ରିହାତି ଉପଲବ୍ଧ ହେଉଛି। ସେହିପରି ପ୍ରାଇମ ସଦସ୍ୟମାନେ ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ କାର୍ଡରେ ୧୦% ପର୍ଯ୍ୟନ୍ତ ଅତିରିକ୍ତ ସଂଚୟ ଓ ଅନ୍‌ଲିମିଟେଡ ୫% କ୍ୟାଶବ୍ୟାକ ପାଇବେ।

ଏହି ମେଗା ଡିଲ ଅଧିନରେ ଆମାଜନ ଡଟ୍ ଇନ୍ ଏହାର ବିଭିନ୍ନ ଏଆଇ ପରିଚାଳିତ ଟୁଲ୍ ଯେପରିକି ରୁଫସ୍, ଲେନ୍ସ ଏଆଇ, କ୍ୱିକ ଭ୍ୟୁ, ଏଆଇ ରିଭ୍ୟୁ ହାଇଲାଇଟ୍‌ସ, କ୍ୱିକ୍ ଲର୍ଣ୍ଣ, ବାୟିଙ୍ଗ ଗାଇଡ୍‌ସ ଆଦି ସହ ଗ୍ରାହକଙ୍କ ସପିଂକୁ ସରଳ ଓ ସୁବିଧାଜନକ କରୁଛି। ସ୍ମାର୍ଟଚଏସ ଫିଚର ବିଶେଷଜ୍ଞଙ୍କ ଦ୍ୱାରା ପ୍ରସ୍ତୁତ ସୁପାରିଶଗୁଡିକ ସହିତ ଏକ ସ୍ମାର୍ଟଫୋନ ଓ ଆକ୍‌ସେସରିଜ ଚୟନ କରିବା କାର୍ଯ୍ୟକୁ ସହଜ କରିଛି। ଏହା ମାଧ୍ୟମରେ ଗ୍ରାହକମାନେ ନିଜ ଆବଶ୍ୟକତା ସହ ମେଳ ଖାଉଥିବା ଫୋନ୍‌କୁ ସହଜରେ ସନ୍ଧାନ କରିପାରିବେ। ଅନ୍ୟପକ୍ଷରେ ପାର୍ବଣ ଋତୁ ପୂର୍ବରୁ ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ୨୦୨୬ ପାଇଁ ଆମାଜନ ଇଣ୍ଡିଆ ସମ୍ପ୍ରସାରଣ ଘୋଷଣା କରିଛି।

# ସବୁଜ ଶକ୍ତି କ୍ଷେତ୍ରରେ ରିଲାଏନ୍ସର ୧ ଲକ୍ଷ କୋଟି ଟଙ୍କାର ନିବେଶ
# ଆନ୍ଧ୍ରରେ ସ୍ଥାପନ ହେବ ବାୟୋଗ୍ୟାସ୍ ପ୍ଲାଣ୍ଟ

**ମଦନପଲ୍ଲୀ,୪।୧୦ (ନି.ପ୍ର):** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଆନ୍ଧ୍ରପ୍ରଦେଶର ଗ୍ରୀନ୍ ଏନର୍ଜି କ୍ଷେତ୍ରରେ ୧ ଲକ୍ଷ କୋଟି ଟଙ୍କା ନିବେଶ କରିବ। ଏହି ପଦକ୍ଷେପ ଅଧୀନରେ ରାଜ୍ୟବ୍ୟାପୀ କମ୍ପ୍ରେସଡ୍ ବାୟୋଗ୍ୟାସ୍ (ସିବିଜି) ପ୍ଲାଣ୍ଟ ସ୍ଥାପନ କରାଯିବ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀ କହିଛି ଯେ ଏହି ନିବେଶ ଦ୍ୱାରା ୩ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ହେବ ଏବଂ ଆଗାମୀ ଦଶନ୍ଧିଗୁଡ଼ିକରେ ରାଜ୍ୟ ପାଇଁ ପ୍ରାୟ ୬୦,୦୦୦ କୋଟି ଟଙ୍କାର ରାଜସ୍ୱ ଉପାର୍ଜିତ ହେବ। ଅନନ୍ତ ଅମ୍ବାନୀ ଏହି ନିବେଶକୁ କୃଷକ ସମୁଦାୟ ଏବଂ ଦେଶର ଶକ୍ତି ଆବଶ୍ୟକତା ସହିତ ଯୋଡ଼ିଛନ୍ତି। ସେ କହିଛନ୍ତି ଯେ ଯେଉଁ ଚାଷୀମାନେ ବର୍ତ୍ତମାନ ଭାରତର ଖାଦ୍ୟ ସୁରକ୍ଷାକୁ ସୁଦୃଢ଼ କରୁଛନ୍ତି, ସେମାନେ ଦେଶର ଭବିଷ୍ୟତ ଶକ୍ତି ସୁରକ୍ଷାରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ। ସେ ଏହାକୁ ଚାଷୀମାନଙ୍କୁ ଅନ୍ନଦାତା ରୁ ଉର୍ଜାଦାତା (ଶକ୍ତି ଯୋଗାଣକାରୀ) ରେ ପରିଣତ କରିବା ଦିଗରେ ଏକ ପଦକ୍ଷେପ ବୋଲି ବର୍ଣ୍ଣନା କରିଥିଲେ। ମଦନପଲ୍ଲୀ ଠାରେ




ଆୟୋଜିତ ରାୟଲସୀମା ହର୍ଟିକଲଚର ହବ୍ ଏବଂ ଇଣ୍ଡିଆନ୍ ସ୍କୁଲ୍ ଅଫ୍ ଏଗ୍ରିକଲଚର ର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ସେ ଉଦ୍‌ବୋଧନ ଦେଇ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ, ଉପ-ମୁଖ୍ୟମନ୍ତ୍ରୀ ପୱନ କଲ୍ୟାଣ, ନାରା ଲୋକେଶଙ୍କ ସମେତ ଅନ୍ୟ ମନ୍ତ୍ରୀଗଣ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ। ଅନନ୍ତ କହିଛନ୍ତି ଯେ, କ୍ଷେତରେ ଏଆଇ, ଡ୍ରୋନ, ରୋବଟିକ୍ସ ଏବଂ ନୂଆ ଜ୍ଞାନକୌଶଳ ବ୍ୟବହାର ଦ୍ୱାରା ଚାଷୀମାନଙ୍କୁ ଲାଭ ମିଳିପାରିବ। ସେ ଆହୁରି କହିଛନ୍ତି ଯେ ଜିଓ ପକ୍ଷରୁ ଇଣ୍ଡିଆନ୍ ସ୍କୁଲ୍ ଅଫ୍ ଏଗ୍ରିକଲଚରର ଟ୍ରେନିଂ ମଡ୍ୟୁଲଗୁଡ଼ିକୁ ଭାରତୀୟ ଭାଷା ଗୁଡ଼ିକରେ ଭର୍ଚୁଆଲ କ୍ଲାସରୁମ ମାଧ୍ୟମରେ ଲକ୍ଷ ଲକ୍ଷ କୃଷକଙ୍କ ନିକଟରେ ପହଞ୍ଚାଇବାରେ ସହାୟତା କରାଯିବ। ଜିଓ କୃଷି ପ୍ଲାଟଫର୍ମର ଜ୍ଞାନକୌଶଳକୁ ମଧ୍ୟ କୃଷକମାନଙ୍କ କାମ ପାଇଁ ଉପଯୋଗ ନେଇ ସେ ଉଲ୍ଲେଖ କରିଥିଲେ।

ଏଥିସହିତ ସେ କହିଥିଲେ ଯେ 'ଭାରତ ବିଶ୍ୱକୁ ଅନେକ ସିଇଓ ପ୍ରଦାନ କରିଛି; ଏବେ ଆମକୁ କୃଷକମାନଙ୍କୁ ସେମାନଙ୍କ ନିଜ କ୍ଷେତର ସିଇଓ କରିବାକୁ ହେବ।' ସେ କୃଷିକୁ ଏପରି ଏକ ବୃତ୍ତିଗତ ଓ ସମ୍ମାନଜନକ ଜୀବିକାରେ ପରିଣତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହାକୁ ଯୁବପିଢ଼ି ଗର୍ବର ସହ ବାଛିପାରିବେ। ସେ କହିଥିଲେ ଯେ ରିଲାଏନ୍ସ ରାଜ୍ୟ ସରକାର ଏବଂ ଚାଷୀମାନଙ୍କ ସହ ମିଳିତ ଭାବେ ଏହି ସହଭାଗିତାକୁ ଆଗକୁ ବଢ଼ାଇବ।

# ତିନି ବର୍ଷ ହେଲାଣି ମୃତ ଯୁବତୀ ଙ୍କ ପରିଚୟ ମିଳିନାହିଁ

**ଗଞ୍ଜାମ,୪।୧୦ (ନି.ପ୍ର):** ଆଜକୁ ୩ ବର୍ଷ ବିତିଯାଇଥିଲେ ସୁଧା ମୃତ ଯୁବତୀ ଙ୍କ ପରିଚୟ ମିଳିପାରିନାହିଁ । ୨୦୨୩ ମସିହା ଏପ୍ରିଲ ୬ ତାରିଖ ରେ ଜୈନେକ ଯୁବତୀ ଙ୍କ ମୃତ ଦେହ ରମ୍ଭା ଥାନା ଅନ୍ତର୍ଗତ ଆର ଓ ବି ଜାତୀୟ ରାଜପଥ ନିକଟସ୍ଥ ରେଳ ଲାଇନ ପାର୍ଶ୍ୱ ରୁ ଉଦ୍ଧାର କରାଯାଇଥିଲା । ମୃତ ଯୁବତୀ ଙ୍କ ବୟସ ପ୍ରାୟ ୨୦ ରୁ ୨୫ ବର୍ଷ ହେବ ବୋଲି ଅନୁମାନ କରାଯାଇଥିଲା। ମୃତକ ଙ୍କ ଉଚ୍ଚତା ପ୍ରାୟ ୫.୨' ହେବ ଜଣା ପଡିଥିଲା। ଭାଉଲେଟ ରଙ୍ଗର ଶାଢ଼ୀ ସବୁଜ ରଙ୍ଗର ସାୟା ଓ କଳା/ ଧଳା ଷ୍ଟାଇପ ବ୍ରା ପିନ୍ଧିଥିବା ଦେଖିବାକୁ ମିଳିଥିଲା। ସେ ସମୟରେ ବ୍ରହ୍ମପୁର ଜି ଆର ପି ପକ୍ଷରୁ ୫୮୫/୨୩ ରେ ଏକ ଅପମୃତ ମାମଲା ରୁଜୁ କରାଯାଇଥିଲା ।



ଏନେଇ ବିଭିନ୍ନ ବିଭିନ୍ନ ଖବର କାଗଜ ରେ ପ୍ରକାଶ ପାଇବା ସହ ବିଭିନ୍ନ ଥାନା କୁ ଅବଗତ କରାଯାଇଥିଲେ ସୁଧା ଆଜି ପର୍ଯ୍ୟନ୍ତ ମୃତ ଯୁବତୀ ଙ୍କ ପରିଚୟ ମିଳିପାରିନାହିଁ । ପୁଣି ଥରେ ବିଭିନ୍ନ ଥାନା କୁ ଅବଗତ କରାଯାଇଥିବା ପୁଲିସ ପ୍ରଶାସନ ପକ୍ଷରୁ କୁହାଯାଇଛି ।

ଏ ସମ୍ପର୍କରେ ରମ୍ଭା ଥାନା ଅଧିକାରୀ କୁମର ମୁଦୁଲି ୬୩୭୨୩୮୧୯୭୧ ନମ୍ବରରେ ଯୋଗାଯୋଗ କରିବା ପାଇଁ ସୂଚନା ଦେଇଛନ୍ତି।

# କନ୍ଧମାଳ ଗ୍ରାମ ସଭାଗୁଡିକ ବାଲ୍ୟ ବିବାହରେ ପରିସମାପ୍ତି ଘଟାଇବାକୁ ଗୋଷ୍ଠୀ ପ୍ରତିବଦ୍ଧତା ସୁଦୃଢ଼ କଲା

**କନ୍ଧମାଳ, ୪।୧୦ (ନି.ପ୍ର) :** ୨୦୨୬ ଅକ୍ଟୋବର ୨ ତାରିଖରେ ସମଗ୍ର କନ୍ଧମାଳ ଜିଲ୍ଲାରେ ଆୟୋଜିତ ଗ୍ରାମ ସଭାଗୁଡିକରେ ଯୋଗ୍ୟ ଗ୍ରାମଗୁଡିକୁ ବାଲ୍ୟ ବିବାହ-ମୁକ୍ତ ଘୋଷଣା କରି ପ୍ରସ୍ତାବଗୁଡିକ ଗୃହୀତ କରାଯାଇଥିଲା, ଯାହା ବାଲ୍ୟ ବିବାହ ନିରାକରଣ ଓ ଗୋଷ୍ଠୀ ସତର୍କଦୃଷ୍ଟିକୁ ମଜଭୁତ କରିବା ସକାଶେ ଜିଲ୍ଲାର ସମ୍ପ୍ରତି ଜାରି ରହିଥିବା ପ୍ରୟାସଗୁଡିରେ ଆଉ ଏକ ପଦକ୍ଷେପ ହୋଇଛି। ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଅଧୀନରେ ବାଲ୍ ବିବାହ ମୁକ୍ତ ଅଭିଯାନ ଅଧୀନରେ ଅନୁଷ୍ଠିତ ବାଧ୍ୟତାମୂଳକ ଗ୍ରାମ ସଭା ପ୍ରକ୍ରିୟାରେ ଏହି ପ୍ରସ୍ତାବଗୁଡିକ ଆଗତ କରାଯାଇଥିଲା। ପ୍ରସ୍ତାବଗୁଡିକ ଫୁଲବାଣୀ, ଖଜୁରିଆପଡା, ଫିରିଙ୍ଗିଆ, ରାଇକିଆ, ଟିକାବାଲି, ତୁମୁଡିବନ୍ଧ ଏବଂ ଜି.ଉଦୟଗିରି ଆଦି ୭ଟି ବ୍ଲକ୍‌ର ୧୪ଟି ଗ୍ରାମପଞ୍ଚାୟତ ଏବଂ ସମଗ୍ର କନ୍ଧମାଳରେ ପ୍ରାୟ ୨୭୫ଟି ଗ୍ରାମକୁ ପରିସରଭୁକ୍ତ କରିଥିଲା। ଏହି ପ୍ରକ୍ରିୟାରେ ବାଲ୍ୟ ବିବାହ ନିରାକରଣକୁ ଗ୍ରାମ ସଭା ମଧ୍ୟରେ ସ୍ଥାନ ଦିଆଯାଇଥିଲା ଏବଂ ଏହି ପ୍ରସଙ୍ଗକୁ ସାମୂହିକ ଗୋଷ୍ଠୀ ଦାୟିତ୍ୱ ତଥା



ପଞ୍ଚାୟତ-ସ୍ତରୀୟ ପଦକ୍ଷେପ ଭାବରେ ଗ୍ରହଣ କରାଯିବାକୁ ରଖାଯାଇଥିଲା। ଏହି ଅଭିଯାନ ଜଷ୍ଟ ରାଇଟ୍‌ସ୍ ଫର ଚିଲ୍ଡ୍ରେନ (ଜେଆର୍‌ସି) କାର୍ଯକ୍ରମ ଅଧୀନରେ ହମାରା ବଚ୍‌ପନ ଟ୍ରଷ୍ଟ ଦ୍ୱାରା କୈଳାସ ସତ୍ୟାର୍ଥୀ ଚିଲ୍ଡ୍ରେନ୍‌ସ୍ ଫାଉଣ୍ଡେସନ (କେଏସ୍‌ସିଏଫ) ସହିତ ସହଭାଗୀତାରେ କାର୍ଯ୍ୟକାରୀ କରାଯାଉଛି। ୨୦୨୩ ଠାରୁ ହମାରା ବଚ୍‌ପନ ଟ୍ରଷ୍ଟ କନ୍ଧମାଳ ଜିଲ୍ଲାକୁ ୨୦୩୧ ସୁଦ୍ଧା ବାଲ୍ୟ ବିବାହମୁକ୍ତ କରିବା ଲକ୍ଷ୍ୟରେ ଶିଶୁ ସୁରକ୍ଷା ବ୍ୟବସ୍ଥାଗୁଡିକ ସୁଦୃଢ କରିବା ପାଇଁ କନ୍ଧମାଳର ୭ଟି ବ୍ଲକ ଓ ୩୦୦ ଗ୍ରାମରେ ନିର'ର କାର୍ଯ୍ୟ କରିଆସୁଛି। ଏହି ସଂଗଠନ ବାଲ୍ୟ ବିବାହ-ମୁକ୍ତ ଗ୍ରାମ ପ୍ରସ୍ତାବଗୁଡିକ ଉପସ୍ଥାପନ, ଆଲୋଚନା ଏବଂ ତାହା ଗୃହୀତ କରାଇବାକୁ ପଞ୍ଚାୟତିରାଜ ସଂସ୍ଥାସମୂହ ଓ ଜିଲ୍ଲା ତଥା ବ୍ଲକ-ସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ସହିତ ସମନ୍ୱୟ ରଖି କାର୍ଯ୍ୟ କରିଥିଲା। ପ୍ରସ୍ତାବଗୁଡିକ ଧାର୍ଯ୍ୟ ବାଲ୍ୟ ବିବାହ-ମୁକ୍ତ ଗ୍ରାମ ପ୍ରମାଣୀକରଣ ପ୍ରକ୍ରିୟା ଆରମ୍ଭ କରିଛି। ପ୍ରସ୍ତାବଗୁଡିକ ଗ୍ରାମସଭା ବୈଠକର ବିବରଣୀକୁ ଲିପିବଦ୍ଧ କରାଯାଇ ସଂପୃକ୍ତ ବାଲ୍ୟ ବିବାହ ନିରାକରଣ ଅଧିକାରୀଙ୍କ ସହିତ ଯାଞ୍ଚ ନିମନ୍ତେ ସହଭାଗୀତା କରାଯିବ, ଯେତେବେଳେ କି ମାନ୍ୟତାପ୍ରାପ୍ତ ପଞ୍ଚାୟତିରାଜ କାର୍ଯ୍ୟକର୍ତ୍ତାମାନେ ପରବର୍ତ୍ତୀ ପ୍ରମାଣନ ଆବଶ୍ୟକତାଗୁଡିକୁ ସମର୍ଥନ କରୁଛନ୍ତି। ଏହି ପ୍ରୟାସ ବାଲ୍ୟ ବିବାହ ନିରାକରଣ ନିମନ୍ତେ କନ୍ଧମାଳର ନିରନ୍ତର କାର୍ଯ୍ୟ କରିବା ସହିତ ଆନୁଷ୍ଠାନିକ ଗୋଷ୍ଠୀ-ସ୍ତରୀୟ କୌଶଳ ଯୋଗ କରୁଛି। ଏହା ଆପଦପୂର୍ଣ୍ଣ ପରିସ୍ଥିତିଗୁଡିକ ଶୀଘ୍ର ଚିହ୍ନଟ କରିବା, ଗୋଷ୍ଠୀର ସତର୍କଦୃଷ୍ଟି, ପରିବାରଗୁଡିକ ଓ ପିଲାମାନଙ୍କ ମଧ୍ୟରେ ସଚେତନତା ଏବଂ ବାଲ୍ୟ ବିବାହାର ଆଶଙ୍କା ଥିବା ସମୟରେ ସରକାରୀ ବ୍ୟବସ୍ଥାଗୁଡିକ ସହିତ ସମନ୍ୱୟ ରକ୍ଷାର ଗୁରୁତ୍ୱକୁ ପୁନଃ ସୁଦୃଢୀକରଣ କରୁଛି। ଅକ୍ଟୋବର ୨ ତାରିଖର ପ୍ରସ୍ତାବ ବାଲ୍ ବିବାହ ମୁକ୍ତି ରଥ କାରାଭାନ୍ ଜରିଆରେ ତୃଣମୂଳ ସ୍ତରରେ ସଚେନତତା ଓ ଗୋଷ୍ଠୀର ନିକଟତର ହେବା ସମେତ ବାଲ୍ ବିବାହ ମୁକ୍ତ ଭାରତ ଅଭିଯାନ ଅଧୀନରେ ଜିଲ୍ଲାର ପୂର୍ବବର୍ତ୍ତୀ ଜନସଂଗଠନ ଉପରେ ଆଧାରିତ। ପୂର୍ବବର୍ତ୍ତୀ ଅଭିଯାନ ଇତିମଧ୍ୟରେ ବାଲ୍ୟ ବିବାହ ନିରାକରଣ ବାର୍ତ୍ତାଗୁଡିକୁ ସମଗ୍ର ଜିଲ୍ଲାରେ ଗ୍ରାମ ପଞ୍ଚାୟତସମୂହ, ଗ୍ରାମ, ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଓ ଅନ୍ୟ ଗୋଷ୍ଠୀ ସ୍ଥଳରେ ପହଞ୍ଚାଇସାରିଛି। ଗ୍ରାମ ସଭାଗୁଡିକରେ ପ୍ରସ୍ତାବ ସହିତ ଗୋଷ୍ଠୀ ଓ ପଞ୍ଚାୟତି ରାଜ ସଂସ୍ଥାଗୁଡିକ ବାଲ୍ୟ ବିବାହ-ମୁକ୍ତ ଗ୍ରାମ ପ୍ରମାଣନ ଦିଗରେ ଆନୁଷ୍ଠାନିକ ପ୍ରକ୍ରିୟାକୁ ପୁନଃ ସୁଦୃଢ କରିଛନ୍ତି। ହମାରା ବଚ୍‌ପନ ଟ୍ରଷ୍ଟ ପ୍ରମାଣନ ପ୍ରକ୍ରିୟାକୁ ସମର୍ଥନ କରିବା ଏବଂ ଏକ ବାଲ୍ ବିବାହ ମୁକ୍ତ ଭାରତ ଗଠନ ଦିଗରେ ଅବଦାନ ରଖିବାକୁ ଜିଲ୍ଲା ପ୍ରଶାସନ, ପଞ୍ଚାୟତି ରାଜ ସଂସ୍ଥା ଓ ଶିଶୁ ସୁରକ୍ଷା ସହଭାଗୀମାନଙ୍କ ସହିତ ମିଶି ନିଜର କାର୍ଯ୍ୟ ଜାରି ରଖିବ।

# ମହାନ ସଂଘର ୪୨ତମ ପ୍ରତିଷ୍ଠା ଦିବସରେ ବୃକ୍ଷ ରୋପଣ



**ବ୍ରହ୍ମପୁର,୪।୧୦(ନି.ପ୍ର):** ବ୍ରହ୍ମପୁର ସହର ଉପକଣ୍ଠ ରାମଚନ୍ଦ୍ରପୁର ବିଶ୍ୱ ନିକେତନ ଜରା ନିବାସ ପରିସରରେ ଆଜି ମହାନ ସଂଘର ୪୨ତମ ପ୍ରତିଷ୍ଠା ଦିବସ ମହା ସମାରୋହରେ ପାଳନ କରାଯାଇଛି। ଶୁକ୍ରବାର ଅପରାହ୍ନରେ ଏହି ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ ଯୋଗ ଦେଇଥିବା ବେଳେ, ସମ୍ମାନୀତ ଅତିଥି ଭାବରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ପୂର୍ବତନ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ମିତଲ ଗ୍ରୁପ୍ ଓଡ଼ିଶାର ସଭାପତି ବିଶ୍ୱ ରଞ୍ଜନ ପାଢ଼ୀ, କର୍ପୋରେଟ ଆଇନଜୀବୀ ସ୍ୱାଧି ଯୋଗମାୟା ପ୍ରମୁଖ ଯୋଗଦାନ କରିଥିଲେ । ଏହି ଅବସରରେ ପ୍ରତିଷ୍ଠାତା ଶ୍ରୀ ସୁଶାନ୍ତ ସାବତ ସଭାକାର୍ଯ୍ୟ ଆରମ୍ଭରେ ଆଶ୍ରମର ପରିଚାଳନା ଓ ସଂରଚନା ତଥା ସଫଳତା ହାସଲ ଓ ମହାନ୍ କାର୍ଯ୍ୟ ସମୁହକୁ ଅବଗତ କରାଇଥିବା ବେଳେ, ଦୀର୍ଘ ୪୨ ବର୍ଷ ଧରି ବ୍ରହ୍ମପୁର ସହର ସମେତ ସାରା ଜିଲ୍ଲା ତଥା ରାଜ୍ୟରେ ମହାନ ସଂଘର ନିଷ୍ଠାପରତା କାର୍ଯ୍ୟ ଓ ସମାଜସେବା କ୍ଷେତ୍ରରେ ପ୍ରମୁଖ ଭୂମିକା ସହିତ ଇତି ମଧ୍ୟରେ ମହାନ ସଙ୍ଘର ମହାନ୍ କାର୍ଯ୍ୟକୁ ଅତିଥି ମାନେ ଭୂୟସୀ ପ୍ରଶଂସା କରିଥିଲେ । ଏନେଇ ଶ୍ରୀ ସାବତ ନିଜ ବକ୍ତବ୍ୟରେ ସୂଚନା ପ୍ରଦାନ କରିଥିଲେ ଯେ, ଆଗାମୀ ଦିନରେ ସଂଘ ପକ୍ଷରୁ ସମାଜର ଅନାଥ ଶିଶୁଙ୍କ ପାଇଁ ଅଟଳ ଶିଶୁ ଭବନ ନିର୍ମାଣ, ବରିଷ୍ଠ ନାଗରିକଙ୍କ ପାଇଁ ଉଚ୍ଚ କୋଟିର ଜରା ନିବାସ ପ୍ରତିଷ୍ଠା ସହିତ ବର୍ତ୍ତମାନର ଜରା ନିବାସର ଶର୍ଯ୍ୟା ସଂଖ୍ୟା ବୃଦ୍ଧି କରାଯିବ ବୋଲି ଘୋଷଣା କରାଯାଇଥିଲା । ଏଥିସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂସ୍କାର ଓ ସଂସ୍କୃତିକୁ ଭଲ ପାଇବା ପାଇଁ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଶ୍ରୀ ସାବତ ସୂଚନା ଦେଇଥିଲେ ।



## ଆୟବା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଜିଲ୍ଲାପାଳଙ୍କ ଶୁଭେଚ୍ଛା

**କେନ୍ଦ୍ରାପଡ଼ା,୪।୧୦ (ନି.ପ୍ର) :** ରାଜ୍ୟସ୍ତରୀୟ ହାକାଥନ୍ ୩.୦ ରେ ପ୍ରଥମ ସ୍ଥାନ ହାସଲ କରିଥିବାରୁ କେନ୍ଦ୍ରାପଡ଼ା ବ୍ଲକର ଆୟବା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ମାର୍ଗଦର୍ଶକ ଶିକ୍ଷକଙ୍କୁ ଜିଲ୍ଲାପାଳ ରଘୁରାମ ଆର. ଆୟର ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି। ସୁଗମ୍ୟତା, ଇ-କମର୍ସ ଏବଂ ସାଇବର ବିଷୟବସ୍ତୁ ଅନ୍ତର୍ଗତ ପ୍ରସ୍ତୁତ ଅଭିନବ ପ୍ରକଳ୍ପ 'ହାଣ୍ଡସ୍-ଫ୍ରି ହ୍ୱିଲଚେୟାର ମୁଭମେଣ୍ଟ ବାଏ ହେଡ୍ କଣ୍ଟ୍ରୋଲ୍' (ମୁଣ୍ଡର ଗତିବିଧି ଦ୍ୱାରା ନିୟନ୍ତ୍ରିତ ଚଳନକ୍ଷମ ହ୍ୱିଲଚେୟାର) ଏକ ଉଲ୍ଲେଖନୀୟ ସଫଳତା। ଯାହା ଆମ ଯୁବପିଢ଼ିଙ୍କ ସୃଜନଶୀଳତା, ନବସୃଜନ ତଥା ସମସ୍ୟା ସମାଧାନର ଦକ୍ଷତାକୁ ପ୍ରତିଫଳିତ କରେ। ମାର୍ଗଦର୍ଶକ ଶିକ୍ଷୟିତ୍ରୀ ବିନ୍ଦୁସ୍ମିତା ସାହୁ ଏବଂ ସମଗ୍ର ଛାତ୍ରଛାତ୍ରୀ ଦଳ ଶ୍ରଦ୍ଧାଞ୍ଜଳି ସ୍ୱାଇଁ (ଦଳ ନେତ୍ରୀ), ସ୍ୱପ୍ନାରାଣୀ ସାହୁ, ଅଙ୍କିତା ମଲ୍ଲିକ, ମୋନାଲିସା ପ୍ରଧାନ ଏବଂ ଆର.ପି. ସ୍ମୃତି ସାହୁଙ୍କୁ ସେମାନଙ୍କର ନିଷ୍ଠା ଓ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଜିଲ୍ଲାପାଳ ଶ୍ରୀ ଆୟର ଆନ୍ତରିକ ପ୍ରଶଂସା ଜଣାଇଛନ୍ତି। ଏହି ସଫଳତା କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଏକ ଗର୍ବର ମୁହୂର୍ତ୍ତ ଏବଂ ଆମ ଛାତ୍ରଛାତ୍ରୀ ତଥା ଶିକ୍ଷକମାନଙ୍କ ପ୍ରତିଭାର ଏକ ଜ୍ୱଳନ୍ତ ଉଦାହରଣ। ସମଗ୍ର ଦଳର ଆଗାମୀ ଭବିଷ୍ୟତର ଉଦ୍ୟମଗୁଡ଼ିକ ପାଇଁ ମୁଁ ନିରନ୍ତର ସଫଳତା କାମନା କରୁଛି ବୋଲି ଜିଲ୍ଲାପାଳ କହିଛନ୍ତି। ନୂତନ ଉଦ୍ଭାବନ ଜାରି ରଖନ୍ତୁ ଏବଂ ସମସ୍ତଙ୍କୁ ପ୍ରେରଣା ଯୋଗାଉଥାନ୍ତୁ ବୋଲି ଜିଲ୍ଲାପାଳ ଛାତ୍ରୀମାନଙ୍କ ସୁଉଜ୍ଜ୍ୱଳ ଭବିଷ୍ୟତ କାମନା କରି କହିଛନ୍ତି।

### ପାରାଦୀପ ପୌରପାଳିକା ପକ୍ଷରୁ ସ୍ୱଚ୍ଛ ଭାରତ ଦିବସ ତଥା ଗାନ୍ଧୀ ଜୟନ୍ତୀ ପାଳିତ

## ଶିଳ୍ପର ପ୍ରଗତି ସହିତ ପରିବେଶ ସୁରକ୍ଷା ଦିଗରେ ସମସ୍ତେ ଯତ୍ନବାନ ହେବା ଜରୁରୀ : ମନ୍ତ୍ରୀ ସମ୍ପଦ

**ପାରାଦୀପ,୦୪।୧୦ (ନି.ପ୍ର):** ପ୍ରତି ବର୍ଷ ଅକ୍ଟୋବର ୨ ତାରିଖ ମହାତ୍ମା ଗାନ୍ଧୀ ଙ୍କ ଜନ୍ମ ଜୟନ୍ତୀ ଅବସରରେ ସ୍ୱଚ୍ଛ ଭାରତ ଦିବସ ସାରା ଦେଶରେ ପାଳନ କରାଯାଉଥିବା ବେଳେ ପାରାଦ୍ୱୀପ ପୌରପାଳିକା ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଅଛି। ଏହି ଅବସରରେ ଅକ୍ଟୋବର ୦୨ ଶୁକ୍ରବାର ଦିନ ଗାନ୍ଧୀ ଜୟନ୍ତୀ ଅବସରରେ, ଅତିରିକ୍ତ ଜିଲ୍ଲାପାଳ, ପାରାଦ୍ୱୀପଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅବସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିଳ୍ପର ପ୍ରଗତି ସହିତ ପରିବେଶର ସୁରକ୍ଷା ଜରୁରୀ ବୋଲି କହିଥିଲେ। ପୌରାଞ୍ଚଳ କୁ ସଫେଇ କର୍ମଚାରୀ ମାନଙ୍କ ସହିତ ଆମ୍ଭ ମାନଙ୍କର ମଧ୍ୟ ଦାଇତ୍ୱ ରହୁଛି। ତେଣୁ ସମସ୍ତ ସଫେଇ କର୍ମଚାରୀ ହେଉଛନ୍ତି ନିରବ ଯୋଦ୍ଧା, ସେମାନଙ୍କୁ ସଂମ୍ମାନ ଦେବାସହ ମୋବାଇଲ ରେ ସମୟ ନ ବିତାଇ ପରିବେଶ ପ୍ରତି ସମସ୍ତେ ଯତ୍ନବାନ ରହିବାକୁ ଆହ୍ୱାନ ଦେଇଥିଲେ ଏବଂ ପଲିଥିନ ଆଉ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ କହିଥିଲେ। ଖାଲି ଫଟୋ ଉଠାଇ କାର୍ଯ୍ୟ ସାରିଦେଲେ ହବନି ବରଂ ସ୍ୱଚ୍ଛତାକୁ କିପରି ଆଗକୁ ବଢ଼ି ଆମ ସଂସ୍କାରରେ ପରିଣତ ହେଇ ଆମ ଜୀବନ ଶୈଳୀ ରେ ଏକ ପ୍ରକ୍ରିୟା ଏବଂ ନିରନ୍ତର ସଂକଳ୍ପ ହେଲେ ସ୍ୱଛ ଭାରତ ମିଶନ ସଫଳ ହେବ ବୋଲି କରିଥିଲେ। ମହାତ୍ମାଗାନ୍ଧୀ ଙ୍କ ନୀତି ଆଦର୍ଶ ରେ ଅନୁପ୍ରାଣିତ ହୋଇ ଜସ୍ୱସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱଛତା କୁ ଆପଣେଇବା କୁ ଯୋଉ ଆହ୍ୱାନ ଦେଇଛନ୍ତି ସମସ୍ତେ ଆପଣେଇବାକୁ କହିଥିଲେ। ସମ୍ମାନୀୟ ଅତିଥି ଭାବେ ପାରାଦ୍ୱୀପର ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ମହାତ୍ମାଗାନ୍ଧୀ ଙ୍କ ନୀତି ଆଦର୍ଶ ଓ ଜୀବନ ଶୈଳୀ ଉପରେ ବିସ୍ତୃତ ଭାବେ ବର୍ଣ୍ଣନା କରି ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସେହିପରି ବିଜୁ ମେମୋରିଆଲ ଚିକିତ୍ସାଳୟର ଚିକିତ୍ସାଧିକାରୀ ଡା. ବସନ୍ତ କୁମାର ରାଉତ ପରିବେଶ ସୁସ୍ଥ ରହିଲେ ସୁସ୍ଥ ସମାଜ ଗଠନ ହେବା ଏବଂ ରୋଗମୁକ୍ତ ରହିବା ବୋଲି କହିବାସହ ସମସ୍ତେ ସୁସ୍ଥ ପରିବେଶ ଗଠନ ଦିଗରେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲା ବେଳେ ରାଜ୍ୟ ପ୍ରଦୂଷଣ ଆଞ୍ଚଳିକ ଅଧିକାରିଣୀ ବିବେଚିତା ଷଡଙ୍ଗୀ ନିଜ ପରିବେଶକୁ ନିଜେ ସଫା ସୁତୁରା ରଖିବାସହ ବ୍ୟକ୍ତିଗତ ସ୍ତରରେ ସ୍ୱଛତା କୁ ଆପଣେଇବାକୁ କହିଥଲେ। ରାଷ୍ଟ୍ର ଗଠନରେ ମହାନ ଜନନାୟକଙ୍କ ଚେଷ୍ଟାକୁ ଆମ୍ଭେମାନେ ସେତୁବନ୍ଧର ଗୁଣ୍ଡୁଚି ମୂଷା ପରି କାର୍ଯ୍ୟ କରିପାରିଲେ ସୁସ୍ଥ ପରିବେଶ ସହିତ ସୁସ୍ଥ ସମାଜ ଗଠନ ହେବା କିଛି ବିଚିତ୍ର କଥା ନୁହଁ ବୋଲି କହିଥଲେ। ମାନ୍ୟବର ବିଧାୟକ ତଥା ମନ୍ତ୍ରୀ ଙ୍କ ପାରାଦ୍ୱୀପ ପ୍ରତିନିଧି ସର୍ବେଶ୍ୱର ବଳିଆରସିଂହ, ସମସ୍ତ ପାରିଷଦ ଓ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଏକ ସାମୁହିକ ସ୍ୱଛତା ର ସପଥପାଠ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପାରାଦ୍ୱୀପ ପୌର ପାଳିକା ଦ୍ୱାରା ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ଜୋଡି ହୋଇଥିବା ୫୦୦ଜଣ ସ୍ୱଚ୍ଛ କର୍ମୀ, ସଫେଇ ମିତ୍ର , ଅଙ୍ଗନୱାଡି ସହକର୍ମୀ ମାନଙ୍କୁ ସମ୍ବର୍ଦ୍ଧନା କାରାଯାଇଥିଲା ବେଳେ ସାଇ ଚିକିତ୍ସାଳୟ ଅଧିକ୍ଷକ ଡା.ଅରବିନ୍ଦ ନାୟକ, ପରିବେଶବିତ୍ ଅମରେଶ ନରେଶ ସାମନ୍ତ, ସମାଜସେବୀ ବିଶ୍ୱଜିତ୍ ସାମଲ, ସମାଜସେବୀ ପ୍ରଭାସ ରଞ୍ଜନ ସ୍ୱାଇଁଙ୍କୁ ମଧ୍ୟ ସମ୍ବର୍ଦ୍ଧନା କରାଯାଇ ଥିଲା। ଏହି ଅବସରରେ ପାରାଦୀପ ପୌର କଲ୍ୟାଣ ମଣ୍ଡପ ନିକଟରେ 'ଏକ ପେଡ୍ ମା କେ ନାମ' ଅଭିଯାନ ଅନ୍ତର୍ଗତ ମୁଖ୍ୟ ଅତିଥି ଶ୍ରୀ ସ୍ୱାଇଁ ଓ ସମସ୍ତ ସମ୍ମାନନୀୟ ଅତିଥି ମାନଙ୍କ ଦ୍ୱାରା ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏହା ପରେ ସମସ୍ତ ଅତିଥି ଓ ସଫାଇ ମିତ୍ରଙ୍କ ପାଇଁ ବଡା ଖାନାର ବ୍ୟବସ୍ଥା କରାଯାଇ ଥିଲା।



## ବିପିସିଏଲ ଡିପୋରେ ହେଲ୍ପରଙ୍କ ଠାରୁ ଦାଦାବଟି ଆଦାୟ ଅଭିଯୋଗରେ ଆଦର୍ଶ ଥାନାରେ ମାମଲା




**ପାରାଦୀପ,୪/୯ (ନି.ପ୍ର):** ଦୀର୍ଘଦିନ ହେବ ପାରାଦୀପ ଟର୍ମୀନାଲ ନିକଟସ୍ଥ ବିପିସିଏଲ ଓ ଅନ୍ୟାନ୍ୟ ଡିପୋ ମାନଙ୍କରେ ଜଗତସିଂହପୁର ଏସପି ଙ୍କ ପ୍ରଚେଷ୍ଟାରେ ବଟି ଓ ଚାନ୍ଦା ଆଦାୟ ବନ୍ଦ କରାଯାଇଥିବା ବେଳେ ଏବେ ସେହି ଘଟଣାର ପୁନରାବୃତ୍ତି ଘଟିଛି। ତୈଳ ଡିପୋ ମଧ୍ୟକୁ ପ୍ରବେଶ ପାଇଁ ଡ୍ରାଇଭର ସହିତ ହେଲ୍ପର ରହିବା ବାଧ୍ୟତାମୂଳକ ହୋଇଥିବା ବେଳେ ଅନେକ ଗାଡ଼ିରେ ହେଲ୍ପର ନଥିବା ଯୋଗୁଁ ଡ୍ରାଇଭର ମାନେ ସ୍ଥାନୀୟ କାମଚଳା ବା ଆକାଳୀ ହେଲ୍ପର ନେଇଥାନ୍ତି। ମାସକୁ ୧୦ ରୁ ୨୦ ଟା ଡ୍ୟୁଟି ପାଇ ସେମାନେ କିଛି ଅର୍ଥ ରୋଜଗାର କରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି। କିନ୍ତୁ କିଛିଦିନ ହେବ ବାଲିଡିଆ ଗ୍ରାମର ଜନୈକ ତୁଷାର ସ୍ୱାଇଁ ଏହି ନିରୀହ ହେଲ୍ପର ମାନଙ୍କ ଠାରୁ ଜବରଦସ୍ତ ବଟି ଆଦାୟ କରୁଥିବା ନେଇ ଅଭିଯୋଗ ହେଉଛି। ଯେଉଁମାନେ ପ୍ରତିବାଦ କରୁଛନ୍ତି ସେମାନଙ୍କୁ ଧମକାଇବା, ମାଡ଼ ମାରିବା ଏବଂ ସେମାନଙ୍କ ଗୃହିଣୀ ମାନେ ପ୍ରତିବାଦ କଲେ ସେମାନଙ୍କୁ ଅଶାଳୀନ ବ୍ୟବହାର କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ତେଣୁ ଶେଷରେ ବାଧ ହୋଇ ଅତ୍ୟାଚାରିତ ହେଲ୍ପର ମାନଙ୍କ ସହଧର୍ମିଣୀ ମାନେ ଏକାଠି ହୋଇ ଆଜି ଆଦର୍ଶ ଥାନାରେ ତୁଷାର ବିରୋଧରେ ଲିଖିତ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି। ଅନ୍ୟପକ୍ଷରେ ଏହି ସ୍ୱର୍ଷକାତର ଅଞ୍ଚଳରେ ପୋଲିସ ପାଟ୍ରୋଲିଙ୍ଗ କୁ କଡାକଡି କରି ଅସାମାଜିକ କାର୍ଯ୍ୟକଳାପ ଉପରେ ନଜର ରଖିବାକୁ ସାଧାରଣରେ ଦାବୀ ହୋଇଛି।

## ଗଣେଶ ଘାଟରେ ପ୍ରଥମଥର ପାଇଁ ଚାନ୍ଦିମେଢ଼

### ୧୫ରେ ହେବ ଶୁଭ ଉଦ୍‌ଘାଟନ

**କଟକ, ୪।୧୦ (ନି.ପ୍ର) :** କଟକ ସହରର ପୁରାତନ ପୂଜା ମଣ୍ଡପଗୁଡ଼ିକ ମଧ୍ୟରେ ଅନ୍ୟତମ ଶ୍ରୀ ଶ୍ରୀମଦ୍ ଭାଗବତ ଗାଦି, ଗଣେଶ ଘାଟ, ସାହେବଜାଦା ବଜାର ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ପ୍ରଥମଥର ପାଇଁ ଚାନ୍ଦିମେଢ଼ ନିର୍ମାଣ କରାଯାଇଛି। ପ୍ରଭୁ ଶ୍ରୀ ଭାଗବତ ଗୋସାଇଁ ଓ ଗ୍ରାମଦେବୀ ମା' ବୁଢ଼ି କୁହାଯାଇଛି ଯେ, ଏହି ପୁରାତନ ପୂଜାମଣ୍ଡପରେ ପୂର୍ବରୁ ବସା ପିତୁଳା ପୂଜା ଅନୁଷ୍ଠିତ ହେଉଥିଲା। ପରବର୍ତ୍ତୀ ସମୟରେ ଦୀର୍ଘବର୍ଷ ଧରି ଏଠାରେ ହରପାର୍ବତୀଙ୍କ ପୂଜା ଅନୁଷ୍ଠିତ ହୋଇଆସୁଛି। ଗଣେଶ ଘାଟ, ସାହେବଜାଦା ବଜାର, ଭାଷାକୋଷ ଲେନ୍, ରମାନାଥ ଲେନ୍ ସମେତ ବିଭିନ୍ନ ସାହି ଓ



ହରଚଣ୍ଡୀଙ୍କ ଅପାର କରୁଣାରୁ ଏହି ଚାନ୍ଦିମେଢ଼ ନିର୍ମାଣ ସମ୍ଭବ ହୋଇଥିବା ପୂଜା କମିଟି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଆସନ୍ତା ୧୫ ଅକ୍ଟୋବର, ଗୁରୁବାର, ପଞ୍ଚମୀ ତିଥିରେ ଅପରାହ୍ନ ୪ଟା ସମୟରେ ଭାଗବତ ଗାଦି ଛକସ୍ଥିତ ପୂଜାମଣ୍ଡପଠାରେ ଏହି ଚାନ୍ଦିମେଢ଼ର ଶୁଭ ଉଦ୍‌ଘାଟନ କରାଯିବ।

ପୂଜା କମିଟି ପକ୍ଷରୁ ଅଞ୍ଚଳ ଏହି ପୂଜାମଣ୍ଡପ ସହିତ ସଂଯୁକ୍ତ ରହିଛି।

ଏହି ଅଞ୍ଚଳରେ ବିଭିନ୍ନ ସମ୍ପ୍ରଦାୟର ଲୋକେ ଭାଇଚାରାର ସହ ଦୀର୍ଘଦିନ ଧରି ବସବାସ କରିଆସୁଛନ୍ତି। ସମସ୍ତ ସମ୍ପ୍ରଦାୟର ଲୋକଙ୍କୁ ସମାନ ଅଧିକାର ଓ ସମ୍ମାନ ଦିଆଯାଉଥିବା ପୂଜା କମିଟି ପକ୍ଷରୁ କୁହାଯାଇଛି। ଏହା ମାଧ୍ୟମରେ କଟକ ସହରର ଭାଇଚାରା ପରମ୍ପରାର ଏକ ସୁନ୍ଦର ନିଦର୍ଶନ ଏଠାରେ ଦେଖିବାକୁ ମିଳେ।

## ବିଇଓଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା

**କବିସୂର୍ଯ୍ୟନଗର, ୪।୧୦ (ନି.ପ୍ର):** ଆଜି କବିସୂର୍ଯ୍ୟନଗର କଲ୍ୟାଣ ମଣ୍ଡପ ଠାରେ ଅବସର ପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ଅଭିମନ୍ୟୁ ସାହୁଙ୍କ ଉଦ୍ଦେଶ୍ୟରେ ଏକ ଅବସର କାଳୀନ ସମ୍ବର୍ଦ୍ଧନା ସଭା ପ୍ରଧାନ ଶିକ୍ଷକ ଶ୍ରୀ ଦିବାକର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ କବିସୂର୍ଯ୍ୟନଗର ବିଧାୟକ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ରୂପେ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ରାଜେନ୍ଦ୍ର ପ୍ରସାଦ ନାୟକ ମୁଖ୍ୟ ବକ୍ତା ରୂପେ, ସମ୍ମାନିତ ଅତିଥି ଭାବରେ ଶିକ୍ଷକ ସଂଘ ସଭାପତି ନାରାୟଣ ବେହେରା, ଶ୍ରୀ ଚନ୍ଦ୍ର ଶେଖର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମିହିର କୁମାର ଶତପଥୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୀମାଞ୍ଚଳ ପାଣି, ପୂର୍ବତନ ଶିକ୍ଷକ ନେତା, ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ଜୟସେନ ସେଠୀ, ସହକାରୀ ପ୍ରାଧ୍ୟାପକ ଅନୁ କିରଣ ସାହୁ, ପ୍ରଧାନ ଶିକ୍ଷକ ମଧୁସୂଦନ ମହାପାତ୍ର, ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ବରିଷ୍ଠ ସହାୟକ ଶ୍ରୀ ସନ୍ତୋଷ କୁମାର ସେଠୀ ଏବଂ ବିଭିନ୍ନ ବ୍ଲକରୁ ଆସିଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୁଖ ମଞ୍ଚାସିନ ଥିଲେ। ଉପସ୍ଥିତ ଅତିଥି ଗଣ ଶ୍ରୀ ସାହୁଙ୍କ ଦୀର୍ଘ ୩୯ ବର୍ଷ ର ଶୈକ୍ଷିକ କାର୍ଯ୍ୟକାଳ ମଧ୍ୟରେ ଏକା ଧାରାରେ ପ୍ରଧାନ ଶିକ୍ଷକ, ଶିକ୍ଷାନୂପରିଦର୍ଶକ, ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ, ଗୋଷ୍ଠୀ ଶିକ୍ଷାଧିକାରୀ ରୂପେ ବିଭିନ୍ନ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ସମ୍ପୃକ୍ତ କାର୍ଯ୍ୟକ୍ରମରେ ସୋରଡ଼ା, ଧରାକୋଟ ଅଞ୍ଚଳର ବହୁ ଶିକ୍ଷକ ଯୋଗ ଦେଇ ସାହୁ ବାବୁଙ୍କ ନିମନ୍ତେ ସମ୍ବର୍ଦ୍ଧନା ସୂଚକ ଅଭିବ୍ୟକ୍ତି ଉପସ୍ଥାପନ କରିଥିଲେ। କବିସୂର୍ଯ୍ୟ ନଗର ବ୍ଲକର ସମସ୍ତ ସାଧନ କେନ୍ଦ୍ର ସଂଯୋଜକ, ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକ ଓ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ସହିତ ଶ୍ରୀ ସାହୁଙ୍କ କାର୍ଯ୍ୟଦକ୍ଷତା, ନିଷ୍ଠା ଓ ସେବା କାର୍ଯ୍ୟକୁ ନେଇ ସମସ୍ତେ ପ୍ରଶଂସା କରିଥିଲେ।




## ୱାର୍ଡ ନଂ ୪୬ରେ ଡ୍ରେନ୍ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କଲେ ମେୟର ସୁବାସ ସିଂହ

**କଟକ, ୪।୧୦ (ନି.ପ୍ର) :** କଟକ ମହାନଗର ନିଗମ (କେ .ଏମ୍.ସି.) ୱାର୍ଡ ନମ୍ବର ୪୬ ଅନ୍ତର୍ଗତ କାଳିଆବୋଦା ସ୍ଥିତ ଗୁରୁକ୍ଷେତ୍ର ପଡ଼ିଆ ନିକଟରେ ଆଜି ପୂର୍ବାହ୍ନ ୧୧:୦୦ ଘଟିକା ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ଡ୍ରେନ୍ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାନ୍ୟବର କଟକ ମେୟର ଶ୍ରୀ ସୁବାସ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ କରକମଳରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ସୁଭ ଅବସରରେ ମାନ୍ୟବର ମେୟରଙ୍କ ସହିତ ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶ୍ରୀ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ସାମାଜିକ ନ୍ୟାୟ ଓ ସାଧାରଣ ଅଭିଯୋଗ ଷ୍ଟାଣ୍ଡିଂ କମିଟି ଅଧକ୍ଷା ଅଥା ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ପ୍ରଳୟା ବେଉରା, ୪୬ ନମ୍ବର ୱାର୍ଡ ବିଜେଡି ସଭାପତି ଶ୍ରୀ ତ୍ରୈଲୋକ୍ୟ ବିହାରୀ ପଟ୍ଟନାୟକ ଏବଂ ୱାର୍ଡ କାର୍ଯ୍ୟକାରୀ ସଭାପତି ଶ୍ରୀ ରମେଶ ଚନ୍ଦ୍ର ବେଉରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହା ସହିତ ସ୍ଥାନୀୟ ଗ୍ରାମ ମୁରବୀ ଶ୍ରୀ ବସନ୍ତ କୁମାର ମହାନ୍ତି, ଶ୍ରୀ ବବୁନି ବାରିକ, ଶ୍ରୀ ଲକ୍ଷ୍ମୀଧର ବେହେରା, ଶ୍ରୀ ଗୋଲେଖ ଚନ୍ଦ୍ର ମହାନ୍ତି, ଶ୍ରୀ ମନୋରଞ୍ଜନ ଜେନା, ଶ୍ରୀ ବାବୁ ବାରିକ, ଶ୍ରୀ ସଙ୍ଗମ ସିଂ, ଶ୍ରୀ ତନ୍ମୟ ବାବୁ, ଶ୍ରୀ ମହାନ୍ତିଙ୍କ ସମେତ ଅଞ୍ଚଳର ୧୦୦ ରୁ ଉର୍ଦ୍ଧ୍ୱ ମହିଳା, ଯୁବକ ଓ ନାଗରିକମାନେ ଉପସ୍ଥିତ ଥିଲେ। ଦୀର୍ଘଦିନର ସମସ୍ୟା ପରେ ଡ୍ରେନର ଉନ୍ନତିମୂଳକ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଅଞ୍ଚଳର ବାସିନ୍ଦା ଓ ମୁରବୀମାନେ ଗଭୀର ସନ୍ତୋଷ ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ଅଞ୍ଚଳର ଜଳନିଷ୍କାସନ ଓ ପରିମଳ ସମସ୍ୟାର ସ୍ଥାୟୀ ସମାଧାନ ହେବା ସହ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ପରିବାର ପ୍ରତ୍ୟକ୍ଷ ଭାବେ ଉପକୃତ ହେବେ ବୋଲି ସ୍ଥାନୀୟ ଲୋକେ ଆଶା ବ୍ୟକ୍ତ କରିଛନ୍ତି।



### ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ଷଷ୍ଠତମ ଶ୍ରାଦ୍ଧବାର୍ଷିକ

## ଅଖଣ୍ଡ ପ୍ରଦୀପ ପୁସ୍ତକ ଉନ୍ମୋଚନ

**ପିପିଲି,୪।୧୦ (ନି.ପ୍ର):** ପିପିଲି ନିର୍ବାଚନ ମଣ୍ଡଳୀର ୭ଥର ବିଧାୟକ ତଥା ପୁର୍ବତନ ମନ୍ତ୍ରୀ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ୬ଷ୍ଠ ତମ ଶ୍ରାଦ୍ଧବାର୍ଷିକ ପିପିଲିସ୍ଥିତ ମାଣିକ ଗାର୍ଡେନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେଢାଖୋଲ ବିଧାୟକ ତଥା ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ,ବିଜୁ ଜନତା ଦଳର ଉପସଭାପତି ଦେବୀ ପ୍ରସାଦ ମିଶ୍ର,ପୁର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ,ପୁର୍ବତନ ବିଧାୟକ ସୟ କୁମାର ଦାସବର୍ମା,ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଂଟିଆ ,କାକଟପୁର ନିର୍ବାଚନ ମଣ୍ଡଳୀର ବିଧାୟକ ତୁଷାରକାନ୍ତୀ ବେହେରା, ପୁର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ,ପୁରୀଜିଲ୍ଲା ବିଜୁ ଜନତା ଦଳ ସଭାପତି ତଥା ପୁର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ,ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ,ସୁବ୍ରତ କୁମାର ଛାଟେଇ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାରଥୀଙ୍କ ସ୍ମୃତୀ ଚାରଣ କରିବା ସହ ତାଙ୍କର ଲୋକପ୍ରୟତା, କାର୍ଯ୍ୟଦକ୍ଷତା, ନିର୍ଭିକ ଓ ସାହସିକତା ଅଂଚଳର ବିକାଶ ଭଳି କାର୍ଯ୍ୟ ପାଇଁ ସାରା ରାଜ୍ୟର କୋଣ ଅନୁକୋଣରେ ଯୁବ ଛାତ୍ର ମହିଳା ମାନଙ୍କ ହୃଦୟରେ ସ୍ଥାନ ପାଇଥିଲେ। ତାଙ୍କର ଦୃନୀତି ବିରୋଧରେ ଲଢେଇ ପାଇଁ ସବୁଠି ପରିଚିତ ଓ ଲୋପ୍ରିୟ ଜନନେତା ଭାବେ ନିଜକୁ ପରିଚିତ କରିପାରିଥିଲେ। ମୃତ୍ୟୁ ପରେ ବି ମହାରଥୀଙ୍କ ଡାଇଲଗ ଯୁବ ଛାତ୍ରଙ୍କ ପାଇଁ ପ୍ରେରଣ ସାଜିଛି। ସୋସିଆଲ ମିଡିଆରେ ଏବେ ବି ତାଙ୍କ ଭାଷଣ ଲୋକପ୍ରିୟତା ପାଇଛି। ସେ ଜଣେ କେବଳ ରାଜ୍ୟ ସ୍ତରୀୟ ନେତୃତ୍ୱ ନଥିଲେ ସେ ଥିଲେ ସଂସ୍କୃତୀ ପ୍ରେମୀର ପ୍ରତୀକ ବୋଲି ଅତିଥୀମାନେ କହିଥିଲେ। ।ଏହି ଅବସରରେ ଅଖଣ୍ଡ ପ୍ରଦୀପ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ସ୍ୱର୍ଗତ ମହାରଥୀଙ୍କ ଧର୍ମପତ୍ନୀ ପ୍ରାକ୍ତନ ଅଧାପିକା ଡଃ ପ୍ରତିଭା ମହାରଥୀ ସଭା ପରିଚାଳନା କରିଥିଲେ। ତାଙ୍କର ସୁପୁତ୍ର ପୁର୍ବତନ ବିଧାୟକ ରୁଦ୍ରପ୍ରତାପ ମାହାରଥୀ ଓ ଝିଅ ପଲ୍ଲବୀ ମହାରଥୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ୪ଜଣ ବ୍ୟକ୍ତି ବିଶେଷ ଡେଲାଙ୍ଗ ବ୍ଲକର ପୁର୍ବତନ ବ୍ଲକ ଅଧ୍ୟକ୍ଷ ବୌରାଗୀ ଜେନା,ପୁର୍ବତନ ସରପଂଚ ପ୍ରସନ୍ନ ମହାରଥୀ,ସଦାଶିବ ଦାଶ, ଜବାର ଖାଁଙ୍କୁ ପ୍ରଦୀପ ସେବା ସମ୍ମାନରେ ଅତିଥୀମାନଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା। ସେହିପରୀ ପିପିଲି ଡେଲାଙ୍ଗ ଅଂଚଳରୁ ୨୦୨୬ ମସିହାରେ ମାଟ୍ରିକ୍ ପରୀକ୍ଷା ଏ୧ରେ ଉତିର୍ଣ୍ଣ ହୋଇଥିବା ୬ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନୀତ କରାଯାଇଛି। ଶେଷରେ ଡଃ ପ୍ରେମ ନାରାୟଣ ଜଗଦେବ ଧନ୍ୟବାଦ ଦେଇଥିଲେ। ଅତିଥିମାନେ ପ୍ରଥମେ ବିଜୁ ଜନତା ଦଳ କାର୍ଯ୍ୟାଳୟ ନିକଟରେ ଥିବା ବିଜୁ ବାବୁ ଓ ପ୍ରଦୀପ ମହାରଥିଙ୍କ ପ୍ରତିମୃର୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ଓ ପୁରୁଷ , ଯୁବ ଛାତ୍ର ମାନେ ଯୋଗ ଦେଇଥିଲେ।



## ଗାନ୍ଧି ଜୟନ୍ତୀରେ ଆୟୁଷ ଡାକ୍ତର କଲେ ରୋଗି ପରୀକ୍ଷା




**ଜଟଣୀ,୪।୧୦ (ନି.ପ୍ର):** ଲାଲ ବାହାଦୁର ଶାସ୍ତ୍ରୀ ଓ ମୋହଲାଲ କରମଚାନ୍ଦ ଗାନ୍ଧିଙ୍କ ଜନ୍ମ ଜୟନ୍ତୀରେ ବରିଷ୍ଠ ନାଗରିକ ମଞ୍ଚର ନିଆରା ପ୍ରୟାସ। ମହାନ ବ୍ୟକ୍ତିଙ୍କ ଜନ୍ମ ଜୟନ୍ତୀରେ, ବରିଷ୍ଠ ନାଗରିକ ମଞ୍ଚ ନିଃଶୁଳ୍କ ଆୟୁଷ୍ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲେ। ଏହି ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ, ବରିଷ୍ଠ ନାଗରିକ ମଞ୍ଚର ସଭାପତି, ଅରୁଣ କୁମାର ମହାନ୍ତି, ସମ୍ପାଦକ ସଚ୍ଚିଦାନନ୍ଦ ପଟ୍ଟନାୟକ, ଉପ ସଭାପତି ଚଣ୍ଡୀ ପ୍ରସାଦ ସିଂ, ସତ୍ୟବାଦୀ ସାହୁ, ଯୁଗ୍ମ ସମ୍ପାଦକ ପଦ୍ମ ଲୋଚନ ସାହୁ, ସାମ୍ବାଦିକ ଧିରେନ ପ୍ରତିହାରୀ, ସାମ୍ବାଦିକ ନୀଳାମ୍ବର ମିଶ୍ର ପ୍ରମୁଖ। ଏତଦ୍‌ବ୍ୟତୀତ ସାଂସଦଙ୍କ ପ୍ରତିନିଧି ସତୀଶ ଶର୍ମା, ବିଜେପି କର୍ମୀ ପ୍ରଶାନ୍ତ ନାୟକ ପ୍ରବୃତ୍ତି ଯୋଗ ଦେଇଥିଲେ। ଶର୍ବ ପ୍ରଥମେ ଗାନ୍ଧିଜୀ ଓ ଶାସ୍ତ୍ରିଜୀଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇ ସ୍ୱାସ୍ଥ୍ୟ ଶିବିରର ଶୁଭ ଉଦଘାଟନ କରାଯଇଥିଲା। ଏହି ମହାନ କାର୍ଯ୍ୟକ୍ରମକୁ ସହୋଯାଗ କରିଥିଲେ, ଆୟୁଷ୍ ଡା. ସସ୍ମିତା ଗୁମାନସିଂ, ଜିଲ୍ଲା ମେଡିକାଲ ଅଫିସର କଟକ, ଡା. ସୁନୀଲ ବେହେରା ମେଡିକାଲ ଅଫିସର, କଟକ, ଡା. ପୁଷ୍ପାରାଣୀ ପୁନିତା ବରିଷ୍ଠ ମେଡିକାଲ ଅଫିସର, ନିର୍ଶ୍ଚିନ୍ତ କୋଇଲି, ଡା. ସୁବ୍ରତା ପାତ୍ର, ଉପ ଅଧିକାରୀଣୀ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର, ଜଟଣୀ। ପ୍ରତେକ୍ ପ୍ରତେକଙ୍କ ସ୍ୱଛାକୃତ ପ୍ରଚେଷ୍ଟାରେ, ବରିଷ୍ଠ ନାଗରିକ ମାନଙ୍କୁ ଚିକିତ୍ସା କରିବା ସହିତ, ବହୁ ମାତ୍ରାର ମାଗଣା ଔଷଧ ବିତରଣ କରିଥିଲେ। ଉକ୍ତ ଆୟୁଷ୍ ସ୍ୱାସ୍ଥ୍ୟ ଶିବିରରେ ଜଟଣୀର ପ୍ରାୟ ଅନେକ ରୋଗୀଙ୍କ ମଧ୍ୟରେ ଡାଇବେଟିସ, ବାତରୋଗ, ଜ୍ୱର, ବହୁମୂତ୍ର ଭଳି ଅନେକ ରୋଗର ଚିକିତ୍ସା କରାଯାଇଥିଲା। ତାହାସହିତ ରକ୍ତ ନମୁନା ମଧ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ପ୍ରହଲ୍ଲାଦ ସ୍ୱାଇଁ, କେ ରାମା ରାଓ, ପ୍ରଭାତ କୁମାର ସାହୁ ଏବଂ ଅନ୍ୟ କର୍ମକର୍ତ୍ତା ମାନେ ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ତେରାପନ୍ଥ ହସ୍ତକଳା ପ୍ରଦର୍ଶନୀ ଉଦ୍‌ଘାଟିତ



**କଟକ, ୪।୧୦ (ନି.ପ୍ର) :** କଟକ ସହରରେ ପ୍ରଥମ ଥର ପାଇଁ ତେରାପନ୍ଥ ସମ୍ପ୍ରଦାୟ ପକ୍ଷରୁ କାଠଗଡା ସାହିସ୍ଥିତ ତେରାପନ୍ଥ ଭବନ ପରିସରରେ ଗତ ୨ରୁ ମୁନିଶ୍ରୀ ମୋହଜିତ କୁମାର, ମୁନିଶ୍ରୀ ଭବ୍ୟ କୁମାର ଓ ମୁନିଶ୍ରୀ ଜୟେଶ କୁମାରଙ୍କ ସଂଯୋଜନାରେ ତେରାପନ୍ଥ ହସ୍ତକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କଟକ ସାଂସଦ ଶ୍ରୀ ଭର୍ତ୍ତୃହରି ମହତାବ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରଫେସର ଡ. ସତ୍ୟନାରାୟଣ ରାଉତରାୟ, ବିଜେପି ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକ, କଟକ ମାରୱାଡ଼ି ସମାଜର ସଭାପତି ସଞ୍ଜୟ ଶର୍ମା ପ୍ରମୁଖ ଯୋଗ ଦେଇ ଉଦଘାଟନ କରିଥିଲେ। ଏହି ପ୍ରଦର୍ଶନୀରେ ହସ୍ତନିର୍ମିତ କଳାକୃତି, ସୂକ୍ଷ୍ମ ପେପର କଟିଂ, ପିପଳ ପତ୍ର ଉପରେ କୁଶଳୀ କାରିଗରୀ ଦ୍ୱାରା ବିଭିନ୍ନ ପ୍ରକାରର ମନ୍ତ୍ର ଉଚ୍ଚାରଣ ଆଦି ପଦର୍ଶିତ କରାଯାଇଥିଲା। ଏହି ପଦର୍ଶନୀ ୪ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହି ପଦର୍ଶନୀରେ ସମାଜର ବହୁ ସଦସ୍ୟ ଉତ୍ସାହର ସହ ଯୋଗଦେଇଥିଲେ।

## କଟକ ଫେଷ୍ଟିଭ୍ ଡିଲର୍ ମିଟ୍‌ରେ OPPO F35 ସିରିଜ୍‌ର ଉନ୍ମୋଚନ

**କଟକ, ୪।୧୦ (ନି.ପ୍ର):** କଟକର OPPO ବିତରକ JVC Associates ପକ୍ଷରୁ ପ୍ରମୋଦ ହୋଟେଲ୍‌ରେ OPPO Festive Dealer Meet 2026 ଆୟୋଜିତ ହୋଇଥିଲା। ଏହି ଅବସରରେ ନୂତନ ଝଚଚଙ ଋ୩୫ ସିରିଜ୍‌ର ଉନ୍ମୋଚନ କରାଯାଇଥିଲା। କଟକର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୫୦ ଜଣ OPPO ଡିଲର୍ ଏହି ସମାରୋହରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ OPPO ଓଡ଼ିଶା ସେଲ୍ସ ଡାଇରେକ୍ଟର କାଜଲ କୁମାର ଦାଶ, ରିଜିଓନାଲ୍ ମ୍ୟାନେଜର ସନ୍ତୋଷ କୁମାର ଦାଶ, ASM ସମର ସତ୍ୟ ପ୍ରକାଶଙ୍କ ସମେତ JVC Associatese ମାଲିକ ଜୟ ପ୍ରକାଶ ଅଗ୍ରୱାଲ୍ ଏବଂ ବହୁ ସଂଖ୍ୟକ ଝଚଚଙ ଡିଲର୍ ଉପସ୍ଥିତ ଥିଲେ। ଏହି ସମାବେଶରେ ଭାରତରେ OPPOe ୧୦ ବର୍ଷର ଯାତ୍ରାକୁ ମଧ୍ୟ ଉତ୍ସବମୁଖର ପରିବେଶରେ ପାଳନ କରାଯାଇଥିଲା। ଚ୍ୟାନେଲ୍ ପାର୍ଟନର୍ ଓ ଡିଲର୍‌ମାନଙ୍କ ସହ OPPOe ଦୀର୍ଘଦିନର ସମ୍ପର୍କ ଏବଂ ସହଯୋଗକୁ ଏହି ଅବସରରେ ସ୍ମରଣ କରାଯାଇଥିଲା। ଉପସ୍ଥିତ ଡିଲର୍ ମାନଙ୍କୁ ସମ୍ବୋଧିତ କରି ଜୟ ପ୍ରକାଶ ଅଗ୍ରୱାଲ୍ ଗତ ୧୯ ବର୍ଷ ଧରି JVC Associates ଉପରେ ଡିଲର୍ ସମୁଦାୟ ରଖିଥିବା ବିଶ୍ୱାସ, ଆସ୍ଥା ଓ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ଆଗାମୀ ଦିନରେ ମଧ୍ୟ ଡିଲର୍‌ମାନଙ୍କ ସହ ମଜବୁତ ସମ୍ପର୍କ ଗଢ଼ିବା ସହ ବ୍ୟବସାୟିକ ବିକାଶ ପାଇଁ JVC Associates ପ୍ରତିବଦ୍ଧ ରହିବ ବୋଲି ସେ କହିଥିଲେ। ସେହିପରି OPPO ରିଜିଓନାଲ୍ ମ୍ୟାନେଜର ସନ୍ତୋଷ କୁମାର ଦାଶ ଡିଲର୍ ପାର୍ଟନର୍‌ମାନଙ୍କ ନିରନ୍ତର ସହଯୋଗକୁ ପ୍ରଶଂସା କରିବା ସହ ଏକ ମଜବୁତ ଓ ସହଯୋଗୀ ଚ୍ୟାନେଲ୍ ନେଟୱର୍କର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ OPPO ୩୫ ସିରିଜ୍‌ର ଉନ୍ମୋଚନ ସହ ଆଗାମୀ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି OPPO ପକ୍ଷରୁ ବିଭିନ୍ନ ପଦକ୍ଷେପ ଓ ବ୍ୟବସାୟିକ ସୁଯୋଗ ସମ୍ପର୍କରେ ଡିଲରମାନଙ୍କୁ ଅବଗତ କରାଯାଇଥିଲା।



